

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୯ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 29 July 2026
Vol.No. 36 ■ No.197 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ୍ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଯାଞ୍ଚ କରାଯାଉ, କାର୍ଯ୍ୟାନୁଷ୍ଠାନ ନହେଉ : ୮ ରାଜ୍ୟକୁ ନୋଟିସ୍ ଜାରି କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୮/୭ : ରାଜଧାନୀ ଦିଲ୍ଲୀର ଜନ୍ତରମନ୍ତରରେ କକ୍ରୋଚ୍ ଜନତା ପାର୍ଟି(ସିଜେପି) ପକ୍ଷରୁ ବିକ୍ଷୋଭ ସମୟରେ, ପୁଲିସ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଲାଠିଚାର୍ଜ କରିଥିଲା ଏବଂ ଲୁହ ବୁହା ଗ୍ୟାସ୍ ମଧ୍ୟ ପ୍ରୟୋଗ କରିଥିଲା। ଏହି ମାମଲାର ଶୁଣାଣିରେ ସୁପ୍ରିମକୋର୍ଟରେ ମଙ୍ଗଳବାର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଏହାର ତଦନ୍ତ କରାଯିବା ଉଚିତ୍ ଏବଂ ଉତ୍ତରଦାୟିତ୍ୱ ସ୍ଥିର କରାଯିବା ଜରୁରୀ। ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି,ପ୍ରଥମେ ପ୍ରତିବାଦ ଶାନ୍ତିପୂର୍ଣ୍ଣ ଥିଲା, କିନ୍ତୁ ପରେହିଂସା ଆରମ୍ଭ ହୋଇଥିଲା। ଏହାର ଦୁଇଟି କାରଣ ହୋଇପାରେ, ପ୍ରଥମତଃ, ପୁଲିସ ଅତ୍ୟଧିକ କଠୋର ଥିଲା, ଏବଂ ଦ୍ୱିତୀୟତଃ, ହିଂସାକୁ ଉସୁକାଇବାକୁ ଚାହୁଁଥିବା ବ୍ୟକ୍ତିମାନେ ପ୍ରତିବାଦକାରୀଙ୍କ ମଧ୍ୟରେ ଅନୁପ୍ରବେଶ କରିଥିଲେ। ଏନେଇ ଏକ ପ୍ରୋଟୋକଲ ପ୍ରସ୍ତୁତ ହେବା ପରେ, ଦାୟିତ୍ୱ ନିର୍ଣ୍ଣୟ କରିବା ସହଜ ହେବ।ବିରୋଧ ପ୍ରଦର୍ଶନ ସମ୍ପର୍କରେ ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ ସମେତ ଆଠଟି ରାଜ୍ୟକୁ ନୋଟିସ୍ ଜାରି କରିଛନ୍ତି। ଏହି ତାଲିକାରେ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ବିହାର, ଆସାମ, କେରଳ, ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶ ଅନ୍ତର୍ଭୁକ୍ତ ରହିଛନ୍ତି। ଶୁଣାଣି ସମୟରେ, ସୁପ୍ରିମକୋର୍ଟ କହିଛନ୍ତି, ମହାରାଷ୍ଟ୍ର, ବିହାର, ଗୁଜରାଟ, କେରଳ, ଆସାମ ଏବଂ ଉତ୍ତର ପ୍ରଦେଶର ମାମଲାଗୁଡ଼ିକୁ ଏଠାରେ ତାଲିକାଭୁକ୍ତ କରାଯାଇଛି। ମତବ୍ୟକ୍ତ କରିବାର ଅଧିକାର ଏବଂ ଜୀବନ ବଞ୍ଚିବାର ଅଧିକାରକୁ ଉଲ୍ଲେଖ କରାଯାଇଛି।

◆◆ପୃଷ୍ଠା ୭

## ଫାଇଲ ଚୋରି ମାମଲାରେ ପଶିଲା କ୍ରାଇମବ୍ରାଞ୍ଚ: ହାଜର ହୋଇ ନଥିବା ବାବୁଙ୍କୁ ପୁଣି ହୋଇପାରେ ନୋଟିସ




ଭୁବନେଶ୍ୱର, ୨୮/୭ (ନି.ପ୍ର): ସିଏମ୍ଓରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲାର ତଦନ୍ତ କମିସନ୍ ଫାଇଲ୍ ଗାଏବ ଘଟଣା। କ୍ରାଇମବ୍ରାଞ୍ଚ ତଦନ୍ତ ଦାୟିତ୍ୱ ନେବା ପରେ ତନାଘନା ଆରମ୍ଭ କରିଛି। କ୍ୟାପିଟାଲ ଥାନାରେ ୩ ଜଣିଆ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚି ଛାନଭିନ୍ କରିଛନ୍ତି। ସେପଟେ ଏହାକୁ ନେଇ ରାଜନୈତିକ ବୟାନବାଜି ତେଜିଛି। ହାଇପ୍ରୋଫାଇଲ ମାମଲା, ପ୍ରାୟ ଦେଢ଼ ମାସ ଧରି ଘଣ୍ଟା ଚକଟା ଚାଲିଲା। ହେଲେ କମିସନରେଟ ପୁଲିସ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲାର ତଦନ୍ତ କମିସନ୍ ଫାଇଲ୍ ଗାୟବର କାର୍ପଟଦାରମାନଙ୍କୁ ସାମ୍ନାକୁ ଆଣିପାରିଲା ନାହିଁ। କେବଳ ନୋଟିସ ଓ ସମନରେ ଅଟକିଗଲା। ତଦନ୍ତ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ କ୍ରାଇବ୍ରାଞ୍ଚକୁ ଦାୟିତ୍ୱ ଦେବା ପରେ ମାମଲା ରୁଜୁ କରି ଖୋଳତାଡ଼ ଆରମ୍ଭ କରିଛି । କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସପି ଆଶୁତୋଷ ମିଶ୍ରଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ କ୍ୟାପିଟାଲ ଥାନାରେ ପହଞ୍ଚି ଆରମ୍ଭ କରିଛନ୍ତି ତନାଘନା। କମିଶନରେଟ ପୋଲିସ ପୂର୍ବରୁ କରିଥିବା ତଦନ୍ତ ରିପୋର୍ଟ ନିଜ ହେପାଜତକୁ ନେଇଛି। କ୍ୟାପିଟାଲ ଥାନା ପକ୍ଷରୁ ନୋଟିସ ସତ୍ତ୍ୱେ ଯେଉଁ ଯେଉଁ ବାବୁ ହାଜର ହୋଇନଥିଲେ, ସେମାନଙ୍କୁ ପୁଣି ନୋଟିସ କରିପାରେ କ୍ରାଇମବ୍ରାଞ୍ଚ। ସୂଚନା ଅନୁସାରେ ପୂର୍ବରୁ ରାଜେଶ ବର୍ମା ଓ ଉପେନ୍ଦ୍ର ବେହେରା ପୁଲିସକୁ ଚିଠି ଲେଖି ବୟସାଧିକ କାରଣରୁ ହାଜର ନହେବା ପାଇଁ ଅନୁରୋଧ କରିଥିଲେ।

◆◆ପୃଷ୍ଠା ୭

## ଉତ୍ତରପ୍ରଦେଶ ରାଜନୀତି: ଓଏସିଙ୍କ ପ୍ରସ୍ତାବରେ ଦୋଛକିରେ ସମାଜବାଦୀ ପାର୍ଟି



ନୂଆଦିଲ୍ଲୀ,୨୮/୭ : ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଇଓଗଓଗ ମୁଖ୍ୟ ଅସଦୁଦ୍ଦିନ ଓ୍ୱବେସିଙ୍କ ମେଣ୍ଟ ପ୍ରସ୍ତାବ ମୁଖ୍ୟ ବିରୋଧୀ ଦଳ ସମାଜବାଦୀ ପାର୍ଟି ପାଇଁ ବଡ଼ ମୁଣ୍ଡବିନ୍ଧା ପାଲଟିଛି । ଏହି ପ୍ରସ୍ତାବ ସପାକୁ ଏପରି ଏକ ଜଟିଳ ପରିସ୍ଥିତିରେ ପକାଇଛି ଯେ, ମେଣ୍ଟ କଲେ ମଧ ବିପଦ ଏବଂ ନ କଲେ ମଧ ଭୋଟ୍ ବିଭାଜନର ଭୟ

◆◆ପୃଷ୍ଠା ୭

## ଲଗାଣ ବର୍ଷାରେ ବେହାଲ ସାରା ଓଡ଼ିଶା: ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ ସବୁଠି ଜଳବନ୍ଦୀ ସ୍ଥିତି

ଭୁବନେଶ୍ୱର, ୨୮/୭ (ନି.ପ୍ର): ଉତ୍ତରରୁ ଉପକୂଳ। ପଶ୍ଚିମରୁ ଦକ୍ଷିଣ ଯୁଆଡ଼େ ଦେଖିବ ଖାଲି ପାଣି ଆଉ ପାଣି। ଲଘୁଚାପ ଜନିତ ଲଗାଣ ବର୍ଷାରେ ବେହାଲ ଅଧା ଓଡ଼ିଶା। କେଉଁଠି ଅଣ୍ଟାଏ ଉଚ୍ଚର ପାଣି ତ କେଉଁଠି ଘର ଭିତରେ ଲହଡ଼ି ମାରୁଛି ବନ୍ୟା ଜଳ। ସ୍ଥିତି ଏମିତି ଯେ, ଅଧିକାଂଶ ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି।

◆◆ପୃଷ୍ଠା ୭



### ରାଜ୍ୟରେ ବନ୍ୟାସ୍ଥିତିର ମୁକାବିଲା ପାଇଁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ

ଭୁବନେଶ୍ୱର, ୨୮/୭ (ନି.ପ୍ର): ରାଜ୍ୟରେ ବିଶେଷତଃ ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ତିନି ବରିଷ୍ଠ ପ୍ରାଶାସନିକ ଅଧିକାରୀଙ୍କୁ ନିରୀକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଛି। ଭଦ୍ରକ ଜିଲ୍ଲା ନିମନ୍ତେ ସୁଧାଂଶୁ ମୋହନ ସାମଲ, ବାଲେଶ୍ୱର ଜିଲ୍ଲା ନିମନ୍ତେ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଯାଜପୁର ଜିଲ୍ଲା ନିମନ୍ତେ ପି. ଅନ୍ୱେଷା ରେଡ୍ଡୀଙ୍କୁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ଦିଆଯାଇଛି।

◆◆ପୃଷ୍ଠା ୭

## ଆନ୍ଦୋଳନ ପାଇଁ ବୁଣାକାର ମହାସଂଘର ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୨୮/୭ (ନି.ପ୍ର): ଭୁବନେଶ୍ୱର ୟୁନିଟ୍-୩, ଖାରବେଳନଗର ଠାରେ ଓଡ଼ିଶା ବୁଣାକାର ମହାସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ପ୍ରସ୍ତୁତି ବୈଠକରେ ବୁଣାକାରମାନଙ୍କର ବିଭିନ୍ନ ସମସ୍ୟା ଯଥା- ମାସିକ ଭତା, ଜୀବନ ବୀମା, ସରକାରଙ୍କ ପକ୍ଷରୁ ମଜୁରୀ ସହାୟତା, ହସ୍ତତନ୍ତ ବସ୍ତ୍ରରୁ ଜିଏସ୍ଟି ପ୍ରତ୍ୟାହାର ଦାବିରେ ଅଗଷ୍ଟ ମାସରେ ଭୁବନେଶ୍ୱରଠାରେ ଏକ ବୁଣାକାର ସମାବେଶ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଏକ ଦାବିପତ୍ର ଦିଆଯିବା ପାଇଁ ବୈଠକରେ ସ୍ଥିର କରାଗଲା । ଏହି ସମାବେଶରେ ରାଜ୍ୟର ବିଭିନ୍ନ ବୟନ ମଣ୍ଡଳରୁ ଶତାଧିକ ମହିଳା ଓ ପୁରୁଷ ବୁଣାକାରମାନେ ଯୋଗଦାନ କରିବାକୁ ନିଷ୍ପତି ନିଆଗଲା ।

## ବାପାକୁ ପଥରରେ ଛେଚି ହତ୍ୟା କଲା ପୁଅ: ସ୍ତ୍ରୀର ଗଳା କାଟି ସ୍ୱାମୀର ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର, ୨୮/୭ (ନି.ପ୍ର): ରାଜଧାନୀରେ ବୀଭତ୍ସ ହତ୍ୟା। ମଞ୍ଚେଶ୍ୱର ଅଞ୍ଚଳରେ ବାପାକୁ ପଥରରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରିଛି ପୁଅ। ମଞ୍ଚେଶ୍ୱର ଥାନା ଚକେଇସିଆଣି ମଞ୍ଜନାଥ ହାଇସ୍କୁଲ୍ ପାଖରେ ଘଟିଛି ହତ୍ୟାକାଣ୍ଡ। ପାରିବାରିକ କଳହ ଯୋଗୁଁ ହତ୍ୟାକାଣ୍ଡ ହୋଇଥିବା ଅନୁମାନ କରାଯାଉଛି। ଅନ୍ୟପଟେ, ଆଉ ଏକ ଘଟଣାରେ ସ୍ୱାମୀ ନିଜ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଦୁଇଟି ହତ୍ୟା ଘଟଣା ସମସ୍ତଙ୍କୁ ଚକିତ କରିଛି। କଲୋନିରେ ଆତଙ୍କର ବାତାବରଣ। କାନ୍ଦ ବୋବାଳିରେ ଫାଟି ପଡୁଛି ସାରା ଅଞ୍ଚଳ। ସାମାନ୍ୟ ବିଡ଼ି ପାଇଁ ବାପାକୁ ହତ୍ୟା କରିଛି ପୁଅ। ହତ୍ୟାକାଣ୍ଡ ପରେ ବି ମନରେ ନାହିଁ ପଶ୍ଚାତାପ। ନାମ: ଏସ୍ ଦେବରାଜ, ବୟସ:୨୫ ବର୍ଷ। ବାପା ଏସ. ଦୁର୍ଯ୍ୟୋଧନ ଜଣେ କଣ୍ଟ୍ରାକ୍ଟର। ଗୋଟିଏ ବୋଲି ପୁଅ, ଦୁଇ ଝିଅ ଓ ପତ୍ନୀଙ୍କୁ ନେଇ ପରିବାର।

◆◆ପୃଷ୍ଠା ୭

## ଲାଂଚ ନେବା ମାମଲାରେ ପୂର୍ବତନ ଆରଆଇଙ୍କୁ ୨ବର୍ଷ ଜେଲ

ଭୁବନେଶ୍ୱର, ୨୮/୭ (ନି.ପ୍ର): ଏକ ଲାଂଚ ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ, ପଂଚୁପଡ଼ା ଅନ୍ତର୍ଗତ କନ୍ଦରସିଂହା ରାଜସ୍ୱ ସର୍କଲର ଜଣେ ପୂର୍ବତନ ଆରଆଇ ମାଳତୀ ଦେହୁରୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ।ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ଢେଙ୍କାନାଳ ତାଙ୍କୁ ୨ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଏବଂ ଜରିମାନା ଦଣ୍ଡିତ କରିଛନ୍ତି। ମଙ୍ଗଳବାର ମାଳତୀ ଦେହୁରୀ ଏକ ମ୍ୟୁଟେସନ୍ ମାମଲାରେ ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ଜଣେ ଅଭିଯୋଗକାରୀଙ୍କଠାରୁ ଲାଂଚ ଦାବି କରିବା ଏବଂ ନେବା ଅଭିଯୋଗ ମାମଲାରେ ଚାର୍ଜସିଟ୍ କରାଯାଇଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ମାମଲାର ଶୁଣାଣି କରି ତାଙ୍କୁ ୨ ବର୍ଷର କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

## 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ବାର୍ଷିକ ଉତ୍ସବ ଓ ମିଳିତ ସମ୍ମାନ ପ୍ରଦାନ ସମାରୋହ-୨୦୨୬ରେ ସମ୍ବର୍ଦ୍ଧିତ ହୋଇଥିବା ପ୍ରତିଭାଧାରୀଗଣ...



ଡ. ଦେବାଶିଷ ପାତ୍ର, ଧ୍ୱନି ପ୍ରତିଧ୍ୱନି ପ୍ରବନ୍ଧ ସମ୍ମାନ | ଶ୍ରୀଯୁକ୍ତ ରାଜୀବ ପାଣି, ଧ୍ୱନି ପ୍ରତିଧ୍ୱନି କବିତା ସମ୍ମାନ | ଡ. ବାସନ୍ତୀ ମହାନ୍ତି, ସାଗରିକା ଗଳ୍ପ ସମ୍ମାନ | ଶ୍ରୀଯୁକ୍ତ ଶ୍ରୀବତ୍ସ ଜେନା, ବାଲେଶ୍ୱର ବରପୁତ୍ର ସମ୍ମାନ | ଡ. ନାରାୟଣ ପଣ୍ଡା, ସାଗରିକା ସାରସ୍ୱତ ସମ୍ମାନ | ଡ. ଝରଣା ପଟ୍ଟନାୟକ, ଧ୍ୱନି ପ୍ରତିଧ୍ୱନି ସାରସ୍ୱତ ସମ୍ମାନ



କେଶବ ଚନ୍ଦ୍ର ନାଥ, ଧ୍ୱନି ପ୍ରତିଧ୍ୱନି ସାମ୍ବାଦିକ ସମ୍ମାନ | ମଧୁସୂଦନ ମହାନ୍ତି, ଧ୍ୱନି ପ୍ରତିଧ୍ୱନି ସାମ୍ବାଦିକ ସମ୍ମାନ | ସୁଧାଂଶୁ ପଣ୍ଡା, ଧ୍ୱନି ପ୍ରତିଧ୍ୱନି ଶିକ୍ଷାବିତ୍ ସମ୍ମାନ | ସସ୍ମିତା ପଣ୍ଡା, ଧ୍ୱନି ପ୍ରତିଧ୍ୱନି ଯୁବପ୍ରତିଭା ସମ୍ମାନ | ପ୍ରଶାନ୍ତ କୁମାର ଦାଶ, ଧ୍ୱନି ପ୍ରତିଧ୍ୱନି ଶିଶୁ ସାହିତ୍ୟ ସମ୍ମାନ | ଭଗବାନ ସାହୁ, ସାଗରିକା ସମ୍ପାଦନା ସମ୍ମାନ | ଅଧ୍ୟାପିକା ମହାପାତ୍ର ସବିତା ହୋତା, ବିଦ୍ୟୁତ୍‌ଲତା ଦେବୀ ଗୀତି କବିତା ସମ୍ମାନ

## କୃମି ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୨୮/୦୭ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଚିର ନିରୋଗ ପାଇଁ କୃମି ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି ପିଲାମାନେ ବାହାରେ ଝାଡ଼ା ଫେରିଲେ, ତଳୁ ଗୋଟାଇ ଖାଇଲେ, ନଖ, ହାତ ସଫା ନକରି ଖାଇଲେ, ଅଧିକ ମିଠା, ଆମିଷ ଖାଇଲେ କୃମି ରୋଗ ହୁଏ । ଏହି ସବୁ କାରଣକୁ ଛାଡି ହଳଦୀ, ନଡ଼ିଆ କତା ବତୁରା ପାଣି, ନିମ୍ବ, ଜୁଆଣି ଓ ସପୁରୀପତ୍ର ରସ ଯେ କୌଣସି ଗୋଟିଏ ଦ୍ରବ୍ୟ କିଛିଦିନ ଖାଇଲେ ଭଲ ହୋଇଯାଏ । କୃମି ଯୋଗୁ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ଉଦରଶୂଳ ରକ୍ତହୀନତା, ଶ୍ୱେତପ୍ରଦର, ହୃଦ୍ ରୋଗ ମଧ ହୋଇପାରେ । ସମସ୍ତେ ପ୍ରତି ସପ୍ତାହରେ ଥରେ- ଦୁଇଥର ନିମ୍ବ କିମ୍ବା ହଳଦୀ ଖାଇବାକୁ ପରାମର୍ଶ ଦେଇଥିଲେ ।

ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା । ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ।

## କୋଲାବିରା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟ ଓ କାର୍ଯ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାପାଳ: ଶିକ୍ଷାର ଗୁଣାତ୍ମକ ମାନ ଏବଂ ଭିତିଭୂମିର ସମୀକ୍ଷା

ଝାରସୁଗୁଡ଼ା,୨୮/୦୭ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ କୋଲାବିରା ବ୍ଲକ୍ ର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ପରିବେଶ ଓ ଭିତିଭୂମିର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ପ୍ରଥମେ ସମାସିଂହା ସ୍ଥିତ କେ.ଜି. ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ନୂତନ ଭାବେ ନିର୍ମିତ ହେବାକୁ ଥିବା ମଧ୍ୟାହ୍ନ ଭୋଜନ ରନ୍ଧନ ଗୃହ ଏବଂ ଖାଇବା ସ୍ଥାନ ପାଇଁ ଜାଗା ଦେଖିବା ସହ ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ତୁରନ୍ତ ଶେଷ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବିଦ୍ୟାଳୟରେ ଏକ ବହୁମୁଖୀ ଗୃହ ନିର୍ମାଣ ପାଇଁ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବାକୁ କହିଥିଲେ। ସମସ୍ତ ଅଧିକାରୀ ନିୟମିତ କ୍ଷେତ୍ର ପରିଦର୍ଶନ କରି ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ରିପୋର୍ଟ ପ୍ରଦାନ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏହାପରେ ଜିଲ୍ଲାପାଳ କୋଲାବିରା ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ସେଠାରେ ଆୟୋଜିତ ଗଣେଶ ମୂର୍ତି ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିଲେ। କର୍ମଚାରୀଙ୍କ ସହ ଆଲୋଚନା କରି କାର୍ଯ୍ୟାଳୟ ପରିସରର ସୌନ୍ଦର୍ଯ୍ୟକରଣ, 'ଗୋଦାବରୀଶ ଶିକ୍ଷା ସଦନ' ପାଇଁ ଜମି ଚିହ୍ନଟ ପ୍ରକ୍ରିୟାର ଅଗ୍ରଗତି ଏବଂ ମାଟ୍ରିକ ପରୀକ୍ଷାରେ ଅଧିକରୁ ଅଧିକ ଏ୧ ଗ୍ରେଡ୍ ସଫଳତା ପାଇଁ ଯୋଜନା କରିବାକୁ ପରାମର୍ଶ ଦେଇଥିଲେ। ତା' ପରେ ଏନ୍.ଏଲ୍. ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଂଚି ଜିଲ୍ଲାପାଳ 'ପ୍ରଧାନମନ୍ତ୍ରୀ ପୋଷଣ' ଯୋଜନା ଅଧୀନରେ ଆୟୋଜିତ ତିଥି ଭୋଜନରେ ଅଂଶଗ୍ରହଣ କରିଥିଲେ। ମଧ୍ୟାହ୍ନ ଭୋଜନ ଗ୍ରହଣ କରିବା ପୂର୍ବରୁ 'ଭୋଜନ ମନ୍ତ୍ର' ପାଠ କରିଥିଲେ। ଏହାସହ ଶ୍ରେଣୀଗୃହକୁ ଯାଇ ଗଣିତ ଶିକ୍ଷାଦାନର ମାନ ଓ ପିଲାମାନଙ୍କର ଶୈକ୍ଷିକ ପ୍ରଗତି ଅନୁଧ୍ୟାନ କରିଥିଲେ। ବିଦ୍ୟାଳୟ କମିଟି ଦ୍ୱାରା ପ୍ରସ୍ତାବିତ ଶୌଚାଳୟ, ସାଇକେଲ ଷ୍ଟାଣ୍ଡ ଏବଂ ବହୁମୁଖୀ ଗୃହ ନିର୍ମାଣ ଦାବିକୁ ଗ୍ରହଣ କରି ଏହାପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଶେଷରେ ସିରିଆପାଲି ହାଇସ୍କୁଲ ପରିଦର୍ଶନ କରି ଜିଲ୍ଲାପାଳ ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସହ ସଂସ୍କୃତ ଭାଷାରେ ବାର୍ତାଳାପ କରି ସେମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ। ଶ୍ରେଣୀଗୃହ ବୁଲି ଦେଖିବା ସହ ପରୀକ୍ଷାରେ ବିଦ୍ୟାଳୟର ସଫଳତା ହାର ବୃଦ୍ଧି ପାଇଁ ଶିକ୍ଷକମାନଙ୍କୁ ଆବଶ୍ୟକ ମାର୍ଗଦର୍ଶନ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, କୋଲାବିରା ବ୍ଲକ୍ ଶିକ୍ଷାଧିକାରୀ ପ୍ରକାଶ ସାହୁ, ତହସିଲଦାର ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବୋଡ଼େନ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର: ୬୫ଟି ଅଭିଯୋଗର ଶୁଣାଣି, ରେଡକ୍ରସ ପାଣ୍ଠିରୁ ଦୁଇ ଜଣଙ୍କୁ ସହାୟତା

ନୂଆପଡ଼ା,୨୮/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲାର ବୋଡ଼େନ ବ୍ଲକ ପରିସରରେ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ, ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ ଓ ବୋଡ଼େନ ବ୍ଲକ ଅଧକ୍ଷା ପ୍ରେମଶିଳା ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଶିବିରରେ ମୋଟ ୬୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୭ଟି ବ୍ୟକ୍ତିଗତ ଏବଂ ୧୮ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ଜିଲ୍ଲାପାଳ ଅଭିଯୋଗକାରୀଙ୍କ ସମସ୍ୟା ଶୁଣି ବିଭିନ୍ନ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହାସହ ଜିଲ୍ଲାପାଳ ପୂର୍ବରୁ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିର ଗୁଡ଼ିକରେ ପ୍ରାପ୍ତ ଅଭିଯୋଗର ଫଇସଲା ସ୍ଥିତିର ସମୀକ୍ଷା କରିଥିଲେ। ବିଚାରାଧୀନ ରହିଥିବା ଅଭିଯୋଗ ଗୁଡ଼ିକର ଶୀଘ୍ର ସମାଧାନ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସେ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସୌଭାଗ୍ୟା ପାହାରିଆ ଏବଂ କ୍ଷୀରସାଗର ସାଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତାର ଚେକ୍ ପ୍ରଦାନ କରାଯାଇଥିଲା। ଶିବିର ଅବସରରେ ବ୍ଲକ ପରିସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଏବଂ ଆୟୁଷ୍ମାନ ଆରୋଗ୍ୟ ଶିବିରର ଆୟୋଜନ କରାଯାଇଥିଲା। ଉପସ୍ଥିତ ନାଗରିକମାନେ ଏହି ସେବାର ସୁଯୋଗ ଗ୍ରହଣ କରିଥିଲେ। ଡେପୁଟି ଜିଲ୍ଲାପାଳ ରୋଶନ କୁମାର ଜେନା, ବୋଡ଼େନ ବିଡିଓ ଚିନ୍ମୟ ସାଗର ଓ ତହସିଲଦାର ସରିତା ଗୁପ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗର ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ସାଧାରଣ ଲୋକ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ମୋବାଇଲ୍ ନେଟୱର୍କ ପାଇଁ ମୁଲଗୁଦାରି ଗ୍ରାମବାସୀଙ୍କ ରାସ୍ତାରୋକ

କନ୍ଧମାଳ,୨୮/୦୭ (ନି.ପ୍ର): ମୋବାଇଲ ନେଟୱର୍କ ସମସ୍ୟାକୁ ନେଇ ରାସ୍ତାରୋକ କଲେ ଫୁଲବାଣୀ ନିକଟସ୍ଥ ମୁଲଗୁଦାରି ଗ୍ରାମବାସୀ। କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଅନ୍ତର୍ଗତ ମୁଲଗୁଦାରି ଗ୍ରାମରେ ଦୀର୍ଘଦିନ ଧରି ମୋବାଇଲ ଟାୱାର ଥିଲେ ମଧ ନେଟୱର୍କ ସେବା ମିଳୁନଥିବାରୁ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ବହୁବାର ପ୍ରଶାସନକୁ ଜଣାଇଲେ ମଧ ସମସ୍ୟାର ସମାଧାନ ନ ହେବାରୁ ଆଜି ସକାଳେ ଗ୍ରାମବାସୀ ରାସ୍ତାରୋକ ଆନ୍ଦୋଳନ କରିଥିଲେ। ଫଳରେ ଉଭୟ ପଟରେ ଦୀର୍ଘ ସମୟ ଧରି ସେହି ରାସ୍ତାରେ ଗାଡି ମୋଟର ଚଳାଚଳ ଠପ୍ ହୋଇଯାଇଥିଲା । ଘଟଣାସ୍ଥଳରେ ଖଜୁରୀପଡ଼ା ପୋଲିସ ପହଂଚି ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଅନ୍ତର୍ଗତ ମୁଲଗୁଦାରି ଗ୍ରାମରେ ବହୁଦିନ ହେଲା ମୋବାଇଲ ଟାୱାର ବସିଥିଲେ ମଧ ନେଟୱର୍କ ସମସ୍ୟା ଲାଗି ରହିଛି। ଏନେଇ ଗ୍ରାମର ଏସଏସଜି ମହିଳା, ଯୁବକ ଓ ସ୍ଥାନୀୟ ବାସିନ୍ଦାମାନେ ବହୁବାର ଜିଲ୍ଲାପାଳ ଓ ଖଜୁରୀପଡ଼ା ବ୍ଲକ ପ୍ରଶାସନଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। କିନ୍ତୁ, ସମସ୍ୟାର ସମାଧାନ ନ ହେବାରୁ ଆଜି ଗ୍ରାମବାସୀ ରାସ୍ତାରୋକ କରି ପ୍ରତିବାଦ ଜଣାଇଥିଲେ। ଗ୍ରାମରେ ମୋବାଇଲ ନେଟୱର୍କ ନଥିବାରୁ ଜରୁରୀ ସମୟରେ ଆମ୍ବୁଲାନ୍ସ ଡାକିବା ପାଇଁ ପ୍ରାୟ ଏକ କିଲୋମିଟର ଦୂରକୁ ଯିବାକୁ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଚମ୍ପୁଆ ଶିଶୁ ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ

ଚମ୍ପୁଆ,୨୮/୦୭ (ନି.ପ୍ର): ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଗୁଇଁ ଯୋଗଦେଇ ଭାରତୀୟ ବୈଜ୍ଞାନିକ ମାନଙ୍କର ବିଜ୍ଞାନ କ୍ଷେତ୍ରରେ ଅବଦାନ ବିଷୟରେ ଛାତ୍ର ଛାତ୍ରୀମାନଙ୍କୁ ଅବଗତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଖିଳ ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ଗିରି ପ୍ରମୁଖ ଯୋଗଦେଇ ବିଜ୍ଞାନ କିପରି ମାନବ ଜୀବନକୁ ଉନ୍ନତ ଓ ସରସ ସୁନ୍ଦର କରିପାରିଛି ସେ ବିଷୟରେ ସଚେତନ କରିବା ସହିତ ନୂତନ ଉଦ୍ଭାବନ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ । ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ ଯୋଗଦେଇ ବିଜ୍ଞାନ ବିନା ଆଜି ମଣିଷ ତିଳେହେଲେ ବଂଚିବା ଅସମ୍ଭବ ବୋଲି କହିଥିଲେ । ପରିଚାଳନା ସମିତିର ସଦସ୍ୟା ପ୍ରତିଭା ମଞ୍ଜରୀ ନାୟକ ମଂଚାସୀନ ଥିଲେ । ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ଜ୍ଞାନ ବିଜ୍ଞାନ ମେଳାର ଆଭିମୁଖ୍ୟ କଥନ କରିବା ସହିତ ସୂଚନା ପ୍ରଦାନ କରିଥିଲେ । ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳାରେ ବିଜ୍ଞାନ ପ୍ରକଳ୍ପ, ପ୍ରଶ୍ନମଂଚ, ସଂସ୍କୃତ ଜ୍ଞାନ ପ୍ରଶ୍ନମଂଚ, ଗଣିତ ପ୍ରକଳ୍ପ, ବୈଦିକ ଗଣିତ ପ୍ରଶ୍ନମଂଚ, ପତ୍ରବାଚନ, କଥା କଥନ, ମୂର୍ତି କଳା ଆଦି ପ୍ରତିଯୋଗିତା କରାଯାଇ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ମୋଟ ୯୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ବିଭିନ୍ନ ବିଷୟରେ ମୋଟ ୨୪୮ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ବିଜ୍ଞାନ ଆଚାର୍ଯ୍ୟ କିର୍ତୀଚନ୍ଦ୍ର ମହାପାତ୍ର ଜ୍ଞାନ ବିଜ୍ଞାନ ମେଳାର ବିବରଣୀ ପାଠ କରିଥିଲେ। ନିର୍ମଳ ଚନ୍ଦ୍ର ମହାନ୍ତ, ରବିନ୍ଦ୍ର କୁମାର ପଣ୍ଡା, ପ୍ରିୟଦର୍ଶିନୀ ଗିରି, ପଲ୍ଲିଶ୍ରୀ ଭାର୍ଗବୀ ପ୍ରଧାନ, ସରଳା ପ୍ରଧାନ, ଓମପ୍ରଭା ପ୍ରଧାନ, ସୁଶାନ୍ତ କୁମାର ଗିରି, ଚିତ ରଞ୍ଜନ ମହାନ୍ତ, ସତ୍ୟଜିତ ପ୍ରଧାନ, ବସନ୍ତ କୁମାର ମହାନ୍ତ, ତ୍ରିବେଣୀ ପାତ୍ର, ସରୋଜ କୁମାର ପାତ୍ରଙ୍କ ସମେତ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବଡଜିଉନା ଗ୍ରାମରେ ଗୋଦାବରୀଶ ବିଦ୍ୟାଳୟ କରିବାକୁ ଦାବି

ଜୟପୁର,୨୮/୦୭ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ବଡଜିଉନା ଗ୍ରାମରେ ଗୋଦାବରୀଶ ବିଦ୍ୟାଳୟ କରିବାକୁ ଦାବି ହୋଇଛି । ଏନେଇ ଆଜି ଗ୍ରାମବାସୀ ମାନେ ଏକତ୍ରିତ ହୋଇ ଜୟପୁର ଉପ ଜିଲାପାଳ ଯଦୁମଣି ନାୟକଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗୋଦାବରିଶ ବିଦ୍ୟାଳୟ ବଡ ଜିଉନା ଠାରେ ଖୋଲାଯାଉ ଗ୍ରାମର ବିଦ୍ୟାଳୟ ନିକଟରେ ଜାଗା ରହିଛି । ସେହି ସ୍ଥାନରେ କଲେ ଗ୍ରାମର ମୁଖ୍ୟ ସ୍ଥାନ ଅଟେ ଏଠାରେ କଲେ ଗ୍ରାମ ପିଲାଙ୍କ ସହ ପାଖଭେଜାଗୁଡା, ପୁଷପୁରି, ସାନଜିଉନା, ଇନ୍ଦ୍ରାକୋଲନୀ, ମାଝୀଗୁଡା, ଚଟାମ୍ବଗୁଡା ଭଳି ଛଅଖଣ୍ଡ ଗ୍ରାମର ଛାତ୍ର ଛାତ୍ରୀ ପଢିବାର ସୁବିଧା ପାଇବେ । ଗତକାଲି ଯେଉଁ ସ୍ଥାନ ଚିହ୍ନଟ ହୋଇଛି ସେହି ସ୍ଥାନ ବଡ ଜିଉନା ଠାରୁ ୫ରୁ ୭ କି.ମି. ହେବ । ସଲପା ଗ୍ରାମରେ ହାଇସ୍କୁଲ ମଧ ଅଛି । ତେଣୁ ପ୍ରଶାସନ ବଡ ଜିଉନା ଠାରେ ଗୋଦାବରିଶ ବିଦ୍ୟାଳୟ ଖୋଲାଯାଉ ନଚେତ ବାୟାଗୁଡା ରାସ୍ତା ପାଖରେ ଜାଗା ରହିଛି ସେଠାରେ ମଧ କରାଯାଉ ବୋଲି ରାଜୁ ଜାନୀ, ସନ୍ୟାସି ଜାନି, ଭୀମ ପରଜା, ଘାସି ହରିଜନ ପ୍ରମୁଖ ଦାବି କରିଛନ୍ତି । ଦାବି ପତ୍ରର ନକଲ ଜୟପୁର ଗୋଷ୍ଠି ଶିକ୍ଷାଧିକାରି ଓ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । ଦାବି ପତ୍ର ଗ୍ରହଣ କରି ଜୟପୁର ଉପ ଜିଲାପାଳ ନାୟକ ପୁଣି ଗ୍ରାମକୁ ଯାଇ ଆରଆଇ ଓ ଅମିନ ବଡଜିଉନା ଗ୍ରାମରେ ଗୋଦାବରୀଶ ବିଦ୍ୟାଳୟ ନିର୍ମାଣ ନେଇ ଜଗା ଚିହ୍ନଟ କରିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ।

## ୩୬/୩୭ବର୍ଷର ଚନ୍ଦ୍ରଭାଗୋତ୍ସବ ଆନୁକୂଲ୍ୟରେ ପ୍ରଥମ ବୈଠକ ସାରସ୍ୱତ ସ୍ରଷ୍ଟା ରାଜୀବ ପାଣିଙ୍କ ପୁସ୍ତକ ପାଠକାର୍ପଣ



ବାଲେଶ୍ୱର,୨୮/୦୭ (ନି.ପ୍ର): ଏକକାଳୀନ ତିନୋଟି ସୃଜନ ସଂକଳନର ଉଦ୍ୟମ ଯେତିକି ଅୟସସାଧ୍ୟ ସେତିକି ଆଶ୍ଚର୍ଯ୍ୟର ବିଷୟ। ରାଉରକେଲାରେ ଜୀବନ ବିତାଉଥିବା ବାଲେଶ୍ୱର ଜିଲ୍ଲାର ବସ୍ତା (ଦରଡ଼ା) ନିବାସୀ ରାଜୀବ ପାଣି ଏକାଧାରାରେ କବି, ପ୍ରାବନ୍ଧିକ, ସୁବକ୍ତା, ନାଟ୍ୟ ନିର୍ଦ୍ଦେଶକ-ଅଭିନେତା, କ୍ଷୁଦ୍ର ଟେଲିଫିଲ୍ମ ଅଭିନେତା ଏବଂ ସର୍ବୋପରି ଜଣେ ଦକ୍ଷ ସଂଗଠକ ଭାବରେ ସର୍ବଜନବିଦିତ। ଓଡ଼ିଶାର ବହୁ ପରିଚିତ 'ଚନ୍ଦ୍ରଭାଗା' ଅନୁଷ୍ଠାନ ଆନୁକୂଲ୍ୟରେ ଶ୍ରୀ ପାଣିଙ୍କ ଏକକାଳୀନ 'ଆତ୍ମନାଦ' (କବିତା ସଂକଳନ), 'ନାଟ୍ୟକଳ୍ପ' (ଚିନ୍ତନର ଅଭିମୁଖ) ଏବଂ 'ଭାରତୀୟ ଦର୍ଶନ ଓ ଗୁରୁକୁଳ' (ଗବେଷଣାତ୍ମକ ସଂଦର୍ଭ ରଚନା) ବିଶିଷ୍ଟ ଲେଖକ ପ୍ରଶାନ୍ତ ଦାସଙ୍କ ପୌରୋହିତ୍ୟରେ ନାଟ୍ୟକାର ଡ. ପ୍ରଦୀପ ଭୌମିକ ତଥା ପ୍ରଫେସର ଡ. ଦେବାଶିଷ ପାତ୍ରଙ୍କ ଯୁଗ୍ମ ଉଦ୍‌ଘାଟନରେ ଲୋକାର୍ପିତ ହୋଇଯାଇଅଛି। ଲେଖକ ଶ୍ରୀ ପାଣିଙ୍କ ଭାବାବେଗ ଅନ୍ୱେଷକାରୀ ସୃଜନାଭିବ୍ୟକ୍ତି ଉପସ୍ଥିତ ଶ୍ରୋତାମାନଙ୍କୁ ଯେତିକି ମୁଗ୍ଧ କରିଥିଲା ସେତିକି ଉପାଦେୟ ଖେରାକରେ ଆକର୍ଷିତ କରିଥିଲା। 'ଚନ୍ଦ୍ରଭାଗା' ଅନୁଷ୍ଠାନର ପ୍ରତିଷ୍ଠାତା କବି ଶ୍ରୀଦେବଙ୍କ ସ୍ୱାଗତାବାହନରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ତରୁଣ କବି ଉତ୍ପଳ ମହାନ୍ତିଙ୍କ ଶେଷ ସ୍ପର୍ଶରେ ଏହି ପାଠକାର୍ପଣ ସନ୍ଧ୍ୟାକୁ ମୋହିତ କରିଥିଲା। ଏହି ସନ୍ଧ୍ୟାରେ ବାଲେଶ୍ୱର ସହରର ପ୍ରବୀଣ ପାଠକ-ଲେଖକ ସୁଶ୍ରୀ ଅରୁଣା ରାୟ, ଶ୍ରୀମତୀ ଅନସୂୟା ନାୟକ, ଶ୍ରୀମତୀ ଗୀତାଞ୍ଜଳି ଶତପଥୀ, ଶ୍ରୀମତୀ ଜ୍ୟୋତ୍ସ୍ନା ରାୟ, ଅଂଜୁଲତା ପଣ୍ଡା, ନାଟ୍ୟକାର ଆଶୀଷ ଚକ୍ରବର୍ତ୍ତୀ, ଗାଳ୍ପିକ ନିବାରଣ ଜେନା, କବି-କଥାକାର ଗଂଗାଧର ବିଶ୍ୱାଳ, କବି-କଥାକାର କୃଷ୍ଣ କୁମାର ମହାନ୍ତି, ଆଡ଼ଭୋକେଟ୍ ଶରତ ମହାପାତ୍ର, ଚିତ୍ରଶିଳ୍ପୀ ମରୁତ୍ ରାଉତ, ସୁ-ସଂଯୋଜକ ମଧୁସୂଦନ ମିଶ୍ର, ଡ. ଶଶିକାନ୍ତ ମହାନ୍ତି, 'ନାଟ୍'ର ପ୍ରତିଷ୍ଠାତା ଅରୁଣାଂଶୁ ପାଣିଗ୍ରାହୀ, ସଂଗଠକ ରାଜେଶ୍ ଗିରି, ଆଡ୍. ଅଶୋକ ସେନାପତି, ଆଡ୍.ରାମ ନାରାୟଣ ଦେ, ଆଡ୍. ତ୍ରିଦୀପ ନାୟକ, ଗାଳ୍ପିକା ସ୍ମୃତି ଦାସ, କବି ସୁକୁମାର ଦାସ, କବି ଶୁଭେନ୍ଦୁ ଦାସ, ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର, ସାମାଜିକ କର୍ମୀ ତୁଷାରକାନ୍ତି ତପସ୍ୱୀ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ପଦ୍ମଲୋଚନ ଦତ୍ତ, ସଂଗୀତଜ୍ଞା ଶ୍ରୀମତୀ କଲ୍ୟାଣୀ ନନ୍ଦ, ଅବସରପ୍ରାପ୍ତ ପ୍ରାଧ୍ୟାପକ କମଳାକାନ୍ତ ନାୟକ, ଡ. ଶିରୀଶ ଚନ୍ଦ୍ର ଜେନା, ଡ. ତ୍ରିଲୋଚନ ସାହୁ, ଅଧ୍ୟାପକ ଚନ୍ଦ୍ରାଂଶୁ ବାନାର୍ଜୀ, ଭାଗବତ ସାହୁ, କରୁଣାକର ସ, ପ୍ରଦୀପ ଭୋଇ, ରମେଶ ଚନ୍ଦ୍ର ଜେନା, କରୁଣାକର ସ ପ୍ରମୁଖ ବହୁ ସାରସ୍ୱତ ଅନ୍ୱେଷୀ ଉପସ୍ଥିତ ରହି ଆୟୋଜିତ ପୁସ୍ତକ ପାଠକାର୍ପଣ ସନ୍ଧ୍ୟାକୁ ଉପଭୋଗ କରିଥିଲେ।

## ବ୍ରାହ୍ମଣ ଏକତା ମଂଚର ସାମ୍ବାଦିକ ସମ୍ମିଳନୀ

ସୁବର୍ଣ୍ଣପୁର,୨୮/୦୭ (ନି.ପ୍ର): ମଝିପଡ଼ା ସ୍ଥିତ ଶ୍ରୀରାମ ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ବ୍ରାହ୍ମଣ ଏକତା ମଂଚ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଓ ସଭାର ଆୟୋଜନ କରାଯାଇଅଛି। ଏହି ସଭାରେ ବ୍ରାହ୍ମଣ ସମାଜର ଉପଦେଷ୍ଟା ଶ୍ରୀ ଚମରା ରାମ ତ୍ରିପାଠୀ, ପଣ୍ଡିତ ଶିବ ନାରାୟଣ ପୂଝାରୀ, ରାଧେଶ୍ୟାମ ପୂଝାରୀ, ଓ କୈଳାଶ ଚନ୍ଦ୍ର ରଥ ଅତିଥି ଭାବରେ ଯୋଗଦେଇ ବ୍ରାହ୍ମଣ ସମାଜର ଏକତାର ଲକ୍ଷ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଦେଶର ସୁରକ୍ଷା ସନାତନ ଧର୍ମ ଓ ବ୍ରାହ୍ମଣ ସଂସ୍କୃତିର ସୁରକ୍ଷା ପାଇଁ ଆମ ଭିତରେ ଏକତା ପ୍ରତିଷ୍ଠା ଜରୁରୀ ବୋଲି ମତ ରଖି ଥିଲେ। ବରିଷ୍ଠ ସଦସ୍ୟ ତଥା ଆଇନଜୀବୀ ପ୍ରଦୀପ ପୁରୋହିତ ଏହି ସଭାକୁ ସଂଯୋଜନା କରି ପ୍ରତି ବ୍ଲକ୍‌ରେ ଏହି ସଂଗଠନ ଗଠନ ହୋଇଥିବାବେଳେ ଆଗାମୀ ୨ ତାରିଖ ର ବ୍ରାହ୍ମଣ ସମାବେଶରେ ନଗର ବ୍ରାହ୍ମଣ ସମାଜର କମିଟି ଚୟନ କରାଯିବ ବୋଲି କହିଥିଲେ। ଓ ଆଗାମୀ ଦିନରେ ଜିଲ୍ଲା ରେ ବ୍ରାହ୍ମଣ ଏକତା ମଂଚର ଏକ ବିରାଟ ସମାବେଶ ଅନୁଷ୍ଠିତ ହେବ। ଯେଉଁ ସମାବେଶ ରେ ପୁରୀ ଶଙ୍କରାଚାର୍ଯ୍ୟଙ୍କ ସମେତ ପୁରୀ ଗଜପତି ମହାରାଜାଙ୍କ ଉପସ୍ଥିତି ଓ ମାର୍ଗଦର୍ଶନ ରହିବ ବୋଲି ଶ୍ରୀ ପୁରୋହିତ କହିଥିଲେ। ବରିଷ୍ଠ ସଦସ୍ୟ ଡ. ଆର୍ତତ୍ରାଣ ବାବୁ, ଡ଼ ସନ୍ତୋଷ ପାଢୀ, ସୀତାଂଶୁ ଶେଖର ମିଶ୍ର, ଦୁଃଖୀରାମ ମିଶ୍ର ସଙ୍ଗଠନ ଉପରେ ମତ ରଖିଥିଲେ। ଆଜିର ଏଇ ସାମ୍ବାଦିକ ସମ୍ମିଳନୀ ଓ , ବୈକୁଣ୍ଠ ଶତପଥୀ, ପୀୟୂଷ ପଣ୍ଡା, ନାରାୟଣ ରଥ ପ୍ରମୁଖ ସହଯୋଗ କରିଥିବାବେଳେ ଶତାଧିକ ବ୍ରାହ୍ମଣ ଯୋଗ ଦେଇଥିଲେ। ବରିଷ୍ଠ ସଦସ୍ୟ ଅଟଳ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସିଜେଏମ୍‌ଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା

ନୂଆପଡ଼ା,୨୮/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲାର ନବନିଯୁକ୍ତ ମୁଖ୍ୟ ନ୍ୟାୟିକ ଦଣ୍ଡାଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କ ଖଡ଼ିଆଳ କୋର୍ଟକୁ ପ୍ରଥମ ଗସ୍ତ ଅବସରରେ ଖଡ଼ିଆଳ ଯୁଡିସିଆଲ ବାର ଆସୋସିଏସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ବାର ହଲ୍ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନବନିଯୁକ୍ତ ସି.ଜେ.ଏମ୍.ଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ କରି ଉଷ୍ମ ସ୍ୱାଗତ ଜଣାଯାଇଥିଲା। ବାର ଆସୋସିଏସନର ସଭାପତି ଗିରିଧାରୀ ବିଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲାର ନ୍ୟାୟ ବ୍ୟବସ୍ଥାକୁ ଅଧିକ ଗତିଶୀଳ, ସ୍ୱଚ୍ଛ ଏବଂ ଜନମୁଖୀ କରିବା ପାଇଁ ନ୍ୟାୟପାଳିକା ଓ ଆଇନଜୀବୀମାନଙ୍କ ମଧରେ ପାରସ୍ପରିକ ସହଯୋଗର ଆବଶ୍ୟକତା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ।

## ଐତିହାସିକ ଯନ୍ତର ମନ୍ତର ଛାତ୍ର ଆନ୍ଦୋଳନ ଓ ଓଡ଼ିଶା ପାଠ୍ୟପୁସ୍ତକ ବିଭ୍ରାଟ ପ୍ରସଙ୍ଗରେ ସିପିଆଇର ବିକ୍ଷୋଭ, ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି

ଜୟପୁର,୨୮/୦୭ (ନି.ପ୍ର): ସିପିଆଇ କୋରାପୁଟ ଜିଲ୍ଲା କମିଟି ପକ୍ଷରୁ ଭାରତ ବର୍ଷର ରାଜଧାନୀ ଦିଲ୍ଲୀର ଯନ୍ତର ମନ୍ତର ଠାରେ ସଫଳ ଐତିହାସିକ ଛାତ୍ର ଆନ୍ଦୋଳନକୁ ସ୍ୱାଗତ ଜଣାଇବା ସହ ଦୀର୍ଘ ବର୍ଷ ପରେ ଯୁବ ଛାତ୍ର ଆନ୍ଦୋଳନ ସରକାରର ଦାୟିତ୍ୱବଦ୍ଧତାକୁ ସୁନିଶ୍ଚିତ କରିବାରେ ସଫଳ ହୋଇଛନ୍ତି। ନିଟ୍ -ୟୁଜି ପରୀକ୍ଷା ପୂର୍ବରୁ ବାରମ୍ବାର ପ୍ରଶ୍ନ ପତ୍ର ପ୍ରଘଟ ଏବଂ ଏଥିଯୋଗୁଁ ୨୨ ଜଣ ଆଶାୟୀ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିବା ସାରା ଦେଶକୁ ଆନ୍ଦୋଳିତ କରିଥିଲା। କକ୍ରୋଚ୍ ଜନତା ପାର୍ଟିର ବ୍ୟାନରରେ ଛାତ୍ର ଆନ୍ଦୋଳନ ସମସ୍ତଙ୍କୁ ଏକାଠି କରିଥିଲା। ଏଥିପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାୟୀ କରି ତାଙ୍କର ଇସ୍ତଫା ଦାବି କରିଥିଲେ। ମାସାଧିକ କାଳ ଆନ୍ଦୋଳନ ଏବଂ ଜୁଲାଇ ୨୦ ସଂସଦ ମାର୍ଚ୍ଚ ଦେଶରେ ଉଦ୍‌ବେଳନ ସୃଷ୍ଟି କରିଥିଲା। ଦେଶବ୍ୟାପୀ ବିଭିନ୍ନ ସହରରେ ଛାତ୍ର ଛାତ୍ରୀ ଐକ୍ୟବଦ୍ଧ ଶକ୍ତି ପ୍ରଦର୍ଶନ କରିଥିଲେ ଏବଂ ନୈତିକ ଦାୟିତ୍ୱ ସ୍ୱୀକାର କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ପଦବୀରୁ ୨୬ ତାରିଖରେ ଇସ୍ତଫା ଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ମେ' ୨୦ ତାରିଖରେ ଏଆଇଏସ୍‌ଏଫ୍ ଓ ସିପିଆଇ ମିଳିତ ଭାବେ ଜୟପୁର ମୁଖ୍ୟ ଟ୍ରାଫିକ ଛକରେ ବିକ୍ଷୋଭ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଉତରଦାୟୀ କରି ଇସ୍ତଫା ଦାବି କରିଥିଲେ। ଐତିହାସିକ ଛାତ୍ର ଆନ୍ଦୋଳନ ପ୍ରମାଣ କରିଛି ଯେ ମୋଦୀ ସରକାର ଅଭେଦ୍ୟ ନୁହେଁ, ଏବଂ ସମ୍ବିଧାନ ଓ ଗଣତନ୍ତ୍ର ଦେଶରେ ବଂଚି ରହିଛି। ଏଥିସହିତ ସିପିଆଇ ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ଶ୍ରୀ ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ପିୟୂଷ ଗୋଏଲ୍‌ଙ୍କ ଉକ୍ତି ଦି ଚାରିଟା ଅସରପାକୁ ଚିପି ଟାଙ୍ଗିଦେଲେ ସବୁ ବାଟକୁ ଆସିଯିବେ ଏବଂ ବିଜେପି ଏମ୍‌ପି ନିଶିକାନ୍ତ ଦୁବେଙ୍କ ଧମକପୂର୍ଣ୍ଣ ବୟାନ ସବୁ ଛାତ୍ରଛାତ୍ରୀଙ୍କ ରେକର୍ଡ଼ ରଖାଯାଇଛି ସମସ୍ତଙ୍କ ଭବିଷ୍ୟତ ନଷ୍ଟ କରିଦିଆଯିବ, ଏହା ଅତ୍ୟନ୍ତ ନିନ୍ଦନୀୟ ଓ ଅଗଣତାନ୍ତ୍ରିକ। ପ୍ରକାଶଯୋଗ୍ୟ ଯେ ଏହି ଛାତ୍ର ଆନ୍ଦୋଳନକୁ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀଙ୍କ ଝିଅ ସମର୍ଥନ କରିଛନ୍ତି, ଆସାମ ବିଜେପି ସରକାରଙ୍କ ଜଣେ ମନ୍ତ୍ରୀଙ୍କ ଝିଅ ମୋଦୀ ସରକାର ବିରୁଦ୍ଧରେ ସ୍ଲୋଗାନ ଦେଇଛନ୍ତି। ଏଣୁ ମୋଦୀ ସରକାର ତାନାଶାହୀ ଶାସନ ଛାଡ଼ି ଲୋକଙ୍କ ସମସ୍ୟା ସମାଧାନ କରିବା ପାଇଁ ଆହ୍ୱାନ କରିଛନ୍ତି। ଓଡ଼ିଶାରେ ପାଠ୍ୟପୁସ୍ତକ ବିଭ୍ରାଟ ଅତ୍ୟନ୍ତ ଚିନ୍ତାଜନକ। ଦେଶର ଶିଶୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ହେଉଛି। ଓଡ଼ିଆ ଅସ୍ମିତା ନାମରେ ଶାସନକୁ ଆସିଥିବା ବିଜେପି ସରକାରଙ୍କ ଗଣଶିକ୍ଷା ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ପାଇଁ ସିପିଆଇ ଦାବି କରୁଛି। ଏହାସହିତ ଏନ୍‌ଟିଏ ବା ନ୍ୟାସନାଲ ଟେଷ୍ଟିଙ୍ଗ ଏଜେନ୍ସୀ ରଦ୍ଦ କରି ଦାୟିତ୍ୱ ସମ୍ପର୍ଣ୍ଣ ସରକାରୀ ଅଧିକାରୀଙ୍କ ଦ୍ୱାରା ପରୀକ୍ଷା କରିବା ପାଇଁ ଦାବି ହୋଇଛି। ଲଗାଣ ବର୍ଷା ସତ୍ୱେ ମହିଳା ମହାବିଦ୍ୟାଳୟ ପାଖ ଏନ୍‌ଏଚ୍ - ୨୬ ପାର୍ଶ୍ୱରେ ସିପିଆଇ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ରାସ୍ତା ଅବସ୍ଥା ଶୋଚନୀୟ: ଯାତାୟତରେ ସମସ୍ୟା

ନୂଆପଡ଼ା,୨୮/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବାଦି ଗ୍ରାମ ପଂଚାୟତର ଜୁନାନି ଗ୍ରାମ। ଗ୍ରାମର ଗୁରୁଦେବ ପଡ଼ା। ଏହି ପଡ଼ାରେ ପଚାଶ ପରିବାର ରହନ୍ତି। ପଡ଼ାବାସୀଙ୍କ ମୁଖ୍ୟ ସମସ୍ୟା ହେଲା ପଡ଼ାକୁ ଏପର୍ଯ୍ୟନ୍ତ ରାସ୍ତା ଖଣ୍ଡେ ନାହିଁ। ଲୋକେ କାଦୁଅ ପଙ୍କ ରାସ୍ତାରେ ଯିବା ଆସିବା କରନ୍ତି। ବର୍ଷା ଦିନରେ ଲୋକଙ୍କ ଦୁଃଖ କହିଲେ ନସରେ। ଆଣ୍ଠୁଏ କାଦୁଅରେ ଲୋକଙ୍କୁ ଯିବାକୁ ପଡ଼େ। ଫଳରେ ପୁଅଝିଅ ମାନେ କାଦୁଅ ରାସ୍ତାରେ ସ୍କୁଲ ଯିବାକୁ ବାଧ ହୁଅନ୍ତି । ମହିଳା ମାନେ ପାଣି ଆଣିବାରେ ନାହିଁ ନଥିବା ଅସୁବିଧା ଭୋଗ କରନ୍ତି। ବୃଦ୍ଧ ବୃଦ୍ଧା ଚାଲିବା ସମୟରେ ପଡ଼ି ଯାଆନ୍ତି ବୋଲି କହନ୍ତି। ଚାରି ଚକିଆ କଥା ଛାଡ଼ନ୍ତୁ ସାଇକେଲ କିମ୍ବା ବାଇକ୍ ମଧ ରାସ୍ତାରେ ଯାଇପାରେ ନାହିଁ। ବର୍ଷା ମାସରେ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯାଏ। କେହି ରୋଗରେ ପଡିଲେ କିମ୍ବା ପ୍ରସବ କଷ୍ଟ ପାଇଲେ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଖଟିଆରେ ନେବାକୁ ପଡେ ବୋଲି ପଡ଼ା ବାସୀ କହନ୍ତି। ସରକାର ସବୁ ଗାଆଁକୁ ଭଲ ରାସ୍ତା ଦେବା ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ଗ୍ରାମ ପଂଚାୟତରେ ଏଥିପାଇଁ ପାଣ୍ଠି ବ୍ୟବସ୍ଥା ରହିଛି। କିନ୍ତୁ, ଏହି ପଡ଼ାକୁ ଏପର୍ଯ୍ୟନ୍ତ ରାସ୍ତା ଖଣ୍ଡେ ନାହିଁ। ସ୍ଥାନୀୟ ସରପଂଚ ମୀନା କୁମାରୀ ଜାଲଙ୍କ ପାଖରେ ଯେତେ ନେହୁରା ହେଲେ ମଧ ସେ କର୍ଣ୍ଣପାତ କରୁ ନାହାନ୍ତି ବୋଲି ଲୋକଙ୍କ ଅଭିଯୋଗ। ନିର୍ବାଚନରେ ଜିତିଲେ ସେ ରାସ୍ତା କରିଦେବେ ବୋଲି କହିଥିଲେ, ଏହି ଆଶାରେ ଗୁରୁଦେବ ପଡ଼ା ବାସୀ ତାଙ୍କୁ ଭୋଟ ଦେଇଥିଲେ। କିନ୍ତୁ ବାହାଘର ପରେ ବେଦୀ ମୁହଁ ପୋଡ଼ା ନ୍ୟାୟରେ ସରପଂଚ ଆଉ ପଡ଼ା ବାସୀଙ୍କୁ ଧରା ଛୁଆଁ ଦେଉ ନାହାନ୍ତି। ଅତିଶୀଘ୍ର ରାସ୍ତା ନିର୍ମାଣ କରା ନଗଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ଲୋକେ ।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ୨୯ ଜୁଲାଇ ୨୦୨୬, ବୁଧବାର

# ଗୁରୁ ହିଁ ସାକ୍ଷାତ ଈଶ୍ୱର



ସୁଷମା ପରିଡ଼ା

ଆଷାଢ଼ ମାସର ପୂର୍ଣ୍ଣିମାକୁ ପାରମ୍ପରିକ ଭାବରେ ହିନ୍ଦୁମାନଙ୍କଦ୍ୱାରା ଗୁରୁ ମାନଙ୍କୁ ସମ୍ମାନ ଦେବା ପାଇଁ ଗୁରୁ ପୂର୍ଣ୍ଣିମା ପାଳନ କରାଯାଏ । ଏହି ଦିନରେ ମହାଭାରତର ରଚୟିତା ବେଦବ୍ୟାସ ଜନ୍ମଗ୍ରହଣ କରିଥିଲେ ତେଣୁ ଏହାକୁ 'ବ୍ୟାସ ପୂର୍ଣ୍ଣିମା' ମଧ୍ୟ କୁହାଯାଏ । ଶାସ୍ତ୍ର ମତରେ 'ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର, ଗୁରୁ ସାକ୍ଷାତ୍ ପରମବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ' । ଅଜ୍ଞାନ ରୂପକ ଅନ୍ଧକାରରେ ଭରା ଏହି ସଂସାରରେ କେବଳ ଗୁରୁ ହିଁ ଆଲୋକର ପଥ ପ୍ରଦର୍ଶକ । ସଂସାର ରୂପକ ଏ ଭବସାଗରରେ ମଣିଷ ଜୀବନ ଏକ ନାବ (ଡଙ୍ଗା) ସଦୃଶ, ଯାହାର ନାଉରୀ ହେଉଛନ୍ତି ଗୁରୁ । ଗୁରୁଙ୍କ ନିର୍ଦ୍ଦେଶନାରେ ଜୀବନ ଡଙ୍ଗାକୁ ସୁଚାରୁରୂପେ ଚଳାଇ ନେଲେ ଈଶ୍ୱର ଅନୁକୂଳ ସ୍ରୋତଟିଏ ହୋଇଥାନ୍ତି ।

ଶ୍ରୀମଦ୍ ଭାଗବତ କହେ..

"ସୁଲଭ ନାବ ରୂପେ ଘଟେ, ବନ୍ଧନ ଭବ ସିନ୍ଧୁ ତଟେ / ଏ ନାବେ ଗୁରୁ କର୍ଣ୍ଣଧାର, ମୁହିଁ ଅନୁକୂଳ ସମୀର" ।

ଭାରତୀୟ ଗୁରୁ ଶିଷ୍ୟ ପରମ୍ପରା ରେ ଗୁରୁ କେବଳ ଜଣେ ବ୍ୟକ୍ତି ନୁହଁନ୍ତି ସେ ସାକ୍ଷାତ ଈଶ୍ୱର, ସକଳ ଶକ୍ତିର ଉତ୍ସ, ସକଳ ଜ୍ଞାନର ଭଣ୍ଡାର । ଗୁରୁ ଜ୍ଞାନର ଆଲୋକ ବର୍ତ୍ତିକା ଦେଖାଇ ଆମକୁ ଅଜ୍ଞାନ ତିମିରରୁ ଆଲୋକର ପଥକୁ ନେଇ ଆସନ୍ତି । ସଦ ଜ୍ଞାନ ଦେଇ ଆମକୁ ମଣିଷ ପଣିଆ ଶିଖାଇଥାନ୍ତି । ଯୋଗେଶ୍ୱର ଶ୍ରୀକୃଷ୍ଣ ମହାଭାରତରେ ଗୀତା ଛଳରେ ସଖା ଅର୍ଜୁନଙ୍କୁ କହିଛନ୍ତି...." ଗୁରୁ ନଥାଇ ସଦ ଜ୍ଞାନ, କାହୁଁ ପାଇବୁ ହେ ଅର୍ଜୁନ" ।

ଗୁରୁ ହେଉଛନ୍ତି ଜୀବନ ଗଢିବାର ମହାସୂତ୍ର ।

ବେଦ ଉପନିଷଦ ପୁରାଣ ଇତିହାସ ସବୁଥିରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥାଏ । ବେଦର କଗୁରୁ ବୃହସ୍ପତି, ଶୁକ୍ରାଚାର୍ଯ୍ୟ, ଉପନିଷଦର ଗୁରୁ ଉଦ୍ଦାଳକଙ୍କଠାରୁ ଆରମ୍ଭ ରାମାୟଣରେ ଶ୍ରୀରାମଙ୍କ ଗୁରୁ ବଶିଷ୍ଠ, ମହାଭାରତରେ ଅର୍ଜୁନଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟ, ଇତିହାସରେ ଶିବାଜୀ ମହାରାଜଙ୍କ ଗୁରୁ ସମର୍ଥ ରାମଦାସ ଯାଏଁ ଏହା ପ୍ରମାଣ କରିଦେଇ ଯାଇଛନ୍ତି ଯେ ଗୁରୁ କେବଳ ଜଣେ ବ୍ୟକ୍ତିଙ୍କୁ ନୁହେଁ, ସେମାନଙ୍କ ମାଧ୍ୟମରେ ଗୋଟିଏ ସମାଜ ଅଥବା ସାମ୍ରାଜ୍ୟ କୁ ସୁନ୍ଦର ଭାବରେ ଗଢି ପାରନ୍ତି । ତେଣୁ ଗୁରୁ ମାନେ ଚିର ନମସ୍ୟ ହୋଇଥାନ୍ତି ।

ଏହି ପରି ଜଣେ ମଣିଷ ଥିଲେ ମୋ'ର ବଡ ଗୁରୁ ମା' ସୁଶ୍ରୀ ରାଈ କିଶୋରୀ ଦାସ୍ । ମୋ' ଭଳି ଅନେକ ଝିଅ ମାନଙ୍କୁ ସେ ତାଙ୍କର ଛତ୍ରଛାୟାରେ ଆଶ୍ରୟ ଦେଇ ମଣିଷ ଭଳି ମଣିଷ କରି ସମାଜରେ ପ୍ରତିଷ୍ଠିତ କରିଛନ୍ତି । ଆଜି ମୁଁ ଯେଉଁଠି ଯେମିତି ଅଛି ତାହା କେବଳ ତାଙ୍କର ମାର୍ଗ ଦର୍ଶନ ଯୋଗୁଁ ସମ୍ଭବ ହୋଇପାରିଛି । ୧୯୬୭ ମସିହାରେ ମୁଁ ତାଙ୍କ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିଲି । ତାଙ୍କୁ ନିକଟରୁ ଜାଣିବାର ସୁଯୋଗ ପାଇଥିଲି ।

ସେ ଥିଲେ କଟକ ସହରର ଥୋରିଆ ସାହିରେ ଥିବା ମ୍ୟୁନିସିପାଲ୍ ଗାର୍ଲସ୍ ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷୟତ୍ରୀ, ଜଣେ ଅନନ୍ୟା ଗୁରୁ ମା' ଯିଏ ଆମ ସ୍କୁଲ୍ କୁ ଗୋଟିଏ ସାଧାରଣ ବିଦ୍ୟାଳୟ କୁ ସହରର ଅନ୍ୟତମ ଶ୍ରେଷ୍ଠ ବିଦ୍ୟାଳୟରେ ପରିଣତ କରିବା ପାଇଁ ନିଜ ଜୀବନର ତେତିଶ ବର୍ଷ ( ୧୯୫୭-୧୯୯୦) ଉତ୍ସର୍ଗ କରିଦେଇଥିଲେ ।

ସୁଶ୍ରୀ ରାଈ କିଶୋରୀ ଦାସ୍‌ଙ୍କର ଜନ୍ମ ସୁକିନ୍ଦା ଗଡ଼ରେ । ପିତା ଶ୍ରୀ ଦୁର୍ଗାଚରଣ ଦାସ ଥିଲେ ଜଣେ ପ୍ରାଥମିକ ସ୍କୁଲ୍ ଶିକ୍ଷକ ଏବଂ ମାତା ଶ୍ରୀମତୀ ସୁନାମଣି ଦେ୍ୱୀ ଥିଲେ ଜଣେ ସାଧାରଣ ଗୃହିଣୀ । ୧୯୩୩ ମସିହା ଫେବୃୟାରୀ ୨୮ ତାରିଖ ରେଏହି ଦମ୍ପତିଙ୍କ କୋଳରେ ଯମଜ ସନ୍ତାନ ଭାବରେ ଜନ୍ମ ନେଇଥିଲେ ଗୋଟିଏ ପୁଅ ଏବଂ ଗୋଟିଏ ଝିଅ । ବୈଷ୍ଣବ ଧର୍ମରେ ଦୀକ୍ଷିତ ଦୁର୍ଗା ଚରଣ ପୁଅର ନାମ ରଖିଥିଲେ ରାଈ ଚରଣ ଏବଂ ଝିଅର ନାମ ରଖିଥିଲେ ରାଈ କିଶୋରୀ । ବାଲ୍ୟକାଳରୁ ଅତ୍ୟନ୍ତ ମେଧାବୀ ଥିଲେ ସୁଶ୍ରୀ ରାଈ କିଶୋରୀ । ଖୋର୍ଦ୍ଧା ବେଗୁନିଆଁ ହାଇସ୍କୁଲ୍‌ରୁ ୧୯୪୯ ମସିହାରେ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ୍ କଲାପରେ ସେ ୧୯୫୫ ମସିହା ରେ ଶୈଳବାଳା ମହିଳା ମହାବିଦ୍ୟାଳୟରୁ ସ୍ନାତକ କରିଥିଲେ ଏବଂ କଟକର ରାଧାନାଥ ଟ୍ରେନିଂ କଲେଜରୁ ୧୯୫୭ ମସିହାରେ ବି.ଇଡି ପାଶ୍ କରିଥିଲେ ।

ଊଣେଇଶହ ସତାବନ ମସିହା, ଯେଉଁ ସମୟରେ କଟକ ସହରରେ ବାଳିକା ବିଦ୍ୟାଳୟ କହିଲେ କାଠଯୋଡି ପଟେ ଦରଘାଜାର ଠାରେ ଏକ ମାତ୍ର ରେଭେନ୍ସା ବାଳିକା ବିଦ୍ୟାଳୟଟି ଥିଲା, ସେହି ସମୟରେ ସହରର ମଧ୍ୟ ଭାଗରେ ରହୁଥିବା ବାଳିକା ମାନଙ୍କ ଶିକ୍ଷାର ଉନ୍ନତି ନିମନ୍ତେ ତତ୍କାଳୀନ ପ୍ରଶାସନ ମହାନଦୀ ପଟେ ଏକ ସ୍ୱତନ୍ତ୍ର ବାଳିକା ଉଚ୍ଚବିଦ୍ୟାଳୟ ଖୋଲିବାକୁ ନିଷ୍ପତ୍ତି କରି କଟକ ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦେଲେ । କଟକ ପୌରପାଳିକା ଅଧୀନସ୍ଥ ଥୋରିଆ ସାହିରେ ଥିବା ସରକାରୀ ଜମିରେ ଏହି ବିଦ୍ୟାଳୟଟି ସ୍ଥାପନ କରାଯିବାକୁ ସ୍ଥିର ହେଲା । ଏଠାରେ କହି ରଖିବା ଉଚିତ ହେବ ଯେ ଏହି ସ୍ଥାନଟି ସେ ସମୟରେ ପୌରପାଳିକାର ଡମ୍ପ୍ ୟାର୍ଡ୍ ବା ମଇଳାଖାତ ଭାବରେ ବ୍ୟବହୃତ ହେଉଥିଲା । ସେତେବେଳେ ପୌରପାଳିକାର କର୍ମଚାରୀ ମାନେ ହାତରେ ସଫା କରୁଥିବା ସହରର ବର୍ଜ୍ୟକୁ ଏଇଠି ଗଦା କରୁଥିଲେ । ସେଇ ନିକଟରେ ଥିଲା ସେମାନଙ୍କ ବସ୍ତି । ସେଇ ସ୍ଥାନର ଟିକିଏ କଡ଼କୁ ସ୍ଥାପିତ ହୋଇଥିଲା ମୁନିସିପାଲ୍ ବାଳିକା ଉଚ୍ଚବିଦ୍ୟାଳୟର ଭିତ୍ତି ପ୍ରସ୍ତର ।

ସ୍କୁଲ୍ ପାଇଁ ପ୍ରଥମ ପର୍ଯ୍ୟାୟରେ ଶିକ୍ଷୟତ୍ରୀ ଭାବରେ ୧୮/୭/୧୯୫୭ରେ ନିଯୁକ୍ତି ପାଇଥିଲେ ନୂଆ କରି ବିଇଡି ପାଶ୍ କରି ଆସିଥିବା ମାତ୍ର ଚବିଶି ବର୍ଷର ତରୁଣୀ, ସୁଶ୍ରୀ ରାଈ କିଶୋରୀ ଦାସ୍ । ତତ୍କାଳୀନ ପ୍ରଶାସନର ନିର୍ଦ୍ଦେଶାନୁସାରେ ନିକଟସ୍ଥ ରାଣୀହାଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବାଞ୍ଛାନିଧି ଶତପଥୀଙ୍କ ତତ୍ତ୍ୱାବଧାନରେ ନବାଗତା ସୁଶ୍ରୀ ରାଈ କିଶୋରୀ ଦାସ୍ ଥୋରିଆସାହି ରେ ପହଞ୍ଚି ସେଠାରେ ଅଳିଆ ଆବର୍ଜନାରୁ ଦୁବଘାସ ଯାଏଁ ସଫାକରି ସ୍କୁଲ୍ ଘର ଗଢିବା, ସେଠାରେ ପଢ଼ିବା ପାଇଁ ପିଲା ସଂଗ୍ରହ କରିବା ପର୍ଯ୍ୟନ୍ତ ସକଳ ପ୍ରାରମ୍ଭିକ କାର୍ଯ୍ୟ କରିଥିଲେ । ସ୍କୁଲ୍ ଗୃହ ନିର୍ମାଣ ଚାଲିଥିବା ସମୟରେ ପ୍ରଥମେ ପିଲା ମାନଙ୍କୁ ସେଇ ଖୋଲା ପଡ଼ିଆରେ ପାଠ ପଢ଼ାଉଥିଲେ । ଦୁଇଟି ମାତ୍ର ଶ୍ରେଣୀ ଗୃହକୁ ନେଇ ଆରମ୍ଭ ହୋଇଥିଲା ସ୍କୁଲ୍‌ର ଷଷ୍ଠ ସପ୍ତମ ଦୁଇଟି ଶ୍ରେଣୀ । ପରବର୍ତ୍ତୀ ସମୟରେ ଖୋଲିଲା ଅଷ୍ଟମ ଶ୍ରେଣୀରୁ ଏକାଦଶ ଶ୍ରେଣୀ । ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ରାଈ କିଶୋରୀ ଦାସ୍‌ଙ୍କ ପରାମର୍ଶକ୍ରମେ ଅନ୍ୟାନ୍ୟ ଶିକ୍ଷୟତ୍ରୀ ମାନଙ୍କୁ ନିଯୁକ୍ତି ଦେଇଥିଲେ ସେ ସମୟର ପୌରପାଳିକାର ଅଧ୍ୟକ୍ଷ ଥିବା ଜିଲ୍ଲାପାଳ । ସେହି ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ରାଈ କିଶୋରୀ ଦାସ୍‌ଙ୍କ ତେତିଶି ବର୍ଷ (୧୮/୦୭/୧୯୫୭ - ୨୦/୧୨/୧୯୯୧)ର କାର୍ଯ୍ୟ କାଳ ମଧ୍ୟରେ ବିନ୍ଦୁ ବିନ୍ଦୁ କରି ବର୍ଷା ଜଳ ସଂଗୃହୀତ ହୋଇ ସରିତରୁ ସାଗର ପାଲଟି ଯିବା ଭଳି ପ୍ରଲମ୍ବିତ ହୋଇ ଯାଇଥିଲା ମୁନିସିପାଲ୍ ବାଳିକା ଉଚ୍ଚବିଦ୍ୟାଳୟ । ଆମ ଭଳି ଅନେକ କଞ୍ଚା ମାଟିକୁ ସେ ତାଙ୍କର ଛତ୍ରଛାୟାରେ ସୁଦୃଶ୍ୟ କଣ୍ଢେଇ କରି ଗଢ଼ି ଥିଲେ ଯେଉଁ ମାନେ ଆଜି ସମାଜର ବିଭିନ୍ନ କ୍ଷେତ୍ର ରେ ସୁପ୍ରତିଷ୍ଠିତ ହୋଇପାରିଛନ୍ତି ।



ସୁଶ୍ରୀ ରାଈ କିଶୋରୀ ଦାସ୍ ବାଲ୍ୟକାଳରୁ ପିତାଙ୍କର ବୈଷ୍ଣବ ଧର୍ମରେ ଅନୁପ୍ରାଣିତ ହୋଇ ପ୍ରଭୁ ଭକ୍ତିରେ ଲୀନ ହୋଇ ଚିର କୁମାରୀ ରହିବାର ସଂକଳ୍ପ କରିଥିଲେ । ଆଦ୍ୟ ଜୀବନର କାର୍ଯ୍ୟ କ୍ଷେତ୍ର ସେହି ବିଦ୍ୟାଳୟର ପରିସର ଥିଲା ତାଙ୍କର ସମଗ୍ର ପୃଥିବୀ ଏବଂ ବିଦ୍ୟାଳୟର ଛାତ୍ରୀମାନେ ଥିଲେ ତାଙ୍କର ସନ୍ତାନ । ବିଦ୍ୟାଳୟ ପରିସରର ଶେଷ ମୁଣ୍ଡରେ ଥିଲା ତାଙ୍କର (କ୍ୱାର୍ଟର) ବାସଗୃହ । ଦିନ ରାତି ଏକାକାର କରି ସେ ଲାଗିଥିଲେ ସ୍କୁଲ୍ ର ଉନ୍ନତି ନିମନ୍ତେ । ସମୟାନୁର୍ତ୍ତିତା, କଠୋର ଅନୁଶାସନ ଏବଂ ନିଷ୍ଠାପର କାର୍ଯ୍ୟ ଥିଲା ତାଙ୍କ ଜୀବନର ମାନଦଣ୍ଡ । ତାଙ୍କର ହୃଦୟଟି ଥିଲା ନଡ଼ିଆ ଭଳି ଉପରକୁ କଠିନ ଏବଂ ଭିତରେ କୋମଳ । ଛାତ୍ରୀଙ୍କ ପାଇଁ ସଙ୍ଗୀତ, ସାହିତ୍ୟ, ଖେଳକୁଦ, ନାଚଗୀତ, ଏନ୍ ସି ସି, ସ୍କାଉଟ୍ ଗାଇଡ୍ ଭଳି ସମସ୍ତ ବ୍ୟବସ୍ଥା କରି ଉନ୍ନତିର ପଥ ଖୋଲି ଦେଇଥିଲେ ସେ, କିନ୍ତୁ ସବୁଥିରେ ଥିଲା କଠୋର ଅନୁଶାସନ । ସେ ନିଜେ ନିଜ ଜୀବନରେ ଖୁବ୍ ଶୃଙ୍ଖଳିତ ଥିଲେ ଏବଂ ସମସ୍ତଙ୍କୁ ସମାନୁପାତିକ ଭାବରେ ଶୃଙ୍ଖଳିତ ରହିବା ପାଇଁ ନିର୍ଦ୍ଦେଶ ଦେଉଥିଲେ । ତାଙ୍କ ଦୁର୍ବଳ କ୍ଷୀଣ ଶରୀର ଭିତରେ ଥିଲା ଅନମନୀୟ ମାନସିକ ଦୃଢ଼ତା । ଖୁବ୍ ନିର୍ଭୀକ ଥିଲେ ସେ, ଯେ କୌଣସି ପରିସ୍ଥିତିରେ ଧୈର୍ଯ୍ୟ ହରା ନହୋଇ ପରିସ୍ଥିତିର ମୁକାବିଲା କରୁଥିଲେ । ସେଥିପାଇଁ ଅନେକଙ୍କର ଚକ୍ଷୁ ଶୂଳ ହୋଇଥିଲେ । ତାଙ୍କ କାର୍ଯ୍ୟକାଳର ଶେଷ ଭାଗରେ ଘୃଣ୍ୟ ରାଜନୈତିକ ଅଭିସନ୍ଧିର ଶୀକାର ହୋଇ ଅନେକ ଦୁଃଖ କଷ୍ଟ ଅପମାନ ଉପେକ୍ଷା ସହିଥିଲେ ମଧ୍ୟ ସେ ଭାଙ୍ଗି ପଡିନଥିଲେ । ଅନ୍ୟାୟ ବିରୁଦ୍ଧରେ ଲଢ଼େଇ କରି ଜୟଯୁକ୍ତ ହୋଇଥିଲେ । ୨୦୦୭ ମସିହାରେ ଏହି ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରେ କଟକ ମହାନଗରନିଗମର ତତ୍କାଳୀନ ମେୟର ସୁଶ୍ରୀ ନିବେଦିତା ପ୍ରଧାନ ଏବଂ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସମୀର୍ ଦେ ଉକ୍ତ ବିଦ୍ୟାଳୟ ପାଇଁ ତାଙ୍କର ଶ୍ରେଷ୍ଠ ଅବଦାନ ନିମନ୍ତେ ତାଙ୍କୁ ସମ୍ମାନିତ କରିଥିଲେ ।

୧୯୯୦ ମସିହାରେ ଅବସର ନେଇ ସେ କଟକ ମହାନଦୀ ବିହାରରେ ନିଜର ପୁତୁରା ପାଖରେ ରହି ଅତ୍ୟନ୍ତ ସାଧାରଣ ଭାବରେ କାଟୁଥିଲେ ଅବସର ଜୀବନ । ୨୦୨୦ ମସିହା ମଇ ମାସ ୧୪ ତାରିଖରେ ସେଠାରେ ତାଙ୍କର ପରଲୋକ ଘଟିଥିଲା । ମୋ'ର ଏହି ମହୀୟସୀ ଗୁରୁମା' ଙ୍କର ତ୍ୟାଗ ତିତିକ୍ଷା ନିଷ୍ଠାପରତାର ସ୍ମରଣ କରି ଆଜି ଏ ଗୁରୁ ପୂର୍ଣ୍ଣିମା ରେ ତାଙ୍କ ଉଦ୍ଦେଶ୍ୟରେ ଭୂମିଷ୍ଠ ପ୍ରଣାମ ଜଣାଉଛି ।

+ ଶାରଳା ଭବନ ପୋତା ପୋଖରୀ
କଟକ-୪
ମୋ: ୯୩୩୭୨୭୨୬୪୭

# ଭାରତୀୟ ସଂସ୍କୃତିରେ ଗୁରୁ ପୂର୍ଣ୍ଣିମା

ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ



ଭାରତୀୟ ସଂସ୍କୃତି ଓ ତାର ଦର୍ଶନ ଏବଂ ସାହିତ୍ୟ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଲାଭ କରିଛି । ଏହି ସଂସ୍କୃତି ବୈଦିକ ଗୁରୁକୂଳ ଆଶ୍ରମ ଠାରୁ ଆରମ୍ଭ କରି ପ୍ରତିଟି କ୍ଷେତ୍ରରେ ପୂଜ୍ୟପୂଜା ଏହାର ମୂଳ ଉଦ୍ଦେଶ୍ୟ । ଏଣୁ ଏହାକୁ ଦେବ ସଂସ୍କୃତି ବୋଲି ମଧ୍ୟ କୁହାଯାଏ । ଦେବ ଶବ୍ଦର ତାତ୍ତ୍ୱିକ ଅର୍ଥ ହେଉଛି ଦେବା ବା ପ୍ରଦାନ କରିବା । ଏହି ତଥ୍ୟକୁ ଆଧାର କରି, ଏ ସଂସ୍କୃତି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡକୁ ଜ୍ଞାନ ପ୍ରଦାନ କରି ଚାଲିଛି । ଜ୍ଞାନର ମୂଳପିଣ୍ଡ ହେଉଛି ବେଦ ଓ ତା'ର ଆଧାତ୍ମିକ ତତ୍ତ୍ୱ । ତେଣୁ ଶାସ୍ତ୍ରରେ ବର୍ଣ୍ଣିତ ରହିଛି 'ସା ବିଦ୍ୟା ଯା ବିମୁକ୍ତୟେ' ଏବଂ 'ଜ୍ଞାନେନ ମୁକ୍ତିଃ' । ଏହି ଶ୍ରେଷ୍ଠ ଜ୍ଞାନର ଜ୍ଞାତାମାନେ ଥିଲେ ଆମ ପ୍ରାତଃ ସ୍ମରଣୀୟ ଗୁରୁବୃନ୍ଦ । ସେହି ଗୁରୁମାନଙ୍କ ଜ୍ଞାନକୁ ପାଥେୟ କରି ଦିନେ ଭାରତ ବିଶ୍ୱଗୁରୁ ହେବାର ଗୌରବ ଅର୍ଜନ କରିଥିଲା । ଏଣୁ ସେହି ଦିବ୍ୟ ପୁଣ୍ୟାତ୍ମାମାନଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଷାଢ଼ ମାସ ପୂର୍ଣ୍ଣିମା ତିଥିରେ ଗୁରୁ ପୂଜନ ଉତ୍ସବ ପାଳନ କରାଯାଏ ।

ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବର ବିଶେଷତ୍ୱ ହେଉଛି ଯେ, ଏହି ଦିନ ମହର୍ଷି କୃଷ୍ଣ ଦ୍ୱୈପାୟନ ବ୍ୟାସ ଜନ୍ମ ଗ୍ରହଣ କରିଥିଲେ । ସେ ହେଉଛନ୍ତି ଶ୍ରୀବିଷ୍ଣୁଙ୍କ ଜ୍ଞାନାବତାର ବୋଲି ଶାସ୍ତ୍ରରେ କୁହାଯାଇଛି:

ବ୍ୟାସାୟ ବିଷ୍ଣୁ ରୂପାୟ ବ୍ୟାସ ରୂପାୟ ବିଷ୍ଣବେ
ନମୋ ବୈବ୍ରହ୍ମ ନିଧୟେ ବଶିଷ୍ଠାୟ ନମୋନମଃ ।
ଅଚ୍ୟୁତର୍ବଦ ବ୍ରହ୍ମା ଦ୍ୱିର୍ବାହାରୁ ପରେ ହରିଃ
ଆଭାଲ ଲୋଚଚନଃ ଶମ୍ଭୁ ଭଗବାନ ବାଦରାୟାଣଃ ।।

ଏହି ଜ୍ଞାନାବତାରଙ୍କ ପାବନ ଦିବସକୁ ଶିଷ୍ୟମାନେ କିପରି ପାଳନ କରିବେ ବୋଲି ବ୍ୟାସଙ୍କୁ ପ୍ରଶ୍ନ କରିଥିଲେ । ଉତ୍ତର ଦେବାକୁ ଯାଇ ବ୍ୟାସ କହିଥିଲେ ଯେ, ଉକ୍ତ ଦିବସକୁ ଭବିଷ୍ୟତରେ ଗୁରୁ ପୂଜନ ଉତ୍ସବ ରୂପେ ଏପରି ପାଳନ କରିବ:

'ମମ ଜନ୍ମଦିନେ ସମ୍ୟକ୍ ପୂଜନୀୟଃ ପ୍ରୟତ୍ନତଃ ।
ଆଷାଢ଼ ଶୁକ୍ଳ ପକ୍ଷେତ୍ର ପୂର୍ଣିମା ଗୁରୌ ତଥା ।
ପୂଜନୀୟୋ ବିଶେଷଣ ବସ୍ତ୍ରାଭରଣବେନୂରଃ,
କୃତେ ତ୍ୱ୍ୟା ବିପ୍ରେ ମମ ସ୍ୱରୂପସ୍ୟ ଦର୍ଶନମ୍ ।

ଅର୍ଥାତ୍ - ଆଷାଢ଼ ଶୁକ୍ଳ ପୂର୍ଣିମା ହେଉଛି ମୋର ଜନ୍ମ ଦିବସ । ଏହି ଦିନ ଉତ୍ତମ ଭାବରେ ପୂଜନୀୟ ଗୁରୁମାନଙ୍କୁ ପ୍ରୟତ୍ନର ସହିତ ସୁନ୍ଦର ବସ୍ତ୍ର, ଆଭୂଷଣ, ଫଳ , ପୁଷ୍ପ, ରତ୍ନ ଓ ସ୍ୱର୍ଣ୍ଣ ମୁଦ୍ରା ଆଦି ସମର୍ପିତ କରି ପୂଜା ଅର୍ଚ୍ଚନା କରିବ । ଏପରି କରିବା ଦ୍ୱାରା ଗୁରୁଦେବଙ୍କ ମଧ୍ୟରେ ମୋର ହିଁ ସ୍ୱରୂପକୁ ଦର୍ଶନ କରି ପାରିବ ।

ମହର୍ଷି ବ୍ୟାସଦେବ ଋଷି ପରାଶରଙ୍କ ଔରସ ଏବଂ ମତ୍ସ୍ୟଗନ୍ଧା (ସତ୍ୟବତୀ)ଙ୍କ ଗର୍ଭରୁ ଆଷାଢ଼ ମାସ ପୂର୍ଣ୍ଣିମା ଦିନ ଗଙ୍ଗାନଦୀ ଗର୍ଭସ୍ଥ କୃଷ୍ଣଦ୍ୱୀପରେ ଜନ୍ମଗ୍ରହଣ କରିଥିଲେ । ସେ କୃଷ୍ଣଦ୍ୱୀପରେ ଜନ୍ମଗ୍ରହଣ କରିଥିବା କାରଣରୁ ମହର୍ଷିଙ୍କୁ କୃଷ୍ଣଦ୍ୱୈପାୟନ କୁହାଯାଏ । ସେ'ପରି ବ୍ୟାସଦେବଙ୍କ ଅନେକ ନାମ ରହିଛି ଯଥା:- ବେଦମାନଙ୍କ ସଂଗ୍ରହ ଓ ବିଭାଗ କରିଥିବାରୁ ବେଦବ୍ୟାସ , ଅବିବାହିତା ସତ୍ୟବତୀଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିବାରୁ କାନୀନ, ମହାଭାରତର ପ୍ରଣେତା ହେତୁ ସତ୍ୟଭାରତ ଏବଂ ପରାଶରଙ୍କ ପୁତ୍ର ଯୋଗୁଁ ପାରାଶର୍ଯ୍ୟ । ସେ ବେଦାନ୍ତ, ଉପନିଷଦ, ବ୍ରହ୍ମସୂତ୍ର, ଗୀତା, ଶ୍ରୀମଭାଗବତ ମହାପୁରାଣ ଓ ଅଷ୍ଟାଦଶ ପୁରାଣାଦିର ରଚୟିତା ଏବଂ ବେଦର ବିଭାଜନକାରୀ ଥିଲେ । ଏଣୁ ମହର୍ଷିଙ୍କୁ ହିନ୍ଦୁ ସମ୍ପ୍ରଦାୟରେ ଶ୍ରେଷ୍ଠ ଗୁରୁଙ୍କ ସ୍ଥାନ ପ୍ରଦାନ କରାଯାଇ'ଛି ଏବଂ ହିନ୍ଦୁ ପୁରାଣର ବର୍ଣ୍ଣନା ଅନୁଯାୟୀ, ସନାତନ ଧର୍ମର ଆଦିଗୁରୁ ହେଉଛନ୍ତି ସ୍ୱୟଂ ଶିବ । ସେ ପ୍ରଥମେ 'ଦକ୍ଷିଣମୂର୍ତ୍ତି' ହୋଇ ସପ୍ତର୍ଷିମାନଙ୍କୁ ବ୍ରହ୍ମଜ୍ଞାନ ଓ ଯୋଗଜ୍ଞାନ ପ୍ରଦାନ କରିଥିଲେ । ଆଷାଢ଼ ମାସ ପୂର୍ଣ୍ଣିମା ତିଥି ହେଉଛି ଆଦିଗୁରୁଙ୍କ ପୂର୍ଣ୍ଣଜ୍ଞାନ ପ୍ରଦାନର ଦିବସ ।

ସନାତନ ଶାସ୍ତ୍ର ମତରେ ଗୁରୁ କୌଣସି ଶରୀର ନୁହଁନ୍ତି, ଗୁରୁ ହେଉଛନ୍ତି ଏକ ସତ୍ତା ଓ ଅନୁଭବ । ଏହାକୁ ବ୍ୟକ୍ତ କରିବାକୁ ଯାଇ, କବି ହେମନ୍ତ କୁମାର ଗନ୍ତାୟତ ଲେଖିଛନ୍ତି :-

ଅରୂପ ଅବ୍ୟକ୍ତ ନାହିଁ ଆଦି ଅନ୍ତ ସତ୍ୟ ଶିବ ସନାତନ
ଚିନ୍ମୟ ସ୍ୱରୂପ ଦିବ୍ୟ ଜ୍ୟୋତିରୂପ ଅନୁଭବେ ବିଦ୍ୟମାନ ।।

ସେ'ପରି ଗୁରୁ ଗୀତାରେ କୁହାଯାଇଛି ଯେ, ଯିଏ ଗୁଣରୁ ମୁକ୍ତ ସେ ହେଉଛନ୍ତି ଗୁରୁ ଏବଂ ଗୁ ଓ ରୁ ର ମଧ୍ୟ ବ୍ୟାଖ୍ୟା କରାଯାଇଛି:-

ଗୁକାର ଷ୍ଠାନ୍ଧକରସ୍ତୁ ରୁକାରସ୍ତନ୍ନିରୋଧାକୃତ୍ ।
ଅନ୍ଧକାର ବିନାଶିତ୍ୱାତ୍ ଗୁରୁରିତ୍ୟଭିଧୀୟତୋ।

ଗୁକାର ଅନ୍ଧକାର ଏବଂ ତାହାକୁ ଦୂରକରେ ରୁ କାର । ଯେ ଏହି ଅଜ୍ଞାନ ରୂପୀ ଅନ୍ଧକାରକୁ ବିନଷ୍ଟ କରିପାରନ୍ତି ତାହାଙ୍କୁ ଗୁରୁ ବୋଲି କୁହାଯାଏ । ଗୁରୁ କଦାପି ଜଣେ ସାଧାରଣ ବ୍ୟକ୍ତି ନୁହଁନ୍ତି । ଗୁରୁ ଅର୍ଥରେ ସେ ମହାମହିମ । ଏଣୁ ଯଥାର୍ଥରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ସହିତ ତୁଳନା କରାଯାଇଛି । ଉକ୍ତ ଉକ୍ତିକୁ ପ୍ରତିପାଦିତ କରିବାକୁ ଯାଇ ପୁଣି କବି କହିଛନ୍ତି :-

ଅଜ୍ଞାନ ତିମିର କରନ୍ତି ଯେ ଦୂର ସଂସାର ସାଗରେ ରହି
ନୁହନ୍ତି ସେ ନର ସାକ୍ଷାତ ଠାକୁର ବ୍ରହ୍ମା ବିଷ୍ଣୁ ରୁଦ୍ର ସେହି ।

ଗୁରୁ ବିରାଟ ଏବଂ ମହାନ ବ୍ୟକ୍ତିତ୍ୱକୁ ମଧ୍ୟ ବୁଝାଇଥାଏ । ମନୁଷ୍ୟ ନିଜର ଆପ୍ରାଣ ଚେଷ୍ଟା ମାଧ୍ୟମରେ ଯାହା ସମ୍ଭବ କରିପାରେନା , ତାହା ଗୁରୁକୃପା ଦ୍ୱାରାରେ ହିଁ ଅଚିରେ ଉପଲବ୍ଧ ହେଇଥାଏ ।

ପ୍ରାଚୀନ କାଳରେ ମୁନି ଓ ଋଷିମାନେ ଆଷାଢ଼ ମାସ ପୂର୍ଣ୍ଣିମା ତିଥିଠାରୁ ଚତୁର୍ମାସ୍ୟା ବ୍ରତ ପାଳନ କରିବା ସହ ଆତ୍ମ ସାକ୍ଷାତକାର କରିବା ନିମିତ୍ତ ନିଜ ନିଜ ଗୁରୁଙ୍କର ସେବାରେ ନିମଗ୍ନ ରହୁଥିଲେ । ଆତ୍ମ ସାକ୍ଷାତକାର କରିବା ପାଇଁ ଗୁରୁଙ୍କର ସହାୟତା ଅତ୍ୟନ୍ତ ଆବଶ୍ୟକ । ତେଣୁ ଭବସିନ୍ଧୁରୁ ପାର ହେବା ଲାଗି ଆତ୍ମଦର୍ଶୀ ସଦଗୁରୁଙ୍କ କୃପାଭିକ୍ଷା ନିତ୍ୟାନ୍ତ ପ୍ରୟୋଜନ । ସେ ହିଁ ଏ ଭବସିନ୍ଧୁର ନାବିକ । ଅତଃ ତା'ଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିବା ବିଦେହ । ଏହାକୁ ଦୃଷ୍ଟିରେ ରଖି ସନାତନ ଧର୍ମର ସମସ୍ତ ସମ୍ପ୍ରଦାୟ ଶିଷ୍ୟମାନେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳନ କରନ୍ତି । ସୂର୍ଯ୍ୟଙ୍କର ଦକ୍ଷିଣାୟନ ଯାତ୍ରାର ପ୍ରଥମ ପୂର୍ଣ୍ଣିମା ତିଥିକୁ ଭାରତ, ନେପାଳ ଓ ଭୁଟାନ ଆଦି ଦେଶର ଲୋକେ 'ଗୁରୁପୂର୍ଣ୍ଣିମା' ବା 'ବ୍ୟାସପୂର୍ଣ୍ଣିମା' ଭାବରେ ପାଳନ କରିଥାନ୍ତି ।ଗୁରୁମାନେ ହିଁ ଆମ ଜୀବନର ମାର୍ଗଦର୍ଶକ ଓ ସୁନିୟନ୍ତକ । ସେମାନଙ୍କ ଠାରୁ ପ୍ରାପ୍ତ କରିଥିବା ଶିକ୍ଷା, ଦୀକ୍ଷା ତଥା ତାଙ୍କ ଆଦର୍ଶ ସବୁକିଛି ଶିଷ୍ୟମାନଙ୍କ ଜୀବନରେ ପ୍ରତିଫଳିତ ହୋଇଥାଏ । ବ୍ୟାସଦେବ ତାଙ୍କ ସୃଷ୍ଟି ମାଧ୍ୟମରେ ଯୁଗଯୁଗ ପାଇଁ ଏ' ମାନବ ଜାତିକୁ ମହାନ ଶିକ୍ଷା ଦେଇ ଯାଇଛନ୍ତି । ଆମ ଜୀବନର ପ୍ରତିଟି କ୍ଷେତ୍ରରେ ଏହା ବର୍ତ୍ତମାନ ମହାନ ବିଭବ ରୂପେ ସମୃଦ୍ଧି କରୁଛି ।

ପ୍ରାଚୀନ କାଳରେ ଗୁରୁ କୂଳରେ ଶିଷ୍ୟମାନଙ୍କୁ ପରୀକ୍ଷା ନିରୀକ୍ଷା କରି ଉପଯୁକ୍ତ ଶିକ୍ଷା ଦେବାର ବ୍ୟବସ୍ଥା ଥିଲା ଏବଂ ଶିକ୍ଷାର ଉପଯୁକ୍ତ ଦକ୍ଷତା ହାସଲ ପରେ ଗୁରୁଦକ୍ଷିଣା ଦାନ ପୂର୍ବକ ଶିଷ୍ୟ ମାନେ ବିଦାୟ ନେଉଥିଲେ । ଏହି ଦକ୍ଷିଣା ଥିଲା ଶିଷ୍ୟମାନଙ୍କର ଏକ ସମର୍ପଣର ଭାବ । କିନ୍ତୁ ଆଜି ଆଉ ଅରଣ୍ୟ ମାନଙ୍କରେ ଗଢି ଉଠିଥିବା ସେହି ଗୁରୁକୂଳମାନ ଦେଖିବାକୁ ମିଳେନାହିଁ । ଆଧୁନିକ ଯୁଗରେ ବର୍ତ୍ତମାନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟ ମାନଙ୍କରେ କେବଳ ଭୌତିକ ଶିକ୍ଷା ପ୍ରଦାନ କରାଯାଏ । ଏହି ଶିକ୍ଷାକୁ ଯେଉଁମାନେ ପ୍ରଦାନ କରନ୍ତି ସେହିମାନଙ୍କୁ ଶିକ୍ଷକ କୁହାଗଲା । ଆଧ୍ୟାତ୍ମିକ ଶିକ୍ଷାର ଅଭାବ ଯୋଗୁଁ ଆଜି ନୈତିକ ମୂଲ୍ୟବୋଧର ଘୋର ଅଭାବ ଦେଖିବାକୁ ମିଳୁଛି । ଯାହା ଫଳରେ ଅଧୁନା ଆଉ ଗୁରୁ ଓ ଶିଷ୍ୟର ପରମ୍ପରା କର୍ପୂର କନା ଭଳି ପଡ଼ି ରହିଛି ।

ବରିଷ୍ଠ ଦର୍ଶନ ଅଧ୍ୟାପକ
+ ଆସିକା, ଗଞ୍ଜାମ
ମୋ: ୯୮୬୧୩୩୪୮୬୮

# ପବିତ୍ର ଗୁରୁପୂର୍ଣ୍ଣିମା

ଡକ୍ଟର ସୁରେଶ କୁମାର ନାୟକ

'ଗୁରୁଃ ସାକ୍ଷାତ୍ ପରଂ ବ୍ରହ୍ମ ତସ୍ମୈ ଶ୍ରୀଗୁରୁବେ ନମଃ'

ଆଜି ଆଷାଢ଼ ମାସ ପୂର୍ଣ୍ଣିମା ତିଥି । ଏହି ତିଥିକୁ ଗୁରୁ ପୂର୍ଣ୍ଣିମା ରୂପେ ପାଳନ କରାଯାଏ । ହିନ୍ଦୁ ଧର୍ମରେ ଏହି ପୂର୍ଣ୍ଣିମାର ବିଶେଷ ମହତ୍ତ୍ୱ ରହିଥିବା ଯୋଗୁଁ ଗୁରୁଙ୍କ ଭଗବାନର ସ୍ଥାନ ଦିଆଯାଇଛି । କାରଣ ଗୁରୁ ହିଁ ଶିଷ୍ୟଙ୍କୁ ନବଜୀବନ ପ୍ରଦାନ କରିଥାନ୍ତି । ସେମାନଙ୍କୁ ଅଜ୍ଞାନର ଅନ୍ଧକାରରୁ ମୁକ୍ତ କରାଇ ଜ୍ଞାନର ଆଲୋକ ପ୍ରଦାନ କରିଥାନ୍ତି । ଗୁରୁ ଶବ୍ଦଟି ହିଁ ଗୁରୁଙ୍କ ମହିମା ବର୍ଣ୍ଣନା କରିଥାଏ । 'ଗୁ'ର ଅର୍ଥ ଅନ୍ଧକାର ଏବଂ 'ରୁ'ର ଅର୍ଥ ପ୍ରକାଶ ହୋଇଥାଏ । ଏଥିପାଇଁ ଗୁରୁର ଅର୍ଥ ଅନ୍ଧକାରରୁ ପ୍ରକାଶକୁ ନେଇଯିବା । ତେଣୁ ଗୁରୁ ହିଁ ଶିଷ୍ୟଙ୍କ ଜୀବନରେ ସଫଳତାର ଉଚିତ ମାର୍ଗଦର୍ଶନ କରାଇଥାନ୍ତି । ପୁରାଣ ଅନୁସାରେ ଏହି ଦିନ ଭଗବାନ ବିଷ୍ଣୁଙ୍କ ଅବତାର ଗୁରୁ ବେଦ ବ୍ୟାସଜୀଙ୍କ ଜନ୍ମ ହୋଇଥିଲା । ସେ ମହାଭାରତ ଆଦି ଅନେକ ମହାନ ଗ୍ରନ୍ଥ ରଚନା କରିଥିଲେ । କୌରବ, ପାଣ୍ଡବ ଆଦି ସମସ୍ତେ ବେଦବ୍ୟାସଙ୍କୁ ହିଁ ଗୁରୁ ବୋଲି ମାନନ୍ତି । ଏଥିପାଇଁ ଆଷାଢ଼ ମାସ ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା ବା ବ୍ୟାସ



ପୂର୍ଣ୍ଣିମା କୁହାଯାଏ । ଧର୍ମ ଗ୍ରନ୍ଥ ଅନୁସାରେ ଏହି ଦିନ ଯେଉଁ ବ୍ୟକ୍ତି ଗୁରୁଙ୍କ ଆଶୀର୍ବାଦ ପ୍ରାପ୍ତ କରିଥାଏ ତାର ଜୀବନ ସଫଳ ହୋଇଯାଇଥାଏ । ଏହି ଦିନ ଗୁରୁଙ୍କୁ ପୂଜା କରି ତାଙ୍କୁ ସମ୍ମାନ କରିବା ପରମ୍ପରା ପ୍ରଚଳିତ ରହିଛି । ହିନ୍ଦୁ ଧର୍ମ ଗ୍ରନ୍ଥରେ ଗୁରୁଙ୍କ ଭଗବାନଙ୍କ ଠାରୁ ମଧ୍ୟ ଶ୍ରେଷ୍ଠ ବୋଲି କୁହାଯାଇଛି । ଗୁରୁ ହିଁ ଶିଷ୍ୟମାନଙ୍କ ଭବିଷ୍ୟତ ଗଢ଼ିଥାନ୍ତି ଏବଂ ସେମାନଙ୍କୁ ଜୀବନର ସବୁଠାରୁ କଠିନ ପରିସ୍ଥିତିର ମୁକାବିଲା କରିବା ପାଇଁ ମଧ୍ୟ ବାଟ ଦେଖାଇଥାନ୍ତି । ମହର୍ଷି ବେଦବ୍ୟାସ ଭବିଷ୍ୟତର ପୁରାଣରେ ଗୁରୁ ପୂର୍ଣ୍ଣିମା ବିଷୟରେ ଲେଖିଛନ୍ତି - 'ମମ ଜନ୍ମଦିନେ ସମ୍ୟକ୍ ପୂଜନୀୟଃ ପ୍ରୟତ୍ନତଃ । ଆଷାଢ଼ ଶୁକ୍ଳ ପକ୍ଷେତୁ ପୂର୍ଣ୍ଣିମାଂ ଗୁରୌ ତଥା । ପୂଜନୀୟୋ ବିଶେଷଣ ବସ୍ତ୍ରାଭରଣବେନୁଭିଃ, କୃତେ ତ୍ୱୟା ବିପ୍ର ମତ୍ସ୍ୱରୂପସ୍ୟ ଦର୍ଶେନମ୍ ।'

ଅର୍ଥାତ୍ - ଆଷାଢ଼ ଶୁକ୍ଳ ପୂର୍ଣ୍ଣିମା ମୋର ଜନ୍ମ ଦିବସ ଅଟେ । ଏହାକୁ ଗୁରୁ ପୂର୍ଣ୍ଣିମା କୁହାଯାଏ । ଏହି ଦିନ ପୁରା ଶ୍ରଦ୍ଧାର ସହ ଗୁରୁଙ୍କ ସୁନ୍ଦର ବସ୍ତ୍ର, ଆଭୁଷଣ, ଫଳ ପୁଷ୍ପ, ରତ୍ନ, ସ୍ୱର୍ଣ୍ଣ ମୁଦ୍ରା ଆଦି ସମର୍ପିତ କରି ତାଙ୍କର ପୂଜା କରିବା ଉଚିତ । ଏମିତି କରିବା ଦ୍ୱାରା ଗୁରୁଦେବଙ୍କ ମଧ୍ୟରେ ମୋର ହିଁ ସ୍ୱରୂପ ଦର୍ଶନ ହେବ । ପୁରାଣରେ ଗୁରୁଙ୍କୁ ନେଇ ଆଉ ଏକ ଶ୍ଳୋକ ମଧ୍ୟ ବର୍ଣ୍ଣିତ ରହିଛି - 'ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବୋ ମହେଶ୍ୱରଃ, ଗୁରୁଃ ସାକ୍ଷାତ୍ ପରଂ ବ୍ରହ୍ମ ତସ୍ମୈ ଶ୍ରୀଗୁରୁବେ ନମଃ ।' ଅର୍ଥାତ୍ - ଗୁରୁ ହିଁ ବ୍ରହ୍ମା, ଗୁରୁ ହିଁ ବିଷ୍ଣୁ ଏବଂ ଗୁରୁ ହିଁ ଭଗବାନ ଶଙ୍କର ଅଟନ୍ତି । ଗୁରୁ ହିଁ ସାକ୍ଷାତ ପରଂବ୍ରହ୍ମା ଅଟନ୍ତି । ଏମିତି ଗୁରୁଙ୍କ ମୁଁ ପ୍ରଣାମ କରୁଛି । ଗୁରୁ ପୂର୍ଣ୍ଣିମା ଅର୍ଥାତ୍ ଗୁରୁଙ୍କ ପୂଜା ଏବଂ ଗୁରୁଙ୍କ ଆଦର କରିବାର ଦିନ । ଏହା କୌଣସି ବ୍ୟକ୍ତିଙ୍କ ପୂଜା ନୁହେଁ । ଗୁରୁଙ୍କ ଦେହ ଭିତରେ ଯେଉଁ ବିଦେହି ଆତ୍ମା ରହିଛି, ପରଂବ୍ରହ୍ମ ପରମାତ୍ମାଙ୍କ ଆଦର, ଜ୍ଞାନର ଆଦର ତଥା ପୂଜା ହିଁ ବ୍ରହ୍ମଜ୍ଞାନର ପୂଜନ କରିବା ତଥା ଗୁରୁଙ୍କ ପୂଜା କରିବା ।

+ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୫୯୨

# ଶସ୍ତା କ୍ରୁଡ୍, ମହଙ୍ଗା ପେଟ୍ରୋଲ୍

ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ବା କ୍ରୁଡ୍ ଅଏଲ୍ ଦରରେ ଲଗାତାର ହ୍ରାସ ଘଟୁଥିବା ବେଳେ ଭାରତୀୟ ଖାଉଟିମାନଙ୍କୁ ଏହାର କୌଣସି ଫାଇଦା ମିଳୁନାହିଁ। ଏପ୍ରିଲ୍ ମାସ ଠାରୁ ଆଜି ପର୍ଯ୍ୟନ୍ତ ଅଶୋଧିତ ତୈଳ ଦର ପ୍ରାୟ ୪୧ ପ୍ରତିଶତ ଖସିସାରିଲାଣି । ତଥାପି ପେଟ୍ରୋଲ୍ ଏବଂ ଡିଜେଲ୍ ଦର କମିବାର ନାମ ନେଉନାହିଁ । କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ସଦ୍ୟତମ ବୟାନ ଅନୁଯାୟୀ, ତୈଳ ବିପଣନ କମ୍ପାନୀଗୁଡ଼ିକ ସେମାନଙ୍କର ପୂର୍ବ କ୍ଷତି ଭରଣା ନକରିବା ପର୍ଯ୍ୟନ୍ତ ଗ୍ରାହକମାନଙ୍କୁ କୌଣସି ଆଶ୍ୱସ୍ତି ମିଳିବାର ସମ୍ଭାବନା ନାହିଁ । ଗୋଟିଏ ପଟେ ସାଧାରଣ ଲୋକ ମୁଦ୍ରାସ୍ଫୀତି ଏବଂ ଦରଦାମ୍ ବୃଦ୍ଧିର କଷାଘାତରେ ଛଟପଟ ହେଉଥିବା ବେଳେ, ଅନ୍ୟ ପଟେ ସରକାର ଏବଂ ତୈଳ କମ୍ପାନୀଗୁଡ଼ିକର ଏଭଳି ଆଭିମୁଖ୍ୟ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆନ୍ତର୍ଜାତୀୟ ବଜାରର ସ୍ଥିତି ଏବଂ ଘରୋଇ ବଜାରର ବାସ୍ତବତା ମଧ୍ୟରେ ଥିବା ଏହି ବିରାଟ ତାରତମ୍ୟକୁ ତର୍ଜମା କଲେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସେ । ବିଶେଷକରି ସରକାରୀ ତୈଳ କମ୍ପାନୀଗୁଡ଼ିକର ବିପୁଳ ଲାଭ ଏବଂ ସରକାରଙ୍କ ଟିକସ ଆଦାୟ ନୀତିକୁ ଦେଖିଲେ ସ୍ପଷ୍ଟ ହୁଏ ଯେ ଖାଉଟିମାନଙ୍କ ସ୍ୱାର୍ଥ ଅପେକ୍ଷା କମ୍ପାନୀଗୁଡ଼ିକର ବାଲାନ୍ସ ସିଟ୍ ?କୁ ଅଧିକ ଗୁରୁତ୍ୱ ଦିଆଯାଉଛି ।

ଗତ କିଛି ମାସର ଅଶୋଧିତ ତୈଳ ଦରର ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ସ୍ଥିତି ଅଧିକ ସ୍ପଷ୍ଟ ହେବ । ଆମେରିକା, ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଲାଗିରହିଥିବା ଦ୍ୱନ୍ଦ୍ୱ ଏବଂ ଯୁଦ୍ଧ ପରିସ୍ଥିତି କାରଣରୁ ଏପ୍ରିଲ୍ ମାସରେ ଅଶୋଧିତ ତୈଳ ଦର ଆକାଶଛୁଆଁ ହୋଇ ବ୍ୟାରେଲ୍ ପିଛା ୧୧୪.୪୮ ଡଲାରରେ ପହଞ୍ଚିଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଆନ୍ତର୍ଜାତୀୟ ରାଜନୈତିକ ଉତ୍ତେଜନା ହ୍ରାସ ପାଇବା ସହ ଏହି ଦରରେ ଦ୍ରୁତ ଅବନତି ଘଟିଛି । ଭାରତ ସରକାରଙ୍କ ପେଟ୍ରୋଲିୟମ୍ ପ୍ଲାନିଂ ଆଣ୍ଡ୍ ଆନାଲିସିସ୍ ସେଲ୍ (ପିପିଏସି)ର ରିପୋର୍ଟ ଅନୁଯାୟୀ, ଜୁନ୍ ମାସ ବେଳକୁ ଭାରତ କିଣୁଥିବା ଅଶୋଧିତ ତୈଳର ହାରାହାରି ମୂଲ୍ୟ ବ୍ୟାରେଲ୍ ପିଛା ୮୬.୩୧ ଡଲାରକୁ ଖସିଆସିଥିଲା । ଜୁଲାଇ ମାସର ପ୍ରଥମ ସପ୍ତାହ ସୁଦ୍ଧା ଏହା ଆହୁରି ହ୍ରାସ ପାଇ ପ୍ରାୟ ୬୭.୭୨ ଡଲାରରେ ପହଞ୍ଚିଯାଇଛି । ଅର୍ଥାତ୍ ମାତ୍ର ଦୁଇ ରୁ ତିନି ମାସ ମଧ୍ୟରେ ଅଶୋଧିତ ତୈଳ ଦରରେ ପ୍ରାୟ ୪୧ ପ୍ରତିଶତର ଅବନତି ଦେଖିବାକୁ ମିଳିଛି । ସାଧାରଣ ଅର୍ଥନୈତିକ ନିୟମ ଅନୁଯାୟୀ, କଞ୍ଚାମାଲର ଦର କମିଲେ ଉତ୍ପାଦିତ ସାମଗ୍ରୀର ଦର ମଧ୍ୟ ତୁରନ୍ତ କମିବା କଥା । କିନ୍ତୁ ଭାରତରେ ପେଟ୍ରୋଲ୍ ଓ ଡିଜେଲ୍ କ୍ଷେତ୍ରରେ ଏହି ସରଳ ନିୟମ ଲାଗୁ ହେଉନାହିଁ । ଓଲଟା ମେ' ମାସ ମଧ୍ୟଭାଗରେ ତୈଳ କମ୍ପାନୀଗୁଡ଼ିକ ଲଗାତାର ଭାବେ ପେଟ୍ରୋଲ୍ ଦରକୁ ପ୍ରାୟ ୭.୮ ପ୍ରତିଶତ ଏବଂ ଡିଜେଲ୍ ଦରକୁ ୮.୬ ପ୍ରତିଶତ ବୃଦ୍ଧି କରିଥିଲେ । ଏହାଦ୍ୱାରା ସାଧାରଣ ଖାଉଟିଙ୍କ ଉପରେ ଏକ ଅତିରିକ୍ତ ଏବଂ ଅଯୌକ୍ତିକ ଆର୍ଥିକ ବୋଝ ଲଦିଦିଆଯାଇଥିଲା ଯାହାର ପ୍ରଭାବ ଏବେ ବି ଅନୁଭୂତ ହେଉଛି ।

ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଏବଂ ପେଟ୍ରୋଲିୟମ୍ ମନ୍ତ୍ରୀଙ୍କ ଯୁକ୍ତି ହେଉଛି ଯେ, ବର୍ତ୍ତମାନ ଯେଉଁ ତୈଳ ଖାଉଟିମାନଙ୍କୁ ବିକ୍ରି କରାଯାଉଛି ତାହା ଦୁଇ ମାସ ପୂର୍ବରୁ ଉଚ୍ଚ ଦରରେ ଚୁକ୍ତି କରାଯାଇ ଆମଦାନୀ କରାଯାଇଥିଲା । ସାଧାରଣତଃ ଆମଦାନୀ ହେଉଥିବା ତୈଳର ମୂଲ୍ୟ ଆଗୁଆ ନିର୍ଦ୍ଧାରିତ ହୋଇଥାଏ ଏବଂ ଏହା ଦେଶରେ ପହଞ୍ଚିବା ପାଇଁ ସମୟ ଲାଗିଥାଏ । ପେଟ୍ରୋଲିୟମ୍ ମନ୍ତ୍ରୀଙ୍କ କହିବା ଅନୁଯାୟୀ, ଆନ୍ତର୍ଜାତୀୟ ସ୍ତରରେ ଯେତେବେଳେ ତୈଳ ଦର ସର୍ବୋଚ୍ଚ ସ୍ତରରେ ଥିଲା, ସେତେବେଳେ କମ୍ପାନୀଗୁଡ଼ିକ ଗ୍ରାହକଙ୍କ ଉପରେ ସମ୍ପୂର୍ଣ୍ଣ ବୋଝ ନଲଦି ନିଜେ କ୍ଷତି ସହିଥିଲେ । ଏହି କାରଣରୁ ତୈଳ ବିପଣନ କମ୍ପାନୀଗୁଡ଼ିକର ସମୁଦାୟ କ୍ଷତି ବା 'ଅଣ୍ଡର-ରିକଭରି' ପ୍ରାୟ ୧.୧୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ସରକାରୀ ତଥ୍ୟ ଅନୁସାରେ ଏଥିରେ ପେଟ୍ରୋଲ୍ ବିକ୍ରିରୁ ୧୯,୯୦୫ କୋଟି, ଡିଜେଲ୍ ରୁ ପ୍ରାୟ ୧.୪୫ ଲକ୍ଷ କୋଟି ଏବଂ ଏଲ୍‌ପିଜିରୁ ୨୪,୧୪୮ କୋଟି ଟଙ୍କାର କ୍ଷତି ସାମିଲ ଅଛି । କେବଳ ଏପ୍ରିଲ୍ ରୁ ଜୁନ୍ ତ୍ରୈମାସିକରେ ଏହି କ୍ଷତିର ପରିମାଣ ୭୫,୦୦୦ କୋଟି ଟଙ୍କା ଥିଲା ବୋଲି ଦାବି କରାଯାଇଛି । ତେଣୁ ଯେପର୍ଯ୍ୟନ୍ତ କମ୍ପାନୀଗୁଡ଼ିକ ଏହି ବିପୁଳ କ୍ଷତିର ସମ୍ପୂର୍ଣ୍ଣ ଭରଣା ନକରିଛନ୍ତି, ସେପର୍ଯ୍ୟନ୍ତ ଖୁଚୁରା ବଜାରରେ ଦର କମାଇବା ସମ୍ଭବ ନୁହେଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ଏହା ବ୍ୟତୀତ ରଣନୀତିକ ଦୃଷ୍ଟିକୋଣରୁ ଭବିଷ୍ୟତ ପାଇଁ ଅଧିକ ତୈଳ ଗଚ୍ଛିତ ରଖିବା ଏବଂ ଭିତ୍ତିଭୂମିର ବିକାଶ ପାଇଁ ଅତିରିକ୍ତ ପାଣ୍ଠିର ଆବଶ୍ୟକତା ରହିଛି ବୋଲି ମଧ୍ୟ ସରକାର ଯୁକ୍ତି ବାଢ଼ିଛନ୍ତି ।

ତେବେ ସରକାରଙ୍କ ଏହି 'କ୍ଷତି ଭରଣା' ଯୁକ୍ତିକୁ ବିଭିନ୍ନ ଆର୍ଥିକ ତଥ୍ୟ ଏବଂ ବଜାର ବିଶ୍ଳେଷଣ ଭିତ୍ତିରେ ପରୀକ୍ଷା କଲେ ଏକ ସମ୍ପୂର୍ଣ୍ଣ ଭିନ୍ନ ତଥା ଆଶ୍ଚର୍ଯ୍ୟଜନକ ଚିତ୍ର ସାମ୍ନାକୁ ଆସେ । ଭାରତରେ ତୈଳ ବିକ୍ରି କ୍ଷେତ୍ରରେ ଏକଚାଟିଆ ଅଧିକାର ଥିବା ସରକାରୀ ମାଲିକାନାର ତିନୋଟି ପ୍ରମୁଖ ତୈଳ କମ୍ପାନୀ ଯଥା ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍, ଭାରତ ପେଟ୍ରୋଲିୟମ୍ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ ର ଆର୍ଥିକ ଫଳାଫଳକୁ ଦେଖିଲେ ଜଣାପଡ଼େ ଯେ ସେମାନେ ଆଦୌ କୌଣସି ଆର୍ଥିକ ସଙ୍କଟରେ ନାହାନ୍ତି । ଉପଲବ୍ଧ ତଥ୍ୟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୫-୨୬ ରେ ଏହି ତିନୋଟି କମ୍ପାନୀ ମିଳିତ ଭାବେ ୭୭,୮୨୧ କୋଟି ଟଙ୍କାର ବିପୁଳ ଲାଭ ହାସଲ କରିଛନ୍ତି, ଯାହାକି ପୂର୍ବ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୧୩୦ ପ୍ରତିଶତ ଅଧିକ ଅଟେ । ଏପରିକି ଜାନୁଆରୀ ରୁ ମାର୍ଚ୍ଚ ୨୦୨୬ ତ୍ରୈମାସିକରେ, ଯେତେବେଳେ କି ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଆରମ୍ଭ ହୋଇଯାଇଥିଲା ଏବଂ ଅଶୋଧିତ ତୈଳ ଦର ବୃଦ୍ଧି ପାଉଥିଲା, ସେତେବେଳେ ମଧ୍ୟ ଏହି କମ୍ପାନୀଗୁଡ଼ିକ ମିଳିତ ଭାବେ ୧୯,୪୭୦ କୋଟି ଟଙ୍କାର ଲାଭ କରିଥିଲେ । ଅର୍ଥନୈତିକ ବିଶ୍ଳେଷକମାନଙ୍କ ମତରେ, ବର୍ତ୍ତମାନର ୬୭ ରୁ ୭୩ ଡଲାର ପ୍ରତି ବ୍ୟାରେଲ୍ ଦରରେ ତୈଳ କମ୍ପାନୀଗୁଡ଼ିକ ଖୁଚୁରା ବଜାରରେ ଲିଟର ପିଛା ପ୍ରାୟ ୧୦ ଟଙ୍କାର ମାର୍ଜିନ୍ ବା ଲାଭ କରୁଛନ୍ତି । ଯଦିଓ ସରକାର କହୁଛନ୍ତି ଯେ ଡିଜେଲ୍ ଏବଂ ପେଟ୍ରୋଲ୍ ଉପରେ କ୍ଷତି ସମ୍ପୂର୍ଣ୍ଣ ଭରଣା ହୋଇନାହିଁ, କିନ୍ତୁ କମ୍ପାନୀଗୁଡ଼ିକର ଏହି ଐତିହାସିକ ବାର୍ଷିକ ଲାଭକୁ ଦେଖିଲେ ସରକାରଙ୍କ ଯୁକ୍ତି ସାଧାରଣ ଲୋକଙ୍କ ପାଇଁ ଆଦୌ ଗ୍ରହଣଯୋଗ୍ୟ ମନେହେଉନାହିଁ । ବାସ୍ତବରେ କମ୍ପାନୀଗୁଡ଼ିକର ଲାଭର ଧାରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ହିଁ ଖାଉଟିମାନଙ୍କୁ ବଳି ପକାଯାଉଛି ବୋଲି ଅର୍ଥନୀତିଜ୍ଞମାନେ ମତ ପୋଷଣ କରୁଛନ୍ତି ।

ଭାରତରେ ତୈଳ ଦର ନିର୍ଦ୍ଧାରଣ ପ୍ରକ୍ରିୟା ଏବଂ ସରକାରୀ ଟିକସ ନୀତିର ଇତିହାସକୁ ଟିକିନିଖି ଅନୁଧ୍ୟାନ କଲେ ଜଣାପଡ଼େ ଯେ ସରକାରଙ୍କ ଆଭିମୁଖ୍ୟ ସବୁବେଳେ କେବଳ ରାଜସ୍ୱ ସଂଗ୍ରହ ଉପରେ ହିଁ କେନ୍ଦ୍ରୀଭୂତ ରହିଆସିଛି । ଭାରତ ତାର ସମୁଦାୟ ତୈଳ ଆବଶ୍ୟକତାର ପ୍ରାୟ ୮୫ ପ୍ରତିଶତରୁ ଅଧିକ ଅଂଶ ବିଦେଶରୁ ଆମଦାନୀ କରିଥାଏ । ତେଣୁ ଆନ୍ତର୍ଜାତୀୟ ବଜାରରେ ଦର କମିଲେ ଦେଶର ଆମଦାନୀ ଖର୍ଚ୍ଚ କମିବା ସହ ସାଧାରଣ ଲୋକଙ୍କୁ ଶସ୍ତାରେ ଇନ୍ଧନ ମିଳିବା ଏକ ସ୍ୱାଭାବିକ ପ୍ରକ୍ରିୟା ହେବା ଉଚିତ୍ । କିନ୍ତୁ ଅତୀତର ଘଟଣାବଳୀ ପ୍ରମାଣ କରୁଛି ଯେ ଏହାର ସୁଫଳ କେବେବି ଲୋକଙ୍କୁ ସମ୍ପୂର୍ଣ୍ଣ ରୂପେ ଦିଆଯାଇନାହିଁ । ଉଦାହରଣ ସ୍ୱରୂପ, ୨୦୧୪ ରୁ ୨୦୧୬ ମସିହା ମଧ୍ୟରେ ଯେତେବେଳେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ରେକର୍ଡ ସ୍ତରକୁ ଖସିଆସିଥିଲା, ସେତେବେଳେ କେନ୍ଦ୍ର ସରକାର ତୈଳ ଦର କମାଇବା ପରିବର୍ତ୍ତେ ପେଟ୍ରୋଲ୍ ଏବଂ ଡିଜେଲ୍ ଉପରେ ଉତ୍ପାଦନ ଶୁଳ୍କ ବା ଏକ୍ସାଇଜ୍ ଡ୍ୟୁଟିକୁ ଅହେତୁକ ଭାବେ ବୃଦ୍ଧି କରିଦେଇଥିଲେ । ସମାନ ପରିସ୍ଥିତି ୨୦୨୦ ମସିହାରେ କୋଭିଡ୍ ମହାମାରୀ ସମୟରେ ମଧ୍ୟ ଦେଖିବାକୁ ମିଳିଥିଲା ଯେତେବେଳେ ବିଶ୍ୱ ବଜାରରେ ତୈଳ ଦର ଐତିହାସିକ ନିମ୍ନ ସ୍ତରରେ ପହଞ୍ଚିଥିଲା। ଆନ୍ତର୍ଜାତୀୟ ଦର କମିବାର ସୁଯୋଗ ନେଇ ସରକାର ନିଜର ଟ୍ରେଜେରୀ ଭରିଥିଲେ କିନ୍ତୁ ପମ୍ପରେ ଖାଉଟିମାନଙ୍କ ପାଇଁ ଦର କମାଇନଥିଲେ । ବର୍ତ୍ତମାନ ମଧ୍ୟ ଠିକ୍ ସେହି ସମାନ ରଣନୀତି ଆପଣାଯାଉଥିବା ସ୍ପଷ୍ଟ ବାରି ହୋଇପଡୁଛି। ଆନ୍ତର୍ଜାତୀୟ ଦର ୪୧ ପ୍ରତିଶତ କମିବା ସତ୍ତ୍ୱେ ତୈଳ କମ୍ପାନୀଗୁଡ଼ିକୁ ଲାଭାନ୍ୱିତ କରିବା ପାଇଁ ଗ୍ରାହକଙ୍କ ଉପରେ ଦରଦାମ୍ ?ର ଚାପ ବଜାୟ ରଖାଯାଇଛି । ସରକାରଙ୍କ ଏହି ଅସ୍ୱଚ୍ଛ ଟିକସ ନୀତି ତୈଳ ଦରକୁ ଏକ ଅତ୍ୟାବଶ୍ୟକ ସାମଗ୍ରୀ ପରିବର୍ତ୍ତେ ଏକ ପ୍ରମୁଖ ରାଜସ୍ୱ ଆଦାୟକାରୀ ଉତ୍ସରେ ପରିଣତ କରିସାରିଛି । ଆହୁରି ମଧ୍ୟ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ କରାଯାଉଛି ଯାହାଦ୍ୱାରା ଗାଡ଼ିର ମାଇଲେଜ୍ କମୁଛି, ଅର୍ଥାତ୍ ଗ୍ରାହକମାନେ ସମାନ ଅର୍ଥ ବ୍ୟୟ କରି କମ୍ ଫାଇଦା ପାଉଛନ୍ତି ।

ପେଟ୍ରୋଲ୍ ଏବଂ ଡିଜେଲ୍ ଦର କେବଳ ଯାନବାହନ ଚଳାଉଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଭାବିତ କରେ ନାହିଁ, ବରଂ ସମଗ୍ର ଦେଶର ଅର୍ଥବ୍ୟବସ୍ଥା ଏବଂ ମୁଦ୍ରାସ୍ଫୀତି ଉପରେ ଏହାର ବହୁମୁଖୀ ପ୍ରଭାବ ପଡ଼ିଥାଏ । ଡିଜେଲ୍ ଦର ଉଚ୍ଚା ରହିଲେ ମାଲବାହୀ ଟ୍ରକ୍ ଏବଂ ଟ୍ରେନ୍ ର ପରିବହନ ଖର୍ଚ୍ଚ ବୃଦ୍ଧି ପାଏ, ଯାହାର ସିଧାସଳଖ ନକାରାତ୍ମକ ପ୍ରଭାବ ଖାଦ୍ୟଶସ୍ୟ, ପନିପରିବା, ଔଷଧ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ଉପରେ ପଡ଼ିଥାଏ । ବର୍ତ୍ତମାନ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ଏବଂ ବେକାରୀ ସମସ୍ୟା ଏକ ପ୍ରମୁଖ ଚିନ୍ତାର କାରଣ ପାଲଟିଥିବା ବେଳେ ଲୋକଙ୍କ କ୍ରୟ କ୍ଷମତା ହ୍ରାସ ପାଇବାରେ ଲାଗିଛି । ଏଭଳି ଏକ ସମ୍ବେଦନଶୀଳ ସ୍ଥିତିରେ ଆନ୍ତର୍ଜାତୀୟ ବଜାରରେ ତୈଳ ଦର ଏତେ ମାତ୍ରାରେ କମିବା ସତ୍ତ୍ୱେ ଘରୋଇ ବଜାରରେ ଦର ନକମାଇବା ଦ୍ୱାରା ସାଧାରଣ ଲୋକଙ୍କ ଉପରେ ଅଯଥାରେ ମୁଦ୍ରାସ୍ଫୀତିର ବିପୁଳ ବୋଝ ଲଦି ଦିଆଯାଉଛି । ତୈଳ କମ୍ପାନୀଗୁଡ଼ିକ ବର୍ଷକୁ ହଜାର ହଜାର କୋଟି ଟଙ୍କାର ମୁନାଫା କମାଉଥିବା ବେଳେ, ଜଣେ ସାଧାରଣ ଶ୍ରମିକ ବା ମଧ୍ୟବିତ୍ତ ଖାଉଟି ନିଜର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ପାଇଁ କଠିନ ସଂଘର୍ଷ କରୁଛି । ଯଦି ସରକାର ପ୍ରକୃତରେ ଦେଶର ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା କରିବାକୁ ଚାହୁଁଛନ୍ତି ଏବଂ ଅର୍ଥନୀତିକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛନ୍ତି, ତେବେ ବିନା ବିଳମ୍ବରେ ତୈଳ ଦର ହ୍ରାସ କରିବା ନିହାତି ଆବଶ୍ୟକ । କମ୍ପାନୀଗୁଡ଼ିକର କ୍ଷତି ଭରଣା ନାମରେ ବର୍ଷ ବର୍ଷ ଧରି ଗ୍ରାହକମାନଙ୍କୁ ଶୋଷଣ କରିବା ଏବଂ ଟିକସ ମାଧ୍ୟମରେ ରାଜସ୍ୱ ଆଦାୟ କରିବା କୌଣସି ଗଣତାନ୍ତ୍ରିକ ରାଷ୍ଟ୍ରର କଲ୍ୟାଣକାରୀ ନୀତି ହୋଇନପାରେ । ତୈଳ ଦର ନିର୍ଦ୍ଧାରଣ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆଣିବା ସହ ଆନ୍ତର୍ଜାତୀୟ ବଜାରର ସୁଫଳ ଯେପରି ସିଧାସଳଖ ତଥା ତୁରନ୍ତ ଗ୍ରାହକଙ୍କୁ ମିଳିବ, ସେ ଦିଗରେ ସରକାର ଦୃଢ଼ ଏବଂ ସକାରାତ୍ମକ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ । ନଚେତ୍ ଏହି ତ୍ରୁଟିପୂର୍ଣ୍ଣ ନୀତି ଦେଶର ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାଧାରଣ ଲୋକଙ୍କ ଜୀବନଧାରଣ ମାନ ଉପରେ ଅତ୍ୟନ୍ତ ଭୟାବହ ପ୍ରଭାବ ପକାଇବ ।



# ଶରୀରଂ ଆଦ୍ୟଂ ଖଳୁଧର୍ମ ସାଧନମ୍

## ବିଜୟ କୁମାର ପୃଷ୍ଟି

ଏବେ ନିକଟରେ ଭାରତର ବିଭିନ୍ନ ସ୍ଥାନରେ 'ଜାତୀୟ ଡାକ୍ତର ଦିବସ' ପାଳିତ ହୋଇଯାଇଛି, ଇଲେକ୍ଟ୍ରିକ ଏବଂ ପ୍ରିଣ୍ଟ ମିଡ଼ିଆରୁ ଏହାର ସାର ମର୍ମ ବୁଝି ପାରିଥିବେ। ତତ୍ ସହିତ ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା ଆନୁକୂଲ୍ୟରେ ଏକ ଦିନିକିଆ ସାମଗ୍ରୀକ ସ୍ୱାସ୍ଥ୍ୟସେବା ସମ୍ମିଳିନୀ ମଧ୍ୟ ଭୁବନେଶ୍ୱରସ୍ଥ ସାଇ ଜନନୀ ହଲରେ ପାଳିତ ହୋଇ ବହୁ ଡାକ୍ତରଙ୍କୁ ସମ୍ମାନିତ କରାଯାଇଛି। କାରଣ ସାଧାରଣ ଭାବେ ଆମେ ସ୍ୱତଃ ଭାବୁ 'ଡାକ୍ତର ହେଉଛନ୍ତି ଦ୍ୱିତୀୟ ଭଗବାନ'।

ଆପଣମାନେ ଜାଣିଥିବେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (W.H.O.)ର ଘୋଷଣା ଅନୁଯାୟୀ ପ୍ରକୃତ ସ୍ୱାସ୍ଥ୍ୟର ସଂଜ୍ଞା ହେଉଛି କେବଳ ରୋଗ ବିହୀନ ଶରୀର ସୁସ୍ଥତା ହିଁ ବରଂ ଶରୀରିକ, ମାନସିକ, ସାମାଜିକ ଏବଂ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟର ସମାହାର ହିଁ ପ୍ରକୃତ ସ୍ୱାସ୍ଥ୍ୟ। ଏହା ପ୍ରକୃତିଦ। ଅମୃତସ୍ୟ ପୁତ୍ରାଃ। ପ୍ରକୃତିର ପାଞ୍ଚ ମହାଭୂତରେ ଆମ ଶରୀର ଗଠିତ ଏବଂ ଏହି ପଞ୍ଚ ମହାଭୂତ ଦ୍ୱାରା ହିଁ ଶରୀରର ରୋଗ ଉପଶମ ସମ୍ଭବ। ଅର୍ଥାତ୍ ପ୍ରକୃତିର ନିୟମାଯାୟୀ ଜୀବନଯାପନ କଲେ ହିଁ ଏକ ନିରାମୟ ଜୀବନ ସମ୍ଭବ ହୋଇଥାଏ।

ଆମ ସରକାରଙ୍କ କାର୍ଯ୍ୟକଳାପକୁ ଟିକିଏ ଦେଖିବା ଭାରତୀୟ ଭେଷଜ ଓ ହୋମିଓପାଥି (Indian System of Medicine and Homocopathy) ବୋଲି ସ୍ୱାସ୍ଥ୍ୟ ବିଭାଗ ଅଧିନରେ ଏହି ବିଭାଗଟି ଥିଲା ଏକ ପ୍ରକାର ସ୍ଥାଣୁ। ୨୦୦୪ ମସିହାରେ ସ୍ୱର୍ଗତଃ ସୁଷମା ସ୍ୱରାଜଙ୍କ ପ୍ରଚେଷ୍ଟାରେ ଏହାକୁ ଏକ ଆୟୁଷ ବିଭାଗ କରାଗଲା ଏବଂ କାଳକ୍ରମେ ଏହା ଏକ ସ୍ୱତନ୍ତ୍ର ଆୟୁଷ ମନ୍ତ୍ରାଳୟର ରୂପ ନେଲା। ଆଧୁନିକ ସ୍ୱାସ୍ଥ୍ୟ ସେବାର ଏକ ଏକ ବିକଳ୍ପ ଚିକିତ୍ସାରେ ପ୍ରମାଣିତ ହେଲା। ଯାହା କି ଜନସାଧାରଣଙ୍କ ଦ୍ୱାରା ଆଦୃତ ହେଲା ଏବଂ ରୋଗର ମୂଳ କାରଣଟି ଲୋପ ପାଇବାରୁ ସେ ରୋଗଟି ମୂଳୋତ୍ପାଟନ ହୋଇଗଲା। ସମୟ କ୍ରମେ ଏହି ଚିକିତ୍ସା ଆଦର ପାଇଲା। ଆମ୍ଭମାନଙ୍କର ଏହି ଆୟୁଷ ବିଭାଗ ବିଷୟରେ ସମ୍ୟକ ଧାରଣା ହେବା ଦରକାର ଯାହାକୁ ବର୍ତ୍ତମାନ ସରକାର ଅଧିକ ପ୍ରୋତ୍ସାହିତ କରୁଛନ୍ତି। AYUSH - A yurveda, Y Yogo & Naturepathy, U-Unani, S-Siddha and H-Homoeopahty । ଏହି ଆୟୁଷ ଚିକିତ୍ସା ପଦ୍ଧତି ହେଉଛି ଆଧୁନିକ ଚିକିତ୍ସା ପଦ୍ଧତିର ଏକମାତ୍ର ବିକଳ୍ପ। ଚିକିତ୍ସା ପଦ୍ଧତି ହେଉଛି ଭାରତର ବହୁ ପୁରାତନ ଏବଂ ଆମ ବେଦ ବେଦାନ୍ତର ପ୍ରାଞ୍ଜଳ ଭାବେ ଲିଖିତ ଅଛି। ଆୟୁର୍ବେଦରେ ରହିଛି ପଥ୍ୟ ଉପଯକ୍ତ ଖାଦ୍ୟ ହେଉଛି ଔଷଧ ହେଉଛି ପଥ୍ୟ। ମୋଟାମୋଟି କହିବାକୁ ଗଲେ ଆଧୁନିକ ଚିକିତ୍ସାର ଏକମାତ୍ର ବିକଳ୍ପ ହେଲା ଆୟୁଷ ଚିକିତ୍ସା।

ଆଧୁନିକ ଚିକିତ୍ସା ପଦ୍ଧତି (Modern Medicine) ସାରା ବିଶ୍ୱରେ ବିଭିନ୍ନ ପରୀକ୍ଷାଗାରରେ ବୈଜ୍ଞାନିକ ମତ ସ୍ୱୀକୃତିପ୍ରାପ୍ତ ଔଷଧ ଯାହା ବହୁ ବଡ଼ ବଡ଼ ରୋଗର ଉପଶମ କରିପାରିବ। ତେଣୁ ସାରା ମନୁଷ୍ୟ ସମାଜରେ ଏହା ବହୁଳ ଭାବର ଆଦୃତ। ସେଥିପାଇଁ ଡାକ୍ତର ମାନଙ୍କୁ କୁହାଯାଏ ଦ୍ୱିତୀୟ ଭଗବାନ। କିନ୍ତୁ ଏଇଠି ଏକ ରହସ୍ୟ ରହିତ ରୋଗର ମୂଳକାରଣକୁ ଦମନ ନକରି କେବଳ ରୋଗର ପ୍ରଭାବକୁ ଭଲ କରିଦିଏ, ଯାହାକି ଆୟୁଷ ଚିକିତ୍ସା ଦ୍ୱାରା ରୋଗର ମୂଳକାରଣ ବାହାର କରି ତାହା ହିଁ ନଷ୍ଟ କରି ଦିଆଯାଏ। ଆପଣ ମାନଙ୍କୁ ମନେ ପକାଇ ଦେବାକୁ ଚାହେଁ ହୁର ୨୦୧୧ ଘୋଷଣାନୁଯାୟୀ "The Higher Antibiotic will not work today and not cure tomorrow". ଅର୍ଥାତ୍ ଦିନେ ଯେଉଁ ପେନସିଲିନ ଇଞ୍ଜେକ୍ସନକୁ ଜୀବନ ରକ୍ଷାକାରୀ ଔଷଧ ବୋଲି କୁହାଯାଉଥିଲା ତାହା ଆଜି ମନୁଷ୍ୟ ଶରୀରର ରୋଗ ଉପଶମ କରିପାରୁ ନାହିଁ। ଅର୍ଥାତ୍ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମିଯାଉଛି। ଫଳରେ ରୋଗ ଆକ୍ରମଣ କରୁଛି। ଏହାର ଏକମାତ୍ର କାରଣ ହେଲା ଡାକ୍ତରଙ୍କ ପରାମର୍ଶ ଅନୁସାରେ ଉପଯୁକ୍ତ ଔଷଧ ସେବନ କରିବା ସହ ପ୍ରତ୍ୟହ ନିଜ ଜୀବନଶୈଳୀରେ ପରିବର୍ତ୍ତନ କରିବା ଅର୍ଥାତ୍ ପ୍ରାକୃତିକ ଜୀବନଶୈଳୀରେ ଜୀବନଯାପନ କଲେ ନିରାମୟ ଜୀବନ ସମ୍ଭବ ହୋଇ ପାରିବ। ସେଥିପାଇଁ ଅଛି ଶରୀରର ସୁସ୍ଥତା ପାଇଁ ସାମଗ୍ରୀକ ଚିକିତ୍ସା ସେବାର ଆବଶ୍ୟକତା ଅଛି।

ଆଧୁନିକ ଚିକିତ୍ସା ପଦ୍ଧତି (Modern Medicine) ସାରା ବିଶ୍ୱରେ ବିଭିନ୍ନ ପରୀକ୍ଷାଗାରରେ ବୈଜ୍ଞାନିକ ମତ ସ୍ୱୀକୃତିପ୍ରାପ୍ତ ଔଷଧ ଯାହା ବହୁ ବଡ଼ ବଡ଼ ରୋଗର ଉପଶମ କରିପାରିବ। ତେଣୁ ସାରା ମନୁଷ୍ୟ ସମାଜରେ ଏହା ବହୁଳ ଭାବର ଆଦୃତ। ସେଥିପାଇଁ ଡାକ୍ତର ମାନଙ୍କୁ କୁହାଯାଏ ଦ୍ୱିତୀୟ ଭଗବାନ। କିନ୍ତୁ ଏଇଠି ଏକ ରହସ୍ୟ ରହିତ ରୋଗର ମୂଳକାରଣକୁ ଦମନ ନକରି କେବଳ ରୋଗର ପ୍ରଭାବକୁ ଭଲ କରିଦିଏ, ଯାହାକି ଆୟୁଷ ଚିକିତ୍ସା ଦ୍ୱାରା ରୋଗର ମୂଳକାରଣ ବାହାର କରି ତାହା ହିଁ ନଷ୍ଟ କରି ଦିଆଯାଏ। ଆପଣ ମାନଙ୍କୁ ମନେ ପକାଇ ଦେବାକୁ ଚାହେଁ ହୁର ୨୦୧୧ ଘୋଷଣାନୁଯାୟୀ "The Higher Antibiotic will not work today and not cure tomorrow". ଅର୍ଥାତ୍ ଦିନେ ଯେଉଁ ପେନସିଲିନ ଇଞ୍ଜେକ୍ସନକୁ ଜୀବନ ରକ୍ଷାକାରୀ ଔଷଧ ବୋଲି କୁହାଯାଉଥିଲା ତାହା ଆଜି ମନୁଷ୍ୟ ଶରୀରର ରୋଗ ଉପଶମ କରିପାରୁ ନାହିଁ।

ଆପଣ ଦୈନିକ ଖବର କାଗଜ ପଢ଼ନ୍ତୁ, ରେଡ଼ିଓ ଶୁଣନ୍ତୁ କିମ୍ବା ଟେଲିଭିଜନ ଦେଖନ୍ତୁ ସବୁର ମୂଳ ହେଲା ଉପଯୁକ୍ତ ସ୍ୱାସ୍ଥ୍ୟ ପାଇଁ କେବଳ ଦୈନନ୍ଦିନ ପ୍ରାକୃତି ଜୀବନ ଶୈଳୀର ଅଭ୍ୟାସର ଆବଶ୍ୟକତା ରହିଛି। ତାହା ହେଲେ ଏ ପ୍ରାକୃତିକ ଜୀବନ ଶୈଳୀ କ'ଣ? ଆୟୁଷ ଚିକିତ୍ସା ପଦ୍ଧତି ଅନୁସାରେ ଏଶରୀର ସୃଷ୍ଟି ହେଉଛି ପଞ୍ଚ ମହାଭୂତର ଏବଂ ଏହାର ଚିକିତ୍ସା ମଧ୍ୟ ଏହି ପଞ୍ଚ ମହାଭୂତ (କ୍ଷୀତ, ଅପ୍, ତେଜ, ମରୁତ, ବୋମ, ମାଟି, ପାଣି, ଅଗ୍ନି, ପବନ ଓ ଆକାଶ) ମାଧ୍ୟମରେ ହେଲେ ଶରୀର ସୁସ୍ଥ ରହିବ। ପ୍ରତ୍ୟହ ବ୍ରହ୍ମମୁହୂର୍ତ୍ତର ଶଯ୍ୟାତ୍ୟାଗ କରି ଭଗବାନଙ୍କୁ ପ୍ରାର୍ଥନା କରି ନିତ୍ୟକର୍ମ ସାରିବା ଉଚିତ। ଏହି ସମୟରେ ସ୍ନାନ କଲେ ତାହା ଅମୃତ ପାନ ସହ ସମାନ ହୋଇଯାଏ। ଶରୀରରକୁ ରକ୍ତ ସଂଞ୍ଚଳନକୁ ସନ୍ତୁଳନ କରିବାର ଶରୀର ସମସ୍ତ ଗଣ୍ଠିକୁ ସଚକ କରିବାକୁ ହେଲେ ପ୍ରାତଃ ଭ୍ରମଣ, ଦୌଡ଼କୁଦ, ସାଇକେଲ ଚଳାଇବା ଇତ୍ୟାଦି ଏବଂ ସର୍ବୋତ୍କୃଷ୍ଟ ବ୍ୟାୟାମ ହେଉଛି ଯୋଗାଭ୍ୟାସ କରିବା ଏକାନ୍ତ ଆବଶ୍ୟକ। ଯୋଗାଭ୍ୟାସ ଦ୍ୱାରା ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ସବଳ ହେବା ସହ ନିଶ୍ୱାସ ପ୍ରଶ୍ୱାସର ଗତି ନିୟନ୍ତ୍ରିତ ସହ ଅମ୍ଳଜାନ ମିଳିଥାଏ। ଅର୍ନ୍ତମନ ପ୍ରଫୁଲ୍ଲିତ ହୁଏ, ପ୍ରକୃତିର ନିୟମ ହିତଭୁକ, ଋତୁଭୁକ ଏବଂ ମିତଭୁକ ଅନୁସାରେ ହିତକର ଖାଦ୍ୟ, ଋତୁ ଜାତୀୟ ଫଳମୂଳ ଏବଂ ପନିପରିବା ଏବଂ ଖାଦ୍ୟର ମିତ ବ୍ୟୟିତା ହେଲେ ଶରୀରର ଗଠନ ଠିକ ହୁଏ। ଉପଯୁକ୍ତ ଖାଦ୍ୟସାର ମିଳିଥାଏ। ଫଳରେ ମସ୍ତିଷ୍କକୁ ସଠିକ ରକ୍ତ ସଞ୍ଚାଳନ ହୋଇଥାଏ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଏଥି ସହିତ ନିର୍ଦ୍ଦିଷ୍ଟ ସମୟରେ ଖାଦ୍ୟ ଗ୍ରହଣର ମହତ୍ୱ ରହିଛି। ନିଜ କର୍ମ କ୍ଷେତ୍ରରେ ସକରାତ୍ମକ ଭାବରେ ସମସ୍ତ କର୍ମକୁ ସୂଚାରୁରୂପେ ସଂପାଦନ କରିବା ଦ୍ୱାରା ମନରେ ବିଷାଦ ଭାବ କିମ୍ବା ହତାଶ ଭାବ ରହେନାହିଁ। ମନରେ ଶାନ୍ତି ଆସେ। ନିର୍ଦ୍ଦିଷ୍ଟ ସମୟର ବିଛଣା ତ୍ୟାଗ ଏବଂ ବିଛଣା ଗ୍ରହଣ ମଧ୍ୟ ଅତ୍ୟନ୍ତ ଜରୁରୀ। ଅର୍ଥାତ୍ ରାତି ୭/୮ ଘଣ୍ଟା ସୁଖନିଦ୍ରା ହେଉଛି ସ୍ୱାସ୍ଥ୍ୟର ଚାବିକାଠି। ସବୁବେଳେ ହସ ହସ ମୁହଁ ରହିବା ଏକ ମୂଲ୍ୟବାନ ଟନିକ। ଜଣେ ଡାକ୍ତରଙ୍କ ଭାଷାରେ ଔଷଧରେ କିଛି ଖୁସି ନଥାଏ ବରଂ ହସଖୁସି ହେଉଛି ଉତ୍କୃଷ୍ଟ ଔଷଧ ତେଣୁ ଆଜି ଉପଯୁକ୍ତ ସମୟ ଆସିଛି ଆମେ ଆମ ଶରୀରର ଯତ୍ନ ନେବା ଆମର ପ୍ରଥମ କର୍ତ୍ତବ୍ୟ। ତାହାହେଲେ ଯାଇ ଏକ ସୁସ୍ଥ ଶରୀର ପାଇବ - ଶରୀରଂ ଆଦ୍ୟଂ ଖଳୁ ଧର୍ମ ସାଧନମ୍।

+ସମ୍ପାଦକ, ନିରାମୟ, କଟକ
ମୋ: ୯୮୬୧୪୬୪୯୩୨



# ତ୍ରିମୂର୍ତ୍ତି ତଥା ଚତୁର୍ଦ୍ଧାମୂର୍ତ୍ତି ରହସ୍ୟ

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଶ୍ରୀମନ୍ଦିରର ରତ୍ନ ସିଂହାସନରେ ସପ୍ତବିଗ୍ରହ ବିରାଜମାନ। ଏ ସମ୍ପର୍କରେ ଯଥାର୍ଥରେ କୁହାଯାଇଛି, 'ସପ୍ତଭରଣ ସଂଯୁକ୍ତଂ ନୀଳାଦ୍ରିମଣ୍ଡନପରମ୍। ଶ୍ରୀ ଭୂ ମାଧବ ଚକ୍ରଷ୍ଟ ଚକ୍ରୀଭଦ୍ରାହଳୀ କ୍ରମାତ୍।।' ଅର୍ଥାତ୍ ନୀଳାଦ୍ରିମଣ୍ଡନସ୍ଥ ସପ୍ତ ବିଗ୍ରହ ହେଲେ ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରା, ଶ୍ରୀଜଗନ୍ନାଥ, ଶ୍ରୀସୁଦର୍ଶନ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀ ମାଧବ। ଏ ସମସ୍ତ ଦେବ ଦେବୀ ଅତ୍ୟନ୍ତ ରହସ୍ୟମୟ। କିନ୍ତୁ ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ଶ୍ରୀଜଗନ୍ନାଥ, ଏ ତ୍ରିମୂର୍ତ୍ତିଙ୍କୁ ଏବଂ ସୁଦର୍ଶନଙ୍କୁ ସାମିଲ କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବିଶେଷ ଭାବରେ ଗୁରୁତ୍ୱ ଦିଆଯାଇଥାଏ। ଏମାନେ ପ୍ରାୟ ସମସ୍ତଙ୍କର ଦୃଷ୍ଟି ଗୋଚର ହୋଇଥାନ୍ତି। ପ୍ରଥମେ ତ୍ରିମୂର୍ତ୍ତିଙ୍କ ସମ୍ପର୍କରେ ସାମାନ୍ୟ ସୂଚନା ଦିଆଯାଉ।

ତ୍ରିମୂର୍ତ୍ତି ରହସ୍ୟ : ଗବେଷକ ମାନଙ୍କ ମତରେ ତ୍ରିମୂର୍ତ୍ତି ହେଉଛି ଜ୍ଞାନଯୋଗ, କର୍ମଯୋଗ ଓ ଭକ୍ତିଯୋଗର ପ୍ରତୀକ। ବଳଭଦ୍ର ହେଉଛନ୍ତି ଜ୍ଞାନଯୋଗୀ, ସୁଭଦ୍ରା କର୍ମଯୋଗୀ ଓ ଜଗନ୍ନାଥ ଭକ୍ତିଯୋଗୀ। ଶ୍ରୀମଦ୍ ଭଗବତ ଗୀତା ଅନୁଯାୟୀ କେବଳ କର୍ମ, କେବଳ ଜ୍ଞାନ ଓ କେବଳ ଭକ୍ତିର ସ୍ଥିତି ନାହିଁ। କର୍ମୀର ହାତ, ଜ୍ଞାନର ଚକ୍ଷୁ ଓ ଭକ୍ତର ହୃଦୟ, ଏହି ତିନିଗୋଟିର ସମନ୍ୱୟରେ ତ୍ରିବେଣୀ ସଙ୍ଗମ ହୁଏ, ଫଳରେ ମାନବ ଜୀବନ ସାର୍ଥକ ହୋଇଥାଏ।

ତ୍ରିମୂର୍ତ୍ତି ଓ ଓଁକାର ବ୍ରହ୍ମ : ବେଦରେ ଓଁକାରକୁ ବ୍ରହ୍ମ ଲିପି ପ୍ରତିପାଦନ କରାଯାଇଅଛି। ଓଁକାର ଅକାର, ଉ କାର ଓ ମ କାରର ସମଷ୍ଟି। ଓଁ = ଅ+ଉ+ମ । ଅ କାର ବ୍ରହ୍ମାତ୍ମକ ଉ କାର ବିଷ୍ଣାତ୍ମକ ଏବଂ ମ କାର ଶିବାତ୍ମକ ଅଟେ। ତେଣୁ ବ୍ରହ୍ମ, ବିଷ୍ଣୁ ଓ ମହେଶ୍ୱରଙ୍କ ସମଷ୍ଟି ହିଁ ଓଁ। ଏତଦ ବ୍ୟତୀତ ଉକ୍ତ ତିନି ଅକ୍ଷର ସତ୍ତ୍ୱ, ରଜ ଓ ତମ, ସତ୍ୟ, ତ୍ରେତୟା ଓ ଦ୍ୱାପର, ଏବଂ ଭୂଃ, ଭୁବଃ ଓ ସ୍ୱଃ ପ୍ରଭୃତିକୁ ବୁଝାଇଥାଏ। ପୁନଶ୍ଚ ଅ ହିଁ ବିଶ୍ୱ, ଉ ତେଜସ୍, ଓ ମ ପ୍ରାଜ୍ଞ। ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ ଜଗନ୍ନାଥଙ୍କୁ ପ୍ରବଣରୂପୀ ବୋଲି କୁହାଯାଇଛି। ଯଥା - 'ଇତିସ୍ତୁତ୍ୱା ସୁରେଶାନଂ ଦେବଂ ପ୍ରଣବରୂପିଣମ୍।' ସାରଳା ଦାସଙ୍କ ମତରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ଯଥାକ୍ରମେ ହର, ବ୍ରହ୍ମା ଓ ହରି ଅଟନ୍ତି। ଏହି ମୂର୍ତ୍ତି ହିଁ ବ୍ରହ୍ମା, ବିଷ୍ଣୁ ମହେଶ୍ୱର। ଯଥା 'ରାମ କୃଷ୍ଣ ସୁଭଦ୍ରା ଯେ ଏ ତିନି ପ୍ରତିମା, ଶୀପୁରୁଷୋତ୍ତମ ବିଜେ ହରିହର ବ୍ରହ୍ମା।'

ତ୍ରିମୂର୍ତ୍ତି ହିଁ ତ୍ରିବୀଜ : ଦିବାକାର ଦାସ ଶ୍ରୀଜଗନ୍ନାଥ ଚରିତାମୃତରେ ପ୍ରକାଶ କରିଛନ୍ତି ଯେ ବଳଭଦ୍ରଙ୍କର ହେଉଛି ଶ୍ରୀ ବୀଜ, ସୁଭଦ୍ରାଙ୍କର ହ୍ରାଁ ବୀଜ ଓ ଜଗନ୍ନାଥଙ୍କ ହେଉଛି କ୍ଲାଁ ବୀଜ। ତାଙ୍କ ଭାଷାରେ 'ଶ୍ରୀଁ ବୀଜ ଭଳଭଦ୍ର ହୋନ୍ତି। ହ୍ରୀଁ ବୀଜ ସୁଭଦ୍ରା ମୂରତ୍ତି। କ୍ଲାଁ ବୀଜ ଜଗନ୍ନାଥ ଭାବ। ଏ ରୂପେ ନୈବେଦ୍ୟଦେବ।'

ତ୍ରିମୂର୍ତ୍ତି ତିନି ସାଙ୍କେତିକ ରୂପ : ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଯଥାକ୍ରମେ କୃଷ୍ଣ, ଶ୍ୱେତ ଓ ପୀତବର୍ଣ୍ଣ ବିଶିଷ୍ଟ। ଏମାନେ ପୃଥିବୀର ତିନିବର୍ଣ୍ଣର ମନୁଷ୍ୟ ଭିତରେ ସାମ୍ୟ ଓ ମୈତ୍ରୀ ପ୍ରତିଷ୍ଠା ପାଇଁ ତିନୋଟି ସାଙ୍କେତିକ ରୂପ। ଆଫ୍ରିକା ଓ ଏସିଆର କୃଷ୍ଣାଙ୍ଗ, ୟୁରୋପ ଓ ଆମେରିକାର ଶ୍ୱେତାଙ୍ଗ ଏବଂ ଚୀନ ତିବ୍ବତର ପୀତାଙ୍ଗମାନଙ୍କ ମଧ୍ୟରେ ସାର୍ବଜନୀନ ମୈତ୍ରୀ, ସାମ୍ୟ, ସମନ୍ୱୟ ତଥା ମିଳନର ଅଭିମନ୍ତ୍ର ଶୁଣାଇବାପାଇଁ ବୋଧ ହୁଏ ଅବତୀର୍ଣ୍ଣ। ଶ୍ରୀଜଗନ୍ନାଥଙ୍କର ବାନା ପତିତପାବନ ହୋଇଥିବାରୁ ଏବଂ ସେ ଦୀନବନ୍ଧୁ, ଆର୍ତ୍ତତ୍ରାଣ, ବୋଲା ଯାଉଥିବାରୁ ଅପେକ୍ଷାକୃତ ନିର୍ଦ୍ଧନ ତଥା ଅବହେଳିତ ଏସିଆ ଆଫ୍ରିକାର ଲୋକମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ଏବଂ ସେମାନଙ୍କ ପରି ନିଜେ କୃଷ୍ଣବର୍ଣ୍ଣ ହୋଇଥିବା ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ।

ତ୍ରିମୂର୍ତ୍ତି ହେଉଛନ୍ତି ତିନିଜଣ ଠାକୁରାଣୀ : ତନ୍ତ୍ରଶାସ୍ତ୍ରରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ତିନିଦେବୀ ବୋଲି ବର୍ଣ୍ଣନା କରାଯାଇଛି। ଯଥା 'ଉଗ୍ରତାରା ଶୂଳପାଣି ସୁଭଦ୍ରା ଭୁବନେଶ୍ୱରୀ। ନୀଳାଦୌସ୍ତୁ ଜଗନ୍ନାଥଃ ସାକ୍ଷାତ୍ ଦକ୍ଷିଣକାଳିକା।' ଅର୍ଥାତ୍ ବଳଭଦ୍ର ହେଉଛନ୍ତି ଉଗ୍ରତାରା, ସୁଭଦ୍ରା, ଭୁବନେଶ୍ୱରୀ ଏବଂ ଜଗନ୍ନାଥ ହେଉଛନ୍ତି ଦକ୍ଷିଣକାଳୀ। ସପ୍ତଶତୀ ଚଣ୍ଡୀରେ ତିନିଦେବୀଙ୍କ ତତ୍ତ୍ୱ ଓ ଧ୍ୟାନ ପରିବେଷିତ ହୋଇଅଛି। ସେମାନେ ହେଲେ ମହାସରସ୍ୱତୀ, ମହାଲକ୍ଷ୍ମୀ ଓ ମହାକାଳୀ।



ରତ୍ନସିଂହାସନସ୍ଥ ସପ୍ତବିଗ୍ରହ, ତ୍ରିମୂର୍ତ୍ତି, ଏବଂ ଚତୁର୍ଦ୍ଧାମୂର୍ତ୍ତି ଅତ୍ୟନ୍ତ ରହସ୍ୟମୟ ହେଲେ ହେଁ ଶ୍ରୀଜଗନ୍ନାଥ ଯେ ଏକାକୀ ସମସ୍ତ ଚିନ୍ତନ ଚକ୍ରର ଅବ୍ୟକ୍ତ ମୂଳାଧାର, ଏହା ନିଃସନ୍ଦେହ। ତ୍ରିମୂର୍ତ୍ତି ତଥା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଓଁକାର ଭାବରେ, ବ୍ରହ୍ମାବିଷ୍ଣୁ ମହେଶ୍ୱର ଭାବରେ, ବୌଦ୍ଧ ଧର୍ମର ବୁଦ୍ଧ ସଂଘ ଧର୍ମ ଭାବରେ ସତ୍‌ଚିତ୍ ଆନନ୍ଦ ଭାବରେ, ଋକ ଯଜୁ, ସାମ ଭାବରେ ହ୍ରୀଁ ଶ୍ରୀଁ କ୍ଲାଁ ବୀଜ ଉପରେ କୃଷ୍ଣ ଶ୍ୱେତ ପୀତ ବର୍ଣ୍ଣ ଭାବରେ, ସତ୍ତ୍ୱ ରଜତମ ଭାବରେ, କର୍ମଜ୍ଞାନ ଓ ଭକ୍ତି ଭାବରେ ଏବଂ ଶିବ, ଶକ୍ତି ବିଷ୍ଣୁ ଭାବରେ ପ୍ରତିପାଦିତ କରାଯାଇଅଛି। ଏ ସମ୍ବନ୍ଧୀୟ ତତ୍ତ୍ୱ ଓ ତଥ୍ୟ ଅତ୍ୟନ୍ତ ବ୍ୟାପକ, ଅନନ୍ତ ଓ ଅତ୍ୟନ୍ତ ରହସ୍ୟାବୃତ୍ତ। ଚତୁର୍ଦ୍ଧାମୂର୍ତ୍ତି ଏକ ତଥା ଅଭିନ୍ନ, ଏହା ମଧ୍ୟ ପ୍ରତିପାଦିତ ହୋଇଅଛି। ବିଭିନ୍ନ ଧର୍ମାବଲମ୍ବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେମାନଙ୍କର ଆରାଧ୍ୟ ଦେବ ଦେବୀଙ୍କୁ ରତ୍ନସିଂହାସନସ୍ଥ କରିବା ଯୁକ୍ତିଯୁକ୍ତ ପରି ମନେହୁଏ। ସେ ଯାହାହେଉ ଏ ସମସ୍ତ ବିଷୟ କେବଳ ମାନସିକ ପରିକଳ୍ପନା। ତ୍ରିମୂର୍ତ୍ତି କିଏ, କ'ଣ ସେ ବିଷୟ ଶ୍ରୀଜଗନ୍ନାଥଙ୍କୁ ହିଁ ଜଣା। ସର୍ବ ରହସ୍ୟ ପୁରୁଷୋତ୍ତମ ଦେବେ। ନ ଜାନାତି କୁତ ମନୁଷ୍ୟଃ।

+ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ
ବିଭାଗୀୟ ମୁଖ୍ୟ, ହେପାଟୋଲୋଜି
ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ,
ମୋ : ୯୪୩୭୦୫୧୯୫୭

## କବିତା କୋଣାର୍କ

# ବର୍ଷା : ଦୁଇଟି ସନେଟ୍

## ପ୍ରଭାତୀ ମାଝୀ

॥ ବର୍ଷା-୧ ॥

କଷି କାଇଁଚର କିଆରୀ ସେପଟେ ତମେକି କାଟୁଛ ଘାସ
ପିଆସୀ ଆଜି ମୁଁ ଏପଟ ବିଲରେ ଭରା ଭୋଦୁଅର ମାସ ।
ପର ତ ଲାଗିଛି ପୁନେଇ ମେଘରେ ଦେହ ଓଦା ମନ ଓଦା
ଭାରିଯା ତମର ଭାରି ତ ସନ୍ଦେହୀ ସବୁରେ ଦିଅଇ ବାଧା ।

ମେଘ ଜଳ ସିନା ଦେହ ଓଦାକରେ ପ୍ରୀତି ଜାଳୁଥାଏ ନିଆଁ
ଘନ ବରଷାରେ କାଦୁଅ ବିଲରେ ତମେ ମନେପଡ଼ କିଆଁ ।
ଅପବାଦ ସିନା ଘୋର ଘଡ଼ଘଡ଼ି ବିଜୁଳି ତମର ହସ
ମେଘର ଓହଳ ତମ ପ୍ରେମ ପରି ଛାତିରେ କଦମ୍ବ ବାସ ।

ଆଖି ଦୁଇ ତୁମ ଖୋଜିଲା ଖୋଜିଲା ଦେହ ତ ତରଙ୍ଗାପାଟ
ଅଧାରୁଆ ମୋର କ୍ଷେତକୁ ନାଗର ସେଇପଟେ ତମବାଟ ।
ଗରଭ ଭାଙ୍ଗିଛି ତମ କାଳୀଗାଇ ମୋର ବଳଦରେ ଚାଷ
ଭୋଦୁଅ ମାସର ଓଦା କିଆରୀରେ ଥାଏ କିଆଁ ଏତେ ଶୋଷ ।

ଘାସ ବୋଝ ତମ ମୁଣ୍ଡକୁ ଦେବାକୁ ଡ଼ାକିବ ନାହିଁକି ମୋତେ
ବୋଝ ଟେକୁ ଟେକୁ ବୁଝିବ ନାଗର ମେଘରେ ବରଷା କେତେ !

॥ ବର୍ଷା-୨ ॥

ମେଘସିନା ପ୍ରିୟ ଆକାଶ ଦାଢ଼ରେ ଛାତିରେ ଶୁଖିଲା ମାଟି
ତମେ ଦୂର ଗାଁ ଶ୍ୟାମଳ କ୍ଷେତରେ ନିଆଁ ଜାଳେ ଏଠି ରାତି।
ଯେଉଁ ଆଷାଢ଼ରେ ମନ ହଜିଥିଲା ସେ ଆଷାଢ଼ ଏବେ ନାହିଁ
ଓଷ୍ଠ ପତରରେ ତମର କବିତା ପୁଣି ବି ଲେଖନ୍ତି କେହି।

ବାରି ଗଡ଼ି ଆର ପଦମ ପତର କଅଁଳ କଅଁଳ ଦେହ
ଦେହ ସିନା ତମ ଅଧାମରଦର ମନ ତ ମନୋଇ ପୁଅ।
ଯେଉଁ ଋତୁ କେବେ ଶେଷ ହୁଏନାହିଁ ସେ ଋତୁର ନାଁ ତମେ
ଅସରା ପ୍ରେମର ଶବ୍ଦ ଭଣ୍ଡାରରେ କବିତା ଲେଖୁଛେ ଆମେ ।

ଶ୍ୟାମଳ କିଆର ଗହଳ ଗଭାରେ ଶୋଷିଛ କେତକୀ ଶୋଷ
ପୋଡ଼ା ମାଟିଘର ଅଗଣାରେ ମୁଁ ଯେ ଲୁଚାଛପା ଅବସୋସ
ଉଛୁଳା ନଈର ଅଭିମାନ ମୁଁ ତମେ ମଇଁଷୀଗୋଠର ଢ଼ିପ
ପ୍ରେମ ସବୁଦିନ ଅଚିହ୍ନା ଅକ୍ଷର ମେଘ ଠିକଣାର ଗପ ।

ତମେ ପରି ମାନେ ତମେ ନୁହେଁ ବୋଲି ଜାଣି ମୁଁ ପାରିଲି ଯେବେ
କାଇଁଚର ଫୁଲ ଦୂର ଗହୀରରେ ନଯାଇ ଯିବାକୁ ଭାବେ ।

+ଭାବ ଭବନ, ଗୋପିଆକୁଦ କୁଜଙ୍ଗ,
ଜଗତ୍‌ସିଂହପୁର
ମୋ:୯୭୭୬୪୫୯୪୬୩



# ରାସ୍ତାକଡରେ ଥିବା ମୋମୋସ୍ ଖାଉଛନ୍ତି କି ? ଜାଣନ୍ତୁ ଏହାର ବିପଦ

ପ୍ରତ୍ୟେକ ବ୍ୟକ୍ତି ନିଜ ପାଟିର ସ୍ୱାଦ ପାଇଁ ବଜାରରୁ ବିଭିନ୍ନ ପ୍ରକାର ଖାଦ୍ୟ ସେବନ କରିଥାନ୍ତି । କିଏ ତେଲ ଜାତିୟ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ତ ଆଉ କିଏ ପିଜା ବରଗର ଇତ୍ୟାଦି ଖାଇଥାନ୍ତି । ତେବେ ଏହିସବୁ ଖାଦ୍ୟ ମଧ୍ୟରେ ମୋମସ୍ ମଧ୍ୟ ସାମିଲ ଅଛି । ଯାହାର ଚାହିଦା ଆଜିର ସମୟରେ ଖୁବ୍ ବେଶି ରହିଛି । ପିଲାଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ମୋମସ୍ ଖାଇଥାନ୍ତି । ଖାସ୍ କରି ଆଜିକାଲି ରାସ୍ତାକଡରେ ଏହି ମୋମସ୍ ଅଧିକ ମାତ୍ରାରେ ଏବଂ ଶସ୍ତାରେ ମଧ୍ୟ ମିଳୁଛି । ଯାହାକୁ ମେୟୋନିଜ୍ ଏବଂ ଲାଲ୍ ଚଟଣି ସହତ ଦିଆଯାଏ । କିନ୍ତୁ ଆପଣମାନେ ଜାଣିଛନ୍ତି କି ରାସ୍ତା କଡରେ ଥିବା ଏହି ମୋମୋସ୍ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତି କାରକ ହୋଇଥାଏ । ଏଥିସହିତ ଏଥିରେ ଦିଆଯାଉଥିବା ଲାଲ୍ ଚଟଣୀ ଶରୀର ଉପରେ କେତେ ମାତ୍ରାରେ ପ୍ରଭାବ ପକାଇଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ସମ୍ପର୍କରେ...

ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ମୋମୋସ୍: ମୋମୋସ୍ ସୂକ୍ଷ୍ମ ମଇଦାରୁ ନିର୍ମିତ ହୋଇଥାଏ । ଏଥିରେ ଆଜୋଡିକାର୍ବୋନାମାଇଡ୍, ବେନୋଜୋଏଲ୍ ପେରକ୍ସାଇଡ୍ ପରି ଉପାଦାନଗୁଡିକ ସାମିଲ ଥାଏ । ଏଥିସହିତ ମୋମୋସକୁ ନରମ ରଖିବା ପାଇଁ ଏଥିରେ ଆଲକ୍ସାନ୍ ନାମକ ଏକ ଉପାଦାନ ମଧ୍ୟ ମିଶ୍ରଣ କରାଯାଇଥାଏ । ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ । ବାସ୍ତବରେ, ମମୋସ୍ ତିଆରି କରିବା ପାଇଁ ମଇଦାରେ ଯୋଗ କରାଯାଉଥିବା ଏହି ଉପାଦାନଗୁଡିକ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ । ଏହି ଉପାଦାନଗୁଡ଼ିକ ଶରୀରର ଅଗ୍ନାଶୟକୁ କ୍ଷତି ପହଞ୍ଚାଇପାରେ । ଏହା ବ୍ୟତୀତ ଏହା ମଧୁମେହ ହେବାର ଆଶଙ୍କା ମଧ୍ୟ ବୃଦ୍ଧି ପାଇଥାଏ ।

ମୋମୋସର ଲାଲ୍ ଚଟଣି ମଧ୍ୟ କ୍ଷତିକାରକ: ତେବେ ଆଜିକାଲି ରାସ୍ତାକଡରେ ଏହି ମୋମସ୍ ଅଧିକ ମାତ୍ରାରେ ଏବଂ ଶସ୍ତାରେ ମଧ୍ୟ ମିଳୁଛି । ଯାହାକୁ ମେୟୋନିଜ୍ ଏବଂ ଲାଲ୍ ଚଟଣି ସହତ ଦିଆଯାଏ । ଯାହାକି ଲାଲ୍ ଶୁଖିଲା ଲଙ୍କାରୁ ପ୍ରସ୍ତୁତ ହୋଇଥାଏ । ଏଥିସହିତ ଏହା ବହୁତ ମସଲା ଯୁକ୍ତ ମଧ୍ୟ ହୋଇଥାଏ । ତେବେ ଏହାକୁ ସେବନ କରିବା ଦ୍ୱାରା ପେଟ ଜନିତ ସମସ୍ୟା ଦେଖାଦେଇଥାଏ । ଯାହାକି ପରବର୍ତ୍ତି ମୁହୂର୍ତ୍ତରେ ଅନେକ ସମସ୍ୟା ସୃଷ୍ଟି କରେ । ତେଣୁ ଅଧିକ ମୋମୋସ୍ ଖାଇବା ଶରୀର ପାଇଁ ବହୁତ କ୍ଷତି କାରକ ହୋଇଥାଏ ।



# ଅଣ୍ଡା ସହ ଏସବୁ ଖାଇବା ଖୁବ୍ ଭଲ, ଭୁଲ୍‌ରେ ବି ପିଅନ୍ତୁନି ଚା' କିମ୍ବା କ୍ଷୀର

ଅଣ୍ଡା ଆମ ଶରୀର ପାଇଁ ଖୁବ୍ ଉପକାରୀ। ପ୍ରୋଟିନ୍‌ରେ ଭରପୂର ଅଣ୍ଡାରେ ମିନେରାଲ୍, ଭିଟାମିନ୍ ଓ ପ୍ରୋଟିନ୍ ଭରି କରି ରହିଛି। ଅଣ୍ଡାକୁ ଆପଣ ଓଜନ ହ୍ରାସ ଡାଏଟ୍‌ରେ ମଧ୍ୟ ସାମିଲ୍ କରିପାରିବେ। ତେବେ ଖାଲି ଅଣ୍ଡା ଖାଇଲେ ଆପଣଙ୍କ ଓଜନ ହ୍ରାସ ହେବ ନାହିଁ, ବରଂ ଏପରି କିଛି ଖାଦ୍ୟ ରହିଛି ଯାହା ସହ ଅଣ୍ଡା ଖାଇବା ଦ୍ୱାରା ଅତିରିକ୍ତ ଚର୍ବି ହ୍ରାସ ପାଇଥାଏ। ତେବେ ଚାଲନ୍ତୁ ଜାଣିବା ଅଣ୍ଡା ସହ କେଉଁ ସବୁ ଖାଦ୍ୟ ଖାଇଲେ ଓଜନ ନିୟନ୍ତ୍ରଣରେ ରହେ।

ଅଣ୍ଡା ସହ ପାଳଙ୍ଗ ଖାଇଲେ ଖୁବ୍ ଶୀଘ୍ର ଓଜନ ହ୍ରାସ ହେବାରେ ଲାଗିଥାଏ। ୧ କପ୍ ପାଳଙ୍ଗରେ ୭ କ୍ୟାଲୋରି ଓ ଗୁଡ଼ାଏ ନ୍ୟୁଟ୍ରିଏଣ୍ଟ୍‌ସ ରହିଛି। ଅଣ୍ଡା ସହ ପାଳଙ୍ଗକୁ ମିଶାଇ ଖାଇଲେ ଯେଉଁ ପରିମାଣର କ୍ୟାଲୋରି ମିଳିଥାଏ, ତାହା ଶରୀର ପାଇଁ ଖୁବ୍ ଭଲ। ଅନ୍ୟ କୌଣସି ପ୍ରକାରର ତେଲ କିମ୍ବା ଲହୁଣୀ ଖାଇଲେ ଆମ ଶରୀରରେ କ୍ୟାଲୋରି ଖୁବ୍ ଶୀଘ୍ର ବଢ଼ିଯାଏ। ଏଥିପାଇଁ ଆପଣ ଅଣ୍ଡାକୁ ନଡ଼ିଆ ତେଲରେ ଓମ୍‌ଲେଟ୍ କରି କି ଖାଇଲେ ସେ ସମସ୍ୟାରୁ ମୁକ୍ତି ପାଇବେ। କାହିଁକି ନା, ନଡ଼ିଆ ତେଲ ମେଟାବଲିଜିମ୍‌କୁ ପ୍ରାୟ ୫ ପ୍ରତିଶତ ବଢ଼ାଇକି ଓଜନ କମାଇବାରେ ସହାୟ ହୋଇଥାଏ।



ତେବେ ଏପରି ଅନେକ ଜିନିଷ ଅଛି ଯାହା ସହ ଅଣ୍ଡା ଖାଇବା ଅନୁଚିତ। ସେଥିମଧ୍ୟରେ ରହିଛି ଚା ଏବଂ କ୍ଷୀର। ଏହି ସବୁ ପାନୀୟ ସହ ଅଣ୍ଡା ଖାଇବାକୁ ବାରଣ କରାଯାଇଛି। ଏସବୁ ସହ ଅଣ୍ଡା ଖାଇଲେ ଶରୀରରେ ଓଲଟା ପ୍ରଭାବ ପଡ଼ିଥାଏ।

# ଗୁପ୍ତ ସହର



ନିର୍ମିତ ଘରଗୁଡ଼ିକରେ ବଡବଡ ବାଲ୍‌କୋନି ସହ ଏକାଧିକ ଗ୍ରୀନ୍‌ହାଉସ ବ୍ୟବସ୍ଥା ରଖାଯିବ । ଛାତ ଉପରେ ଚାଷବାସ କରାଯାଇପାରିବ । ବଡ଼ବଡ଼ କାଠ ବ୍ଲକ୍‌ରେ ଏହି ଘରଗୁଡ଼ିକ ତିଆରି ହେବ । ଡ୍ରୋନ୍ ଦ୍ୱାରା ଏହି ସହର ଉପରେ ଦୃଷ୍ଟି ରଖାଯିବ ଯେପରିକି କୌଣସି ସମସ୍ୟା ହେଲେ ତୁରନ୍ତ ଜଣାପଡ଼ିପାରିବ । ବାର୍ସିଲୋନାର ଗୁଆଲେର୍ଟ ଆର୍କିଟେକ୍ଟସ ଏହି ସହର ନିର୍ମାଣ ଦାୟିତ୍ୱ ନେଇଛନ୍ତି । ଦେଶର ଆହୁରି ଏକାଧିକ ସ୍ଥାନରେ ଏପରି ସହର ନିର୍ମାଣ ଲାଗି ଚୀନ୍ ରାଷ୍ଟ୍ରପତି ଯୋଜନା କରିଥିବା ଜଣାଯାଇଛି । ସାରା ବିଶ୍ୱ ତାଲାବନ୍ଦ ହୋଇ ରହିଥିବା ବେଳେ ଚୀନ୍‌ରେ ଏହି ସହର ନିର୍ମାଣ ଚାଲିଥିଲା । ଏପରିକି ତାଲାବନ୍ଦ ସମୟରେ ହିଁ ଗୁଆଲେର୍ଟ ଆର୍କିଟେକ୍ଟସ ସଂସ୍ଥା ନିର୍ମାଣ କରିବାର ଟେଣ୍ଡର ପାଇଥିଲା । ୭୭୨ ବର୍ଗ ମାଇଲ ଅଞ୍ଚଳରେ ନିର୍ମାଣଧୀନ ଥିବା ଏହି ସହର ଲଣ୍ଡନ ଏବଂ ନ୍ୟୁୟର୍କଠାରୁ ବି ବଡ଼ । ତେବେ ଏପରି ସହର ନିର୍ମାଣ ପଛରେ ଭବିଷ୍ୟତକୁ ଚୀନ୍ ବିଶ୍ୱ ପାଇଁ ଆହୁରି ଅଧିକ ଭୟଙ୍କର ବିପଦ ସୃଷ୍ଟି କରିବାକୁ ଯାଉଥିବା ନେଇ ଚର୍ଚ୍ଚା ଚାଲିଛି ।

### ରିସୋ, କାନାଡ଼ା:

ଏଠାରେ ମଣ୍ଟ୍ରିଲ ସହର ତଳେ ଥିବା ଏହି ସହରଟି କାନାଡ଼ାକୁ ଧରି ରଖିଥିବା ସ୍ତମ୍ଭ ବୋଲି କୁହାଯାଏ । ଖରାଦିନେ ବି ମାଟି ତଳେ ଥିବା ଏହି ସହରରେ ଖୁବ୍ ଥଣ୍ଡା ଅନୁଭୂତ ହୋଇଥାଏ । ଏଠାରେ ହୋଟେଲ, ରେସ୍ତୋରାଁ, ସୁପରମାର୍କେଟ, ସପିଙ୍ଗ ମଲ, ମେଟ୍ରୋ ଷ୍ଟେସନ ପରି ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ । ସିନେମା ହଲ୍, ଲାଇବ୍ରେରୀ ସହ ରହିବାକୁ ଆପାର୍ଟମେଣ୍ଟ ବି ଏଠାରେ ଅଛି ।

### ବର୍ଲିଂଟନ୍, ଇଂଲଣ୍ଡ:

ପରମାଣୁ ବୋମା ପରି ଆକ୍ରମଣ ସ୍ଥିତିରେ ସୁରକ୍ଷିତ ରହିବା ଲାଗି ଇଂଲଣ୍ଡର ୱିଲ୍‌ଟଶାୟର ସହରରେ ଭୂମି ତଳେ ବର୍ଲିଂଟନ୍ ସହର ନିର୍ମାଣ କରାଯାଇଛି । ୨୪୦ ଏକର ପରିବ୍ୟାପ୍ତ ଏହି ସହରରେ ୪ ହଜାର ରେଳଷ୍ଟେସନ୍, ହସ୍‌ପିଟାଲ, ଜଳାଶୟ ଏପରିକି ବିବିସିର ଏକ ଷ୍ଟୁଡିଓ ମଧ୍ୟ ରହିଛି । ବର୍ଲିଂଟନ୍‌ରେ ପ୍ରାୟ ୬୦ କିଲୋମିଟର ରାସ୍ତା ଜାଲ ପରି ବିଛାଇ ହୋଇ ରହିଥିବା ଜଣାଯାଏ ।

# ବ୍ରହ୍ମାଙ୍କ ପଞ୍ଚମ ମୁଣ୍ଡ କିଏ ଓ କାହିଁକି କାଟିଥିଲେ, ସୃଷ୍ଟିକର୍ତ୍ତା ପୂଜା ନ ପାଇବାର କାରଣ କ'ଣ ?

ହିନ୍ଦୁ ଧର୍ମରେ ସମସ୍ତ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ମାତ୍ର ସାରା ସୃଷ୍ଟିର ରଚୟିତା ବ୍ରହ୍ମାଙ୍କ ପୂଜା କରାଯାଏ ନାହିଁ । ଏପରିକି କୌଣସି ସ୍ଥାନରେ ବି ତାଙ୍କର ମନ୍ଦିରଟିଏ ନାହିଁ। ଏହାଛଡ଼ା କୌଣସି ସ୍ଥାନରେ ତାଙ୍କର ମୂର୍ତ୍ତି ରଖି ପୂଜା ବି କରାଯାଏ ନାହିଁ । ତେବେ ଏକଥା ଅନେକ ହୁଏତ ଜାଣିନଥିବେ ପୁଷ୍କରରେ ଥିବା ବିଖ୍ୟାତ ମନ୍ଦିରରେ ବ୍ରହ୍ମାଙ୍କର ପୂଜା କରାଯାଇଥାଏ ।

ବ୍ରହ୍ମାଙ୍କର ଚାରିଟି ନୁହେଁ ପାଞ୍ଚଟି ମୁଣ୍ଡ ଥିଲା। ସେଥିମଧ୍ୟରୁ ଗୋଟିଏ ମୁଣ୍ଡକୁ ଦେବଦେବ ମହାଦେବ ଶିବ କାଟି ଦେଇଥିଲେ । ଶାସ୍ତ୍ର ଅନୁସାରେ, ବ୍ରହ୍ମା ଯେତେବେଳେ ସଂସାରର ରଚନା କରୁଥିଲେ ସେତେବେଳେ ସେ ଏକ ସୁନ୍ଦର ସ୍ତ୍ରୀଙ୍କୁ ସୃଷ୍ଟି କରିଥିଲେ, ଯେ କି ସତରୂପା ଥିଲେ । ସେ ଏତେ ସୁନ୍ଦର ଥିଲେ ଯେ ସ୍ୱୟଂ ବ୍ରହ୍ମା ମଧ୍ୟ ତାଙ୍କ ରୂପରେ ମୁଗ୍ଧ ହୋଇଯାଇଥିଲେ ।

ତେବେ ସତରୂପା ବ୍ରହ୍ମାଙ୍କ ହରକତରୁ ବର୍ତ୍ତିବା ପାଇଁ ଶତ ଚେଷ୍ଟା କରିଥିଲେ, ମାତ୍ର ସଫଳ ହୋଇନଥିଲେ । ସତରୂପା ନିଜକୁ ବଞ୍ଚାଇବା ପାଇଁ ଉପରକୁ ଚାହିଁବାରୁ ବ୍ରହ୍ମା ନିଜର ଏକ ମୁଣ୍ଡ ଉପର ଆଡ଼େ ବିକଶିତ କରିଦେଇଥିଲେ । ବ୍ରହ୍ମାଙ୍କର ଏହିସବୁ ହରକତ ଶିବ ଦେଖୁଥିଲେ । ଶିବଙ୍କ ଦୃଷ୍ଟିରେ ସତରୂପା ବ୍ରହ୍ମାଙ୍କର ଝିଅ ପରି। ତେଣୁ ଏହା ତାଙ୍କୁ ଘୋର ପାପ ଲାଗିଲା ଓ ସେ ବ୍ରହ୍ମାଙ୍କର ପଞ୍ଚମ ମୁଣ୍ଡକୁ କାଟିଦେଇଥିଲେ । ପୁରାଣ ଅନୁସାରେ, ଥରେ ବ୍ରହ୍ମା ଧରିତ୍ରୀକୁ ଏକ ପଦ୍ମ ଫୁଲ ପଠାଇଥିଲେ । ଫୁଲଟି



ରାଜସ୍ଥାନର ପୁଷ୍କର ନାମକ ସ୍ଥାନରେ ପଡ଼ିଥିଲା । ପଦ୍ମର ଅଂଶ ପଡ଼ିବା କାରଣରୁ ସେ ସ୍ଥାନରେ ଏକ ପୋଖରୀ ସୃଷ୍ଟି ହୋଇଥିଲା । ସେଠାରେ ଏକ ଯଜ୍ଞ କରିବା ପାଇଁ ସମସ୍ତ ଦେବାଦେବୀ ପହଞ୍ଚିଥିଲେ । ତେବେ ପରେ ବ୍ରହ୍ମା ଓ ତାଙ୍କ ମାତା ଗାୟତ୍ରୀ ପୃଥିବୀ ପୃଷ୍ଠରେ ଯଜ୍ଞସ୍ଥଳରେ ଏକତ୍ର ବସିଥିଲେ । ପୃଥିବୀ ଲୋକ ଯାଇଥିବା ଜାଣି ତାଙ୍କ ପତ୍ନୀ ସାବିତ୍ରୀ ଅଭିଶାପ ଦେଇଥିଲେ ଯେ ବ୍ରହ୍ମାଙ୍କର ପୂଜା ଧରିତ୍ରୀ ବକ୍ଷରେ କରାଯାଇ ପାରିବ ନାହିଁ । ମାତ୍ର ଅଭିଶାପ ଫେରସ୍ତ କରି ନେବାକୁ ସମସ୍ତ ଦେବାଦେବୀ ତାଙ୍କୁ ଅନୁରୋଧ କରିଥିଲେ । ଏହା ପରେ ସାବିତ୍ରୀ ଅଭିଶାପ ପ୍ରତ୍ୟାହାର କରିନେଇଥିଲେ ଓ ସାରା ଦୁନିଆରେ କେବଳ ପୁଷ୍କରରେ ହିଁ ବ୍ରହ୍ମାଙ୍କର ପୂଜା କରାଯାଇଥିଲା ।

# ଭାତ ଓ ରୁଟି: କାହାର ଆରମ୍ଭ କେବେ, ଜାଣନ୍ତୁ

ଆମ ଓଡ଼ିଶାରେ ତ ଭାତ ସାଙ୍ଗକୁ ଡାଲି ଓ ଆଳୁ ଚକଟା ଟିକେ ହୋଇଗଲେ ହିଁ ଆତ୍ମା ଶାନ୍ତି ହୋଇଯାଏ। ଏଥିପାଇଁ ଆମ ଦେଶରେ ଧାନ ବହୁଳ ମାତ୍ରାରେ ଚାଷ କରାଯାଏ। ତେବେ ଆସନ୍ତୁ ଆଜି ଜାଣିବା ଭାତ ତଥା ବିଭିନ୍ନ ଭାତ ଜାତୀୟ ଖାଦ୍ୟରେ ଆମ ଶରୀର ପାଇଁ କଣ ସବୁ ଆବଶକୀୟ ପୋଷକ ତତ୍ତ୍ୱ ରହିଛି। ଆମର ଭାରତୀୟ ଖାଦ୍ୟ ଅଭ୍ୟାସରେ ଭାତର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ବିଶେଷ ଭାବେ ପଶ୍ଚିମବଙ୍ଗ, ଓଡ଼ିଶାରୁ ଆରମ୍ଭ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ପ୍ରମୁଖ ଭାବେ ଭାତ ହିଁ ଖାଇଥାନ୍ତି। ଆମ ଓଡ଼ିଶାରେ ତ ଭାତ ସାଙ୍ଗକୁ ଡାଲି ଓ ଆଳୁ ଚକଟା ଟିକେ ହୋଇଗଲେ ଆତ୍ମା ଶାନ୍ତି ହୋଇଯାଏ। ଏଥିପାଇଁ ଆମଦେଶରେ ଧାନ ବହୁଳ ମାତ୍ରାରେ ଚାଷ କରାଯାଏ। ଆମ ଦେଶରେ ପାରମ୍ପରିକ ଭାବେ ବାସୁମତୀ, ହଂସରାଜ, ଜୟା, ପଦ୍ମା, ସୋନା, ଇତ୍ୟାଦି କିସମର ଧାନ ଚାଷ ହୋଇ ଚାଉଳ ଅମଳ ହୁଏ। ବିଭିନ୍ନ ରାଜ୍ୟରେ ଚାଉଳକୁ ଅନେକ ପ୍ରକାରରେ ପ୍ରକ୍ରିୟାକରଣ କରାଯାଇ ଖାଦ୍ୟୋପଯୋଗୀ କରାଯାଉଛି। ଆମେ ସାଧାରଣତଃ ଭାତ, ମୁଢ଼ି, ଚୁଡ଼ା ଆଦି ଆମର ପ୍ରମୁଖ ଖାଦ୍ୟ ତଥା ଜଳଖିଆ ଭାବେ ନେଇଥାଉ। ତେବେ ଆସନ୍ତୁ ଆଜି ଜାଣିବା ଭାତ ତଥା ବିଭିନ୍ନ ଭାତ ଜାତୀୟ ଖାଦ୍ୟରେ ଆମ ଶରୀର ପାଇଁ କଣ ସବୁ ଆବଶକୀୟ ପୋଷକ ତତ୍ତ୍ୱ ରହିଛି। ଇତିହାସ କୁହେ,ସ୍ୱାଧୀନତାର ପୂର୍ବ ସମୟ ବା ୧୯୪୦ ପୂର୍ବବର୍ତ୍ତୀ ସମୟରେ ଦକ୍ଷିଣ ତଥା ପୂର୍ବ ଭାରତରେ ରୁଟି ଖାଇବା ଏକ ପ୍ରକାର ଆରମ୍ଭ ହୋଇନଥିଲା। ଭାତ ହିଁ ପ୍ରମୁଖ ଖାଦ୍ୟ ଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିଁ ଧାନର ଉପଲବ୍ଧତା ବ୍ୟାଘାତ ହେବା ପରେ ଗହମ ଚାଷ ପ୍ରତି ଆଗ୍ରହ ବଢ଼ିଲା ଏବଂ ସମୟେ ସମୟେ ରୁଟି ଖାଇବା ଆରମ୍ଭ ହେଲା। ବର୍ତ୍ତମାନ ପ୍ରାୟ ପ୍ରତି ଭାରତୀୟମାନଙ୍କ ଘରେ ଦିନକୁ ଥରେ ରୁଟି ଖାଇବା ଦେଖାଯାଉଛି। ବ୍ୟକ୍ତିପିଛା ଏହା ପ୍ରାୟ ଚାଳିଶରୁ ପଚାଶ ଗ୍ରାମ ହୋଇଥାଏ। ତେବେ ଉତ୍ତର ଭାରତରେ ହିଁ ଗହମ ଉତ୍ପାଦନ ଅଧିକ ଥିବା ବେଳେ ଏହା ସବୁ ସ୍ଥାନରେ ବର୍ତ୍ତମାନ ଭାତ ପରି ଏକ ପ୍ରମୁଖ ଖାଦ୍ୟ ହୋଇଛି। ରୁଟି ବିଷୟରେ କହିବାକୁ ଗଲେ, ଗହମ ଚାଷ ହେଉଥିବା କ୍ଷେତରେ ପାଣି କମ୍





ଆବଶ୍ୟକ ହେବା ସହ ଉଚ୍ଚାଭୂମି ହେବା ଆବଶ୍ୟକ। ବିହନ ବୁଣା ହେବାଠାରୁ ନେଇ ଶସ୍ୟ ଅମଳ ହେବା ଏବଂ ଏହା ପରେ ଗହମ ଚୁରା ହୋଇ ଅଟା ହେବାର ପ୍ରକ୍ରିୟାରେ ଏଥିରେ ଥିବା ପୋଷକ ତତ୍ତ୍ୱ ଅଲଗା ଅଲଗା ହୋଇଥାଏ। ଗହମ ଅଟା ହେବାର ମୁଖ୍ୟତଃ ଦୁଇ ପ୍ରକାର ପ୍ରକ୍ରିୟା ଆମ ଦେଶରେ ଅବଲମ୍ବନ କରାଯାଏ। ତେବେ ପାରମ୍ପରିକ ଉପାୟରେ ଚକିରେ ପେଶା ହୋଇ ପ୍ରସ୍ତୁତ ଅଟା ହିଁ ଉପଯୁକ୍ତ ପୋଷକ ତତ୍ତ୍ୱରେ ପରିପୂର୍ଣ୍ଣ। ଏପରି ଭାବରେ ଚୁରା ହୋଇଥିବା ଅଟାରେ ଚୋପା ବା ଚୋକଡ଼ ଅଂଶ ରୁହେ, ଯାହା ଫାଇବରରେ ପରିପୂର୍ଣ୍ଣ। କିନ୍ତୁ ମେସିନ୍ ବା ମିଲ୍‌ରେ ଚୁରା ହୋଇଥିବା ଅଟାରେ ଗହମର ଉପର ଚୋପା ଅଂଶ ପୂର୍ଣ୍ଣ ଭାବେ ନଷ୍ଟ ହୋଇଥାଏ। ଫଳରେ ଅଟାରୁ କେବଳ ଶ୍ୱେତସାର ବା କାର୍ବୋହାଇଡ୍ରେଟ୍ ହିଁ ମିଳିବ ଯାହା ପ୍ରାୟ ଭାତ ଖାଇବା ସହ ସମାନ। ଅଟାରେ ଥିବା ପ୍ରୋଟିନ୍ ମଧ୍ୟରୁ ଗ୍ଲୁଟେନ୍ ହେଉଛି ଆଠରୁ ଦଶ ପ୍ରତିଶତ। ଗ୍ଲୁଟେନ୍ ନଥିବା ଶସ୍ୟରେ ପାଣି ପକାଇଲେ ଏହା ଅଟା ପରି ଚକଟିହୁଏ ନାହିଁ। ଏହା ନିୟମିତ ସେବନ କରିବା ଦ୍ୱାରା ଆମର ୟୁରିକ୍ ଏସିଡ୍ ବଢ଼ିବାର ସମ୍ଭାବନା ଥାଏ। ରୁଟି ସେକିବା ବେଳେ ଏଥିରେ ଥିବା ପ୍ରୋଟିନ୍ ଓ ସୁଗାର ବା ଶର୍କରାର ପ୍ରତିକ୍ରିୟା ଫଳରେ ଅନେକ ଦରକାରୀ ପୋଷକ ତତ୍ତ୍ୱ ନଷ୍ଟ କରିଦିଏ। ଗହମକୁ ଭାଙ୍ଗି ତିଆରି ହେଉଥିବା ଦଲିଆ କିମ୍ବା ଗହମ ଛତୁଆ ପରି ଖାଦ୍ୟରେ ହିଁ ଗହମର ପୋଷକ ତତ୍ତ୍ୱ କିଛି ପରିମାଣରେ ବରାବର ଥାଏ। ଏବେ ଜାଣିବା ଭାତର ପୋଷକ ତତ୍ତ୍ୱ କଣ ରହିଛି। ଆମେ ସାଧରଣତଃ ଦୁଇ ପ୍ରକାର ଭାତ ନିତିଦିନ ଖାଉ। ଅରୁଆ ଓ ଉଷୁନା। ଧାନକୁ ପ୍ରକ୍ରିୟାକରଣ କରାଯାଇ ସିଝାଇ ପ୍ରସ୍ତୁତ ହୁଏ ଉଷୁନା ଚାଉଳ ଏବଂ ଅରୁଆ ଚାଉଳ ସିଧାସଳଖ ଧାନ ଚୁରା ହୋଇ ଆସେ। ତେବେ ପ୍ରକୃତ ଅକାଣ୍ଡିଆ ଉଷୁନା ଚାଉଳ ଯାହା ଢ଼ିଙ୍କିରେ ଧାନ କୁଟି ଚାଉଳ ଉତ୍ପାଦନ କରାଯାଏ, ତାହା ହିଁ ଆମ ଶରୀର ପାଇଁ ଉପାଦେୟ ହୋଇଥାଏ। ଏବେ ଏହା ବଜାରରେ ବ୍ରାଉନ୍ ରାଇସ୍ ନାମରେ ଜଣାଶୁଣା। ଏଥିରେ ଥାୟାମିନ୍, ଫଲିକ୍ ଏସିଡ୍, ଶ୍ୱେତସାର ତଥା ପ୍ରୋଟିନ୍ ରହିବା ସହ ଫାଇବର ମଧ୍ୟ ଥାଏ। ଢିଙ୍କିରେ କୁଟା ଚାଉଳରେ ମିଲ୍ ପେଶା ଚାଉଳ ଅପେକ୍ଷା ୩/୪ଭାଗ ଅଧିକ ଭିଟାମିନ ଓ ମିନେରାଲସ୍ ଥାଏ।ମିଲ୍‌ରେ ପେଶାଯାଇ ପ୍ରସ୍ତୁତ ଚାଉଳରେ ଚାଉଳର ଭିଟାମିନ୍ ଅଂଶ ଓ ଫାଇବର୍ ଅଂଶ ନଷ୍ଟ ହୋଇଥାଏ। ଏପରିକି ମୁଢ଼ି ଓ ଚୁଡ଼ା ପ୍ରସ୍ତୁତି ସମୟରେ ମଧ୍ୟ ଚାଉଳର ଅନେକ ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଇଥାଏ।

# ଚିନ୍ତାମଣି ଗୁରୁଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋଚନାଚକ୍ର

କେନ୍ଦ୍ରାପଡ଼ା,୨୮/୦୭ (ନି.ପ୍ର): ମଧୁସାଗର ଆବାସିକ ବିଦ୍ୟାପୀଠର ପ୍ରତିଷ୍ଠାତା ସ୍ୱର୍ଗତ ଚିନ୍ତାମଣି ଗୁରୁଜୀଙ୍କ ପ୍ରିୟ ଛାତ୍ର ତଥା ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ଶିକ୍ଷକ ନେତା ଭ୍ରମର ରାଉତଙ୍କ ଜନ୍ମ ବାର୍ଷିକୀ ଅବସରରେ ଅଙ୍ଗୁଳାଇ ଗ୍ରାମ ଦେବତୀ ମା ତାରିଣୀଙ୍କ ପୀଠରେ ଗୁରୁଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଚିନ୍ତାମଣି ଗୁରୁଜୀ ଓ ରୁକ୍ମଣୀ ଦେବୀ ସ୍ମାରକୀ ନ୍ୟାସର ସଭାପତି ହୃଦାନନ୍ଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଧୁସାଗର ବିଦ୍ୟାପୀଠର ବହୁ ସଂଖ୍ୟକ ପୂର୍ବତନ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇ ଗାନ୍ଧୀ ପନ୍ଥି, ସମାଜ ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ ଓ ଆଦର୍ଶ ଶିକ୍ଷକ ଚିନ୍ତାମଣି ଗୁରୁଜୀଙ୍କ ବହୁମୁଖୀ ପ୍ରତିଭାର ସ୍ମୃତି ଚାରଣ କରିଥିଲେ। ମଧୁସାଗର ବିଦ୍ୟାପୀଠର ପ୍ରତିଷ୍ଠାତା ଭାବେ ଗୁରୁଜୀ ନିଜର ସମସ୍ତ ପୈତୃକ ସମ୍ପତି ଦାନ କରି ୧୯୬୭ ରେ ଟ୍ରଷ୍ଟ ବୋର୍ଡ ଗଠନ କରିଥିଲେ। ସନ୍ଥ ବିନୋବାଙ୍କ ଠାରୁ ଆରମ୍ଭ କରି ତତକାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ଆଚାର୍ଯ୍ୟ ହରିହର, ଅନ୍ନପୂର୍ଣ୍ଣା ମହାରଣା, ମାଳତୀ ଚୌଧୁରୀ, ମନମୋହନ ଚୌଧୁରୀ, ତତକାଳୀନ ଭାରତର ଜାତୀୟ କଂଗ୍ରେସର ସଭାପତି ୟୁ.ଏନ୍. ଧେବର ଓ ଗୁରୁଜୀଙ୍କ ଛାତ୍ର ଦିବଂଗତ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମଧୁସାଗର ଆସିଥିଲେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ୧୯୪୮ ରୁ ନିପଟ ମଫସଲ ନଦୀନାଳ ଘେରା ଅଂଚଳରେ ଶିକ୍ଷାର ପ୍ରସାର ପାଇଁ ମଧୁସାଗର ବିଦ୍ୟାପୀଠ ପ୍ରତିଷ୍ଠା କରିଥିଲେ। ଗାନ୍ଧିଜୀଙ୍କ ମୌଳିକ ଶିକ୍ଷା ପ୍ରଚଳନ କରି ପାଠପଢା ସହିତ ଧନ୍ଦା ମୂଳକ ଶିକ୍ଷା ପ୍ରଚଳନ କରି ଗରିବ ଅସହାୟ ପିଲାମାନଙ୍କୁ ମାଗଣାରେ ଶିକ୍ଷାଦାନ ସହ ସ୍ୱାବଲମ୍ବି କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିଥିଲେ। ପାଠପଢା ସହ ମାଛଚାଷ, ଗୋପାଳନ, କୃଷି, ଡଙ୍ଗା ଚାଳନା, ସାଇକେଲ ମରାମତି, ଟେଲରିଂ ଶିକ୍ଷା ଓ ନାରୀ ଶିକ୍ଷାର ପ୍ରସାର ପାଇଁ କସ୍ତୁରବା ନାରୀମହଲ ପ୍ରତିଷ୍ଠା କରି ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିଥିଲେ। ଶିକ୍ଷାସହ ସମାଜ ସେବା, ସର୍ବୋଦୟ ଆନ୍ଦୋଳନ, ଭୂଦାନ ଆନ୍ଦୋଳନର ସକ୍ରିୟ ଯୋଗଦାନ, ସମାଜ ସଂସ୍କାର ମାଧ୍ୟମରେ କମ୍ ବୟସ୍କ ବିଧବା ମହିଳାମାନଙ୍କୁ ପୁନଃ ବିବାହ କରାଇ ମହିଳାଙ୍କୁ ନୂତନ ଦିଗ ଦେଖାଇଥିଲେ। ଗୁରୁଜୀ ତାଙ୍କ ପ୍ରାଥମିକ ଶିକ୍ଷକ ସ୍ୱର୍ଗତ ନଟବର ମେକାପଙ୍କୁ ଦେହାନ୍ତ ପର୍ଯ୍ୟନ୍ତ ପ୍ରତିମାସରେ ଖର୍ଚ୍ଚ ପାଇଁ ଟଙ୍କା ଦେବା ସହ ଦୈନିକ ଖାଦ୍ୟର ବ୍ୟବସ୍ଥା କରିଥିଲେ। ମେକାପଙ୍କ ଏକମାତ୍ର ଝିଅକୁ ପ୍ରାଥମିକ ଶିକ୍ଷକ କରାଇ ବିବାହ କରିଥିବା ପିତୃହୀନ ଝିଅ ମାନଙ୍କ ପିତାଭାବେ ବିବାହ କରାଇବା ଅନେକଙ୍କୁ ଯୌତୁକ ବିହୀନ ଶଙ୍ଖ ବଜାଇ ଚଲାଇ ଚଲାଇ ନେଇ ବିବାହ କରାଇଥିବା ବକ୍ତାମାନେ ପ୍ରକାଶ କରିଥିଲେ। ଆଲୋଚନା ଚକ୍ରରେ ପ୍ରହ୍ଲାଦ ଚନ୍ଦ୍ର ସ୍ୱାଇଁ, ବୈଷ୍ଣବ ଖଣ୍ଡୁଆଳ, କେଶବ ଚରଣ ଲେଙ୍କା, ପ୍ରଭାତୀ ସାହୁ, ଅରବିନ୍ଦ ସ୍ୱାଇଁ, ବିଦ୍ୟୁଲତା ପତି, ଧ୍ରୁବଚରଣ ସାହୁ, ନୀଳମାଧବ ରାଉତ, ଭଞ୍ଜକିଶୋର ସ୍ୱାଇଁ, ଶେଖ ମନସୁର ଅଲ୍ଲୀ, କ୍ୟାପ୍ଟେନ ପ୍ରେମାନନ୍ଦ ରାଉତ, ବିଶ୍ୱଭୂଷଣ ମଲ୍ଲିକ, ମନୋଜ ନନ୍ଦ, ମହାକାଳପଡା ବିକାଶ ମଂଚ ସଭାପତି କାଶୀନାଥ ରାଉତରାୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମାରକୀ ନ୍ୟାସର ସମ୍ପାଦକ ଭ୍ରମର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱର ରେମୁଣା ଇମାମି ନଗରରେ ଲକ୍ଷାଧିକ ଭକ୍ତ ଭିଡ଼ରେ ବାହୁଡ଼ା ଯାତ୍ରା ମହସମାରୋହରେ ପାଳିତ



ବାଲେଶ୍ୱର ,୨୮/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରେମୁଣାର ବାଲ ଗୋପାଳ ପୁର ଶିଳ୍ପାଞ୍ଚଳ ଠାରେ ଇମାମି ନଗରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ମଧ୍ୟରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଙ୍କ ଚତୁର୍ଦ୍ଧାମୂର୍ତ୍ତି ଙ୍କ ପବିତ୍ର ବାହୁଡ଼ା ଯାତ୍ରା ଭକ୍ତି ମୟ ଓ ଆନନ୍ଦ ମୟ ପରିବେଶ ରେ ଇମାମି ପେପର୍ ମିଲରେ ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ମନୋଜ କୁମାର ପାଢ଼ୀ ଙ୍କ ଦ୍ୱାରା ମହାସମାରୋହରେ ପାଳିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ସୂଚୀ ଅନୁଯାୟୀ ଆଜ୍ଞା ମାଳ ଅର୍ପଣ ପରେ ମଙ୍ଗଳାର୍ପଣ , ଧାଡ଼ି ପହଣ୍ଡି, ଟାହିଆ ଲାଗି ଓ ବିଭିନ୍ନ ପୂଜା ଅର୍ଚ୍ଚନା ଶାସ୍ତ୍ର ନୀତିରେ ହୋଇଥିଲା । ଇମାମି ପେପର୍ ମିଲରେ ମୁଖ୍ୟ ପରିଚାଳକ ନିର୍ଦ୍ଦେଶକ ଶ୍ରୀ ସୁଶୀଳ କୁମାର ଖୈତାନ ଙ୍କ ଦ୍ୱାରା ପାରମ୍ପରିକ ଛେରା ପହଁରା କାର୍ଯ୍ୟ କରାଯାଇଥିଲା । ସୁସଜ୍ଜିତ ରଥରେ ବିରାଜିତ ଶ୍ରୀ ଜଗନ୍ନାଥ , ବଳଭଦ୍ର , ସୁଭଦ୍ରା ଓ ସୁଦର୍ଶନଙ୍କ ଭକ୍ତ ମାନେ ଭକ୍ତିର ଦୌଡ଼ି ଟାଣି ରଥକୁ ମନ୍ଦିର ପାଖକୁ ଆଣିଥିଲେ । ରାତ୍ରି ୯ ଟାରେ ଅଧର ପଣା ନୀତି ସମ୍ପନ୍ନ ହେବା ପରେ ପୌରାଣିକ ପରମ୍ପରା ଅନୁଯାୟୀ ମା ଲକ୍ଷ୍ମୀ ଙ୍କ ଅଭିମାନ କୁ କେନ୍ଦ୍ର କରି ଲକ୍ଷ୍ମୀ ନାରାୟଣ କୋଳହ ନୀତି ଆୟୋଜିତ ହୋଇଥିଲା । ପରମ୍ପରା ଅନୁସାରେ ରସଗୋଲା ଭୋଗ ବଣ୍ଟନ କରାଯାଇଥିଲା । ରାତ୍ରି ୧୦ ଟାରେ ମହାପ୍ରଭୁ ନୀଳାଦ୍ରି ବିଜେ ନୀତି ସମ୍ପାଦିତ ହୋଇ ରଥଯାତ୍ରା ଶୁଭ ସମାପନ ଘଟି ଥିଲା । ଏହି ଉତ୍ସବରେ ମନ୍ଦିର ପ୍ରଶାସନର ମୁଖ୍ୟ ପୁରୋଧା ଶ୍ରୀ ସୁଶୀଳ ଗୋଏଙ୍କା ଙ୍କ ଓ ଇମାମି ପେପର୍ ମିଲର କ୍ଲବ ର ସଦସ୍ୟ ଓ କମ୍ପାନୀର ବରିଷ୍ଠ କର୍ମଚାରୀ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟ ବଂଶୀ ମୟୂର ବିକାଶ,ଉପଜିଲ୍ଲାପାଳ ଶ୍ରୀ ମାଲ୍ ବିୟା , ନୀଳଗିରି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ , ନାରୀ ନେତ୍ରୀ ଡ଼ା ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଶ୍ରମିକ ନେତା ଶ୍ରୀ ଶୁଭେନ୍ଦୁ ମଙ୍ଗରାଜ ସହ ବହୁ ଗଣ୍ୟ ମାନ୍ୟ ବ୍ୟକ୍ତି ଯୋଗ ଦେଇ ମହାପ୍ରଭୁ ବାହୁଡ଼ା ଯାତ୍ରା ଙ୍କୁ ମହା ଆନନ୍ଦରେ ଉପଭୋଗ କରିଥିଲେ । ବାହୁଡ଼ା ଯାତ୍ରା ରେ ଲକ୍ଷ ଲକ୍ଷ ଭକ୍ତ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା।ଏହି କାର୍ଯ୍ୟକ୍ରମକୁ ଇମାମି ମିଲରେ ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ମୌଳିକ ସୁବିଧା ଯୋଗାଇ ଦେବାକୁ ଦାବି

ଜୟପୁର,୨୮/୦୭ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲାର ଶିକ୍ଷାର ପ୍ରାଣକେନ୍ଦ୍ର ହେଉଛି ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ। କିନ୍ତୁ ଏହି ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ରେ ନାହିଁ ମୌଳିକ ସୁବିଧା। ତେଣୁ ଏବିଭିପି ସଭାପତି ଜ୍ୟୋତି ରଞ୍ଜନ ପାଣିଗ୍ରାହିଙ୍କ ନେତୃତ୍ୱରେ ଆଜି ବିଶ୍ୱବିଦ୍ୟାଳୟ ର ରେଜିଷ୍ଟ୍ରାର ଙ୍କୁ ଘେରାଉ କରିଥିଲେ ହଷ୍ଟେଲ ଛାତ୍ରଛାତ୍ରୀ। କାଲି ରାତି ରେ ପିଏମ୍ ଜି-୨ ଛାତ୍ରାବାସ ର ଛାତର ଖଣ୍ଡ ପଡି ୨ ଜଣ ଛାତ୍ରୀ ଆହତ ହୋଇଥିଲେ ଏବଂ ଆଗରୁ ମଧ ବହୁତ୍ ହଇରାଣ ହେଉଥିଲେ। ସେହିପରି ବିଶ୍ୱବିଦ୍ୟାଳୟ ଭିତରେ ଥିବା ଉତ୍କଳମଣି ଛାତ୍ରାବାସ ମଧ ଜରାଜୀର୍ଣ୍ଣ ଅବସ୍ଥା ରେ ରହିଛି ଓ ଛାତ ଖଣ୍ଡ ପଡୁଛି ଏବଂ ଆଗକୁ ଏହା ଛାତ୍ର ଛାତ୍ରୀ ମାନଙ୍କ ମରଣ ଯନ୍ତା ପାଲଟିବାକୁ ଯାଉଛି । ତେଣୁ ଆଜି ୫୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ରେଜିଷ୍ଟ୍ରାରଙ୍କୁ ଭେଟି ଥିଲେ।
କିନ୍ତୁ ରେଜିଷ୍ଟ୍ରାର ପ୍ରତି ଟି ଥର ପିଲା ମାନଙ୍କୁ ସରକାରଙ୍କୁ ଚିଠି କରାଯାଇଛି ବୋଲି କହି ଆଶ୍ୱାସନା ଦେଇ ଫେରାଇଦେଉଛନ୍ତି । ବିଦ୍ୟାର୍ଥୀ ପରିଷଦ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କୁ ୧ ମାସ ର ସମୟ ମାଗିଛି ଯଦି ଏକ ମାସ ମଧ ରେ ଦାବି ପୂରଣ ନ ହେବ ତେବେ ଛାତ୍ର ଛାତ୍ରୀ ଙ୍କୁ ନେଇ ସଭାପତି ରାଜରାସ୍ତାକୁ ଓହ୍ଲେଇବେ ବୋଲି କହିଛନ୍ତି । ଅଞ୍ଜନା ମୁଣ୍ଡା, ମନୀଷା ମୁର୍ମୁ, ରଶ୍ମିତା ଖିଲ, ପ୍ରିୟଙ୍କା ଆର୍ତିକ, ସୁଦୀପ୍ତ ନାୟକ, ନିର୍ଝରଣୀ ହନ୍ତାଳ, ଭେଙ୍କଟେଶ୍ୱରୀ କାନ୍ତ, ସିବାଶିଷ ତ୍ରିପାଠୀ, ଆଦିଦେବ ଦତ, ଆଶୁତୋଷ ମହାନ୍ତି, ଗଗନ ମେହେରା, ଶୁଭମ୍ ପଟ୍ଟନାୟକ, ଅନିକେତ୍ ସରକାର ଏବଂ ଅନ୍ୟାନ୍ୟ ଛାତ୍ର ଛାତ୍ରୀ ଆଜିର ବିକ୍ଷୋଭରେ ଉପସ୍ଥିତ ଥିଲେ ।

# ପ୍ରଶାସନର ସବୁ ବ୍ୟବସ୍ଥା ଫେଲ୍: ବଡଦାଣ୍ଡ ମାଳିନୀ ନଦୀର ଭ୍ରମ ସୃଷ୍ଟି କଲା

ପୁରୀ,୨୮/୦୭ (ନି.ପ୍ର): ମହାପ୍ରଭୁଙ୍କ ରଥଯାତ୍ରାର ଶେଷ ଦିନ ନୀଳାଦ୍ରି ବିଜେ ପୂର୍ବରୁ ବର୍ଷା ଯୋଗୁ ବଡଦାଣ୍ଡ ମାଳିନୀ ନଦୀର ଭ୍ରମ ସୃଷ୍ଟି କରିଥିଲା । ହଜାର ହଜାର ବାଇକ ଓ ସ୍କୁଟି ବଡଦାଣ୍ଡରେ ବୁଡି ରହିଥିଲା । ଅଗ୍ନିଶମ ବିଭାଗ ପକ୍ଷରୁ ରଥଯାତ୍ରା ବୈଠକରେ ବର୍ଷା ହେଲେ ଜଳ ନିଷ୍କାସନ କରିଦେବୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଫେଲ୍ ମାରିଲା । ପମ୍ପ ସେଟ ଅଛି ପାଇପ ପଡିଛି ହେଲେ ସେସବୁ କିଛି କାମ ଦେଲାନି । ପ୍ରବଳ ବର୍ଷା ଯୋଗୁ ହଜାର ହଜାର ପ୍ଲାଷ୍ଟିକ ବୋତଲ ଭାସିବା ଓ ଅଳିଆ ଆବର୍ଜନା ଦୃଶ୍ୟକୁ ଭକ୍ତମାନେ ଦେଖିଥିଲେ । ବଡଦାଣ୍ଡରେ ବଡ କଲବଲ ହୋଇ ରଥଯାତ୍ରୀ ମାନେ ତିନିରଥରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ । ଆଜି ସକାଳୁ ଖରା ହେବାରୁ ଅଧିକ ସଂଖ୍ୟକ ଭକ୍ତ ରଥ ଉପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଛୁଟି ଆସିଥିଲେ । ଚଳିତବର୍ଷ ରଥଯାତ୍ରାରେ ସବୁ ଅବ୍ୟବସ୍ଥାର ସୀମା ଟପିଲା । ମନ୍ଦିର ପାଖରୁ ମଠବାଡି ଭାଙ୍ଗି ଯାଇଥିବାରୁ ଶ୍ରଦ୍ଧାଳୁ ମାନେ ଓଦା ସରସରରେ ପ୍ରଭୁଙ୍କୁ ଦର୍ଶନ କରିଥିଲେ । ବଡଦାଣ୍ଡ ବଳଗଣ୍ଡି ଠାରେ ବର୍ଷାଜଳ ସୁଅରେ ଅନେକ ବାଇକ ଲେଉଟି ପଡିଥିବା ଦେଖିବାକୁ ମିଳିଥିଲା । ନଳା ଭିତରୁ ପଙ୍କ ଆସି ଦାଣ୍ଡରେ ଭାସୁଥିଲା। ଟାଉନହଲ ରଥଯାତ୍ରା ବୈଠକରେ ସବୁ ବ୍ୟବସ୍ଥା ଠିକ ଅଛି କହି ସୁନ୍ଦର ଭାବେ ବୁଝାଉଥିବା ଅଧିକାରୀ ବର୍ଷା ବେଳେ ଦେଖାନଥିଲେ । ଶେଷ ଦିନରେ ଜଗା ଦେଖାଇଲା କ'ଣ କାମ ହୋଇଛି । ଲୋକନାଥ ରୋଡ ଛପନ ଛକରେ ବର୍ଷାଜଳ ସୁଅରେ ଏକ ଲାଇନ ଖୁଣ୍ଟ ଅଧା ନଇଁ ପଡିଛି । ଡ୍ରେନ ଭିତରେ ଅଧିକାଂଶ ଘରକୁ ପାଣି ପାଇପ ଯାଇଥିବାରୁ ସେଥିରେ ଅଳିଆ ଲାଗି ପଙ୍କରେ ପୋତି ହୋଇଥିବାରୁ ତାହା ଜଳ ନିଷ୍କାସନରେ ବାଧକ ସାଜିଛି । ଡ୍ରେନ ରାସ୍ତା ଠାରୁ ଫୁଟେ ଉଚ୍ଚାରେ ରହିବାରୁ ଡ୍ରେନ ପାଣି ରାସ୍ତାକୁ ଆସୁଛି । ଡ୍ରେନ ସଠିକ ଭାବେ ନିର୍ମାଣ ହୋଇନଥିବାରୁ ବର୍ଷା ହେଲେ ସମସ୍ୟା ସୃଷ୍ଟି ହେଉଛି । ତୁହାକୁ ତୁହା ବର୍ଷା ଯୋଗୁ ସିଦ୍ଧମହାବୀର,ଭାରତୀପୁର, ସେନାପତି ବଗିଚା, କୁମୁଟିପାଟଣା, ଟିକରପଡା, ଗୁଣ୍ଡିଚା ବିହାର, ରାମଚଣ୍ଡୀ ବାଲିକୁଦ ବସ୍ତି, ସର୍ବୋଦୟ ନଗର, ମଧୁବନ, ମାଟିତୋଟା, ସୁଜାତାନଗର ସମେତ ଅବକାଶ ଲେନ, ରାୟବାହାଦୁର ଲେନ, ଷ୍ଟେସନ ଅଂଚଳ ବସ୍ତି ଓ ସାହି ମାନଙ୍କରେ ବର୍ଷାଜଳ ଜମୁଥିବାରୁ ଯାଆଆସ କରିବା ପାଇଁ ବାସିନ୍ଦାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବର୍ଷା ଲାଗି ରହିଥିବାରୁ ବଡଦାଣ୍ଡ ସମେତ ନବକଳେବର ରୋଡ, ଚକ୍ରତୀର୍ଥ ରୋଡ, ବଳିଆପଣ୍ଡା, ମଙ୍ଗଳାଘାଟ, ଭିଆଇପି ରୋଡ ଓ ବେଳାଭୂମି ରାସ୍ତାଘାଟରେ ଭକ୍ତ, ଶ୍ରଦ୍ଧାଳୁ, ତୀର୍ଥଯାତ୍ରୀ, ପର୍ଯ୍ୟଟକ ମାନେ ବର୍ଷାରେ ଭିଜିଥିବା ଦେଖିବାକୁ ମିଳିଛି । ବଡଦାଣ୍ଡରେ ପସରା ପକାଇଥିବା ଲୋକ ସାମଗ୍ରୀ ଧରି ହଇରାଣ ହରକତ ହେବା ସହ ମୁଣ୍ଡରେ ହାତଦେଇ ବସିଛନ୍ତି । ଜରି, ଛତା ଧରି ଲୋକ ମାନେ ଯାଆଆସ କରୁଛନ୍ତି । କାଦୁଅ ପଚପଚ ସ୍ଥାନରେ ପାଣି ଜମିବା ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ବଡଦାଣ୍ଡ ସମେତ ଶ୍ରୀକ୍ଷେତ୍ରରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ବର୍ଷାରେ ଭିଜି ଭିଜି ଏଣେତେଣେ ଯାଆଆସ କରୁଥିବା ଦେଖିବାକୁ ମିଳିଛି ।

# ରାସ୍ତା ମରାମତି ଦାବିରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାସ୍ତାରୋକ

ଚମ୍ପୁଆ,୨୮/୦୭ (ନି.ପ୍ର): ପ୍ରାଚୁର୍ଯ୍ୟ ଭରା ଏବଂ ଖଣି ସମ୍ପଦ ଯୋଗୁଁ ସାରା ବିଶ୍ୱରେ ପରିଚିତ ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ଅଂଚଳ। ଏହି ଅଂଚଳରୁ ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କାର ରାଜସ୍ୱ ପାଉଥିଲେ ମଧ୍ୟ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବିକାଶ ଆଜି ବି ସାତ ସପନ ପାଲଟିଛି। ବିଶେଷ କରି ଯୋଡ଼ା ବ୍ଲକର ଚାରୋଟି ପଂଚାୟତର ଅଂଚଳବାସୀ ସ୍ୱାସ୍ଥ୍ୟ ଓ ଉତ୍ତମ ଗମନାଗମନ ସେବାରୁ ସମ୍ପୂର୍ଣ୍ଣ ବଂଚିତ ହୋଇ ରହିଛନ୍ତି। ଏହି ସମସ୍ୟା ନେଇ ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ହେଁ, ପ୍ରଶାସନ ଆଖିବୁଜି ଚୁପ ହୋଇ ବସିଥିବା ଅଭିଯୋଗ ହୋଇଛି। ପ୍ରଶାସନିକ ଉଦାସୀନତା ପ୍ରତିବାଦରେ ଆଜି କାଳିମାଟି-ଦବୁନା ରାସ୍ତା ମରାମତି ଦାବି କରି ଜନସାଧାରଣ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାସ୍ତାରୋକ କରିଛନ୍ତି। ସୂଚନା ଅନୁଯାୟୀ, ବାମେବାରୀ ଯୋଡାରୁ ପଳାସପଙ୍ଗାକୁ ସଂଯୋଗ କରୁଥିବା ରାସ୍ତାଟି ଏବେ ସମ୍ପୂର୍ଣ୍ଣ ମରଣଯନ୍ତା ପାଲଟିଛି। ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲ ଓ କାଦୁଅ ସଲବଲ ଯୋଗୁଁ ପଥଚାରୀ, ବାଇକ୍ ଚାଳକ ଏବଂ ଚାରି ଚକିଆ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ଏହି ବିପଦପୂର୍ଣ୍ଣ ରାସ୍ତା ଯୋଗୁଁ ଅଂଚଳବାସୀ ନିୟମିତ ଭାବେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। କାଳିମାଟି ଛକ ଠାରୁ ଦବୁନା ରାସ୍ତାର ଶୋଚନୀୟ ଅବସ୍ଥା ଏପରି ହୋଇଛି ଯେ ଗତବର୍ଷ ରଥଯାତ୍ରା ସମୟରେ ରଥ ଚକ ଭାଙ୍ଗି କାଦୁଅରେ ଫସି ରହିଥିଲା। ଶେଷରେ ଶ୍ରଦ୍ଧାଳୁମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ କାନ୍ଧରେ ବୋହି ଗୁଣ୍ଡିଚା ମନ୍ଦିରକୁ ନେଇଥିଲେ। ଚଳିତ ବର୍ଷ ମଧ ସମାନ ଦୃଶ୍ୟର ପୁନରାବୃତି ଘଟିଛି। କାଦୁଅରେ ରଥ ଫସିଯିବା ପରେ ବହୁ କଷ୍ଟରେ ଠାକୁରଙ୍କୁ ମାଉସୀମା ମନ୍ଦିରକୁ ନିଆଯାଇଥିଲା। ରାସ୍ତାର ଏଭଳି ଦୁର୍ଦ୍ଦଶା କାରଣରୁ ଦବୁନା ଶ୍ରୀ ଗୁପ୍ତେଶ୍ୱର ଉଚ୍ଚ ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀମାନେ ଚପଲକୁ ହାତରେ ଧରି, କାଦୁଅ ପଙ୍କ ଭିତରେ ଜୀବନକୁ ବାଜି ଲଗାଇ ସ୍କୁଲକୁ ଯାଉଥିବା ଦେଖିବାକୁ ମିଳୁଛି ।ସେହିପରି ଦବୁନା ଅଂଚଳର ଜଣେ ଯୁବକ ପାଦରେ ଚାଲି ଚାଲି ଆସୁଥିବା ବେଳେ ହଠାତ ଗୋଡ଼ ଖସିଯିବାରୁ ରାସ୍ତା ମଝିରେ ଥିବା ଏକ ବଡ଼ ଖାଲରେ ପଡ଼ି ଯାଇଥିଲେ। ସେ ସମ୍ପୂର୍ଣ୍ଣ ଭାବେ କାଦୁଅ ସଲବଲ ହୋଇଯିବା ପରେ ସ୍ଥାନୀୟ ଲୋକଙ୍କ ଧୈର୍ଯ୍ୟଚ୍ୟୁତି ଘଟିଥିଲା।

# ବିଜୟଶ୍ରୀ ରାଉତରାୟ ସ୍ମାରକୀ ସମ୍ମାନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ

ବାସୁଦେବପୁର,୨୮/୦୭ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ଓଡ଼ିଶାର ଜନପ୍ରିୟ ନେତା,ବାସୁଦେବପୁରର ନବ ନିର୍ମାତା ତଥା ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ମେଧାବୀ ସମ୍ମାନ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ଯୁବ ନେତା ଦେବ ଦର୍ଶନ ଦାଶ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ଅରୁଣ କୁମାର ସାହୁ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଭଣ୍ଡାରି ପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ,ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ,ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ,ଗୀତିକାର ପୀତାମ୍ବର ମିଶ୍ର,ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ରାଜନୈତିକ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଏହି ଉତ୍ସବରେ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଏ ୱାନ୍ ପାଇଥିବା ମେଧାବୀ ଛାତ୍ର ଛାତ୍ରୀ ମଳୟ ବେହେରା, ଅଂଶୁମାନ ପଣ୍ଡା, ଚିରାଗ ଚନ୍ଦନ ଜେନା, ଶାଶ୍ୱତୀ ପଣ୍ଡା,ଶୁଭଙ୍କର ନାୟକ,ଭାଗୀରଥି ସାହୁ,ସସ୍ମିତା ପୃଷ୍ଟି, ହିମାଂଶୁ ମହାପାତ୍ର,ନନ୍ଦିନୀ ମଲ୍ଲିକ, ଶୁଭମ ଜ୍ୟୋତି ଦାସ, ଜ୍ଞାନେଶ ରଞ୍ଜନ ପଣ୍ଡା, ସୌମ୍ୟ ରଞ୍ଜନ ବେହେରା, ଧନଞ୍ଜୟ ବେହେରା, ଜିଜ୍ଞାସା



ବିଶ୍ୱାଳ, ଶୁଭଲକ୍ଷ୍ମୀ ପଲାଇ, ଅନୁରାଗ ଦାସ, ଆଲୋକ ପଲାଇ, ଚିନ୍ମୟ ମଲ୍ଲିକ, ଜୟସ୍ମିତା ପାଢ଼ୀ,ଦେବେନ୍ଦ୍ର ଖିଲାର, ବବୁଲ କୁମାର ମଲ୍ଲିକ, ବିଦ୍ୟୁତ ପ୍ରଭା ଜେନା, ବିଜୟ ଲକ୍ଷ୍ମୀ ଅଗସ୍ତି,ମଧୁଛନ୍ଦା ବେହେରା, ମୈନାକ ନାୟକ, ରଶ୍ମି ରଞ୍ଜନ ପଣ୍ଡା, ଶୁଭମ ମହାଳିକ ଓ ସମୀର ରଞ୍ଜନ ଜାନା ପ୍ରମୁଖଙ୍କୁ ବିଜୟଶ୍ରୀ ରାଉତରାୟ ସ୍ମାରକୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍,କବି ଓ ଅନୁବାଦକ ଅଭିମନ୍ୟୁ ବେହେରା, ସଫଳ କୃଷକ ଗୌତମ ସାହୁ ଓ ସମାଜସେବୀ ବାସନ୍ତୀ ମଲ୍ଲିକ ପ୍ରମୁଖ ଙ୍କୁ ବିଜୟଶ୍ରୀ ରାଉତରାୟ ସ୍ମୃତି ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ବିଜୟଶ୍ରୀ ରାଉତରାୟଙ୍କ ଜନ୍ମ ଦିନରେ ତାଙ୍କ ଫଟୋ ଚିତ୍ରରେ ସମସ୍ତ ଅତିଥି ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଏହି ଦିବସରେ ବୃକ୍ଷ ରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇ ଥିଲା। ଏହି ଉତ୍ସବରେ ବିଜୁ ଜନତା ଦଳର ବ୍ଲକ୍ ସଭାପତି ଦୀନବନ୍ଧୁ ଦାସ, ପ୍ରଫୁଲ୍ଲ କୁମାର ପଳିତା,ଜଗବନ୍ଧୁ ଖିଲାର, ଜିଲ୍ଲା ଉପ ସଭାପତି ରତିକାନ୍ତ ପ୍ରଧାନ, ଗୌତମ ସେଠୀ,ଯଦୁନାଥ ନାୟକ, ନିରଞ୍ଜନ ଦାସ,ରାଜେନ୍ଦ୍ର କୁମାର ସାହୁ, ପ୍ରଦୀପ୍ତ ମହାପାତ୍ର, ଅମରେନ୍ଦ୍ର ପଲାଇ, ଜୟରାମ ବେହେରା, କାଳନ୍ଦୀ ସାହୁ, ଶଶି ଭୂଷଣ ବାରିକ୍, ବିଜୟ ନାୟକ, ଉତ୍ତମ ବାରିକ୍, ପବିତ୍ର ରଞ୍ଜନ ପୁହାଣ, ସାରଦା ମହାନ୍ତି, ସୁଶାନ୍ତ ସେଠୀ ,ରବୀନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ଏବଂ ଦେବ ଦର୍ଶନ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳ ଏସପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ଭୁବନ,୨୮/୦୭ (ନି.ପ୍ର): ଭୁବନ ପଂଚାୟତ ସମିତି ସଭାଗୃହରେ ଜିଲ୍ଲାପାଳ ଏବଂ ଏସପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମୁଦାୟ ୪୯ଟି ଅଭିଯୋଗ ଦାଖଲ ହୋଇଥିଲା । ସେଥି ମଧ୍ୟରୁ ୩୦ଟି ବ୍ୟକ୍ତିଗତ ଓ ୧୨ଟି ସାମୁହିକ /ଗ୍ରାମ୍ୟ ସମସ୍ୟା ଅନ୍ତର୍ଭୁକ୍ତ ଥିଲା । ଘଟଣାସ୍ଥଳରେ ୧୦ଟି ଅଭିଯୋଗର ସମାଧାନ ହୋଇଥିଲା । ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣ ଓ ରେଡକ୍ରସ ପାଣ୍ଠିରୁ ୫ ଜଣଙ୍କୁ ସମୁଦାୟ ୬୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।
ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ସଞ୍ଜୟ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ, କାମାକ୍ଷା ନଗର ଉପ ଜିଲ୍ଲାପାଳ ବିକାଶ ଚନ୍ଦ୍ର ମହାନ୍ତି, ଉପକଣ୍ଠ ଆରକ୍ଷୀ ଅଧିକ୍ଷକ ସହକାରୀ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ଜିଲ୍ଲା ବନଖଣ୍ଡ ଅଧିକାରୀ, ଭୁବନ ବିଡ଼ିଓ ଆୟୁସି ମହାପାତ୍ର, ତହସିଲଦାର ଶୁଭଶ୍ରୀ ରଥ, ମେଡିକାଲ ଇନଚାର୍ଜ ଡ଼ା. ରମେଶ କୁମାର ସାହୁ, ଏନ୍ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦତ ସାହୁଙ୍କ ସମେତ ଅନ୍ୟ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

# ଟିଚ୍ କନ୍ଧମାଳ ଅଭିଯାନ ଜିଲ୍ଲାସ୍ତରୀୟ ଅଧିକାରୀ ପରିଦର୍ଶନ କଲେ ଦଳପଡ଼ା ହାଇସ୍କୁଲ

କନ୍ଧମାଳ,୨୮/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲାପ୍ରଶାସନ ଦ୍ୱାରା ଗୁଣାତ୍ମକ ଶିକ୍ଷାର ପ୍ରସାର ପାଇଁ ଆରମ୍ଭ ହୋଇଥିବା ଅଭିନବ ପ୍ରୟାସ ଟିଚ୍ କନ୍ଧମାଳ ଅଭିଯାନ ଅନୁଯାୟୀ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ପରିଦର୍ଶନ ପାଇଁ ଦାୟିତ୍ୱ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପବିତ୍ର ମୋହନ ସାହୁ ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ପଂଚାୟତ ହାଇସ୍କୁଲ, ଦଳପଡ଼ା ପରିଦର୍ଶନ କରିଥିଲେ। ସକାଳ ୯.୩୦ମିନିଟ୍‌ରେ ସେ ବିଦ୍ୟାଳୟରେ ପହଂଚି ପ୍ରଥମେ ପ୍ରାର୍ଥନାରେ ଯୋଗ ଦେଇଥିଲେ। ପରେ ସେ ନବମ ଓ ଦଶମ ଶ୍ରେଣୀରେ ଗଣିତ ଓ ବିଜ୍ଞାନ ପାଠ ପଢ଼ାଇଥିଲେ। ଶ୍ରୀ ସାହୁ ପାଠାଗାର, ବିଜ୍ଞାନାଗାର, ଶିକ୍ଷକ କମନ୍ ରୁମ୍ ଓ ବଗିଚା ପରିଦର୍ଶନ କରିଥିଲେ। ପିଲାଙ୍କ ପାଇଁ ପ୍ରସ୍ତୁତ ହେଉଥିବା ମଧ୍ୟାନ୍ନ ଭୋଜନ ଅନୁଧ୍ୟାନ କରିବା ସହିତ ଛାତ୍ର ଛାତ୍ରୀ ଉପସ୍ଥାନ ଯାଂଚ କରିଥିଲେ। ବିଦ୍ୟାଳୟର ପରିଚାଳନା ଓ ପରିବେଶ ଦେଖି ଜିଲ୍ଲାସ୍ତରୀୟ ଅଧିକାରୀ ଶ୍ରୀ ସାହୁ ଖୁସି ବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପରିସରରେ ବିଶେଷ କରି ଅମୃତଭଣ୍ଡା, ସଜନା ଓ କିଛି ପନିପରିବା ଚାଷ କରାଯାଇ ପାରିଲେ ଏହା ପିଲାଙ୍କ ମଧ୍ୟାନ୍ନ ଭୋଜନରେ ବ୍ୟବହାରରେ ଲାଗି ପାରିବ ବୋଲି ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ବିଭିନ୍ନ ସମସ୍ୟା ମଧ୍ୟରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ସ୍ମାର୍ଟ କ୍ଲାସ ଚାଲିପାରୁ ନାହିଁ। ଏଣୁ ସୋଲାର ସିଷ୍ଟମ୍ ନିହାତି ଆବଶ୍ୟକ ରହିଛି ବୋଲି ଶ୍ରୀ ସାହୁ ଉପଲବ୍ଧି କରିଥିଲେ। ଏତଦ୍‌ବ୍ୟତୀତ ବିଦ୍ୟାଳୟ ଚାରିପଟେ ପାଚେରୀ, ରୋଷେଇଗୃହ, ପ୍ରଶାସନିକ ଗୃହ, ଖେଳପଡ଼ିଆ ଓ ଛାତ୍ରାବାସ ନଥିବାରୁ ଏସଂପର୍କରେ ପ୍ରଶାସନକୁ ରିପୋର୍ଟ ଦିଆଯିବ ବୋଲି ଶ୍ରୀ ସାହୁ ପ୍ରତିଶ୍ରୁତି ଦେଇଥିଲେ। ଏଠାରେ ସୂଚନା ଯୋଗ୍ୟଯେ ଗତ ୨୬ ବର୍ଷ ହେଲା ଏହି ପଂଚାୟତରେ ଏକ ଆଦର୍ଶ ବିଦ୍ୟାଳୟ ଭାବେ ଏହା ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଆସୁଛି।

# ଜଗନ୍ନାଥ ସଂସ୍କୃତି ଓ ପରମ୍ପରା କୁ ଉଜ୍ଜୀବିତ ରଖିବା ନେଇ 'ଭିଜନ ବାଲେଶ୍ୱର' ସଂଗଠନ ପକ୍ଷରୁ ଅନୁଷ୍ଠିତ ହେଲା ଚିତ୍ରାଙ୍କନ ପ୍ରତିଯୋଗିତା

ବାଲେଶ୍ୱର ,୨୮/୦୭ (ନି.ପ୍ର): ଜଗନ୍ନାଥ ସଂସ୍କୃତି ଓ ପରମ୍ପରା କୁ ଉଜ୍ଜୀବିତ ରଖିବା ଏବଂ ଛାତ୍ର ଛାତ୍ରୀଙ୍କ ମନରେ ଆଧ୍ୟାତ୍ମିକ ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟ ନେଇ ବାଲେଶ୍ୱରର ଅନ୍ୟତମ ସାମାଜିକ ଓ ସାଂସ୍କୃତିକ ସଂଗଠନ 'ଭିଜନ ବାଲେଶ୍ୱର' ପକ୍ଷରୁ ସହରର ମଲ୍ଲୀକାଶପୁର ସ୍ଥିତ ଶାନ୍ତିକାନନ ପରିସରରେ ବ୍ଲକ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୦୦ରୁ ଉର୍ଦ୍ଧ ପ୍ରତିଯୋଗୀ ଶ୍ରୀ ଜଗନ୍ନାଥ ଙ୍କର ୩୨ ବେଶ ଓ ରଥଯାତ୍ରା ରେ ମହାପ୍ରଭୁ ବିଷୟକୁ ନେଇ ଚିତ୍ରାଙ୍କନ କରିଥିଲେ । ପରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା । ସଂଗଠନର ସଭାପତି ଚନ୍ଦ୍ରକାନ୍ତି ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସଦର ବ୍ଲକ ଅଧକ୍ଷା ସୁନିତା ବେହେରା ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ସୁନାଗରିକ ହେବା ପାଇଁ ପରାମର୍ଶ ଦେବା ସହିତ ବାପା ଓ ମାଆଙ୍କ ପ୍ରତି ସର୍ବଦା ଆଦର ସମ୍ମାନ ପ୍ରଦର୍ଶନ କରିବାକୁ କହିଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ମହାବୀର ଆଖଡ଼ା ସଂଘ ସଭାପତି ଗୋପୀନାଥ ଶତପଥି, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ପ୍ରତିମା ପଣ୍ଡା, ବାଲେଶ୍ୱର ଓକିଲ ସଂଘର ପୂର୍ବତନ ସଭାପତି କେଶବ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ କୋଟି ଓଡ଼ିଆଙ୍କ ମଉଡମଣୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସମ୍ପର୍କରେ ବହୁମୁଲ୍ୟ କଥା କହିବା ସହିତ ସଂଗଠନର ସୁନ୍ଦର ଚିନ୍ତାଧାରା ପାଇଁ ସାଧୁବାଦ ଜ୍ଞାପନ କରିଥିଲେ। ସଂଗଠନର ଆଇନ ପରାମର୍ଶ ଦାତା ବିଜୟ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମ୍ପାଦକ ଧୀରେଜ କୁମାର ଦାସ ଧନ୍ୟବାଦ ଦେବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଆଧ୍ୟାତ୍ମିକ ମନସ୍କ ହେବାକୁ ପରାମର୍ଶ ଦେଇଥିଲେ । ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ବିଦ୍ୟା ଆତ୍ମାଲିପି ମଲ୍ଲିକ ପ୍ରଥମ , ଝଗଡ଼ ପାଢ଼ୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ମାହେଶ୍ୱରୀ ଗନ୍ତାୟତ ଦ୍ୱିତୀୟ , ବୈଦ୍ୟନାଥ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଦିପ୍ତୀରେଖା ରଣା ତୃତୀୟ, ସେହିପରି ବରିଷ୍ଠ ବର୍ଗରେ ଶକୁନ୍ତଳା ଉଚ୍ଚ ବିଦ୍ୟାଳୟର ଛାତ୍ର ପଙ୍କଜ ବେହେରା ପ୍ରଥମ ,ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟ ସତ୍ୟଜିତ ମହାରଣା ଦ୍ୱିତୀୟ ,ବାସନ୍ତୀ ସିନ୍ଧିଆ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ କୁମାରୀ ସୋନାଲି ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ସଂଗଠନ ପକ୍ଷରୁ ଯୋଗ୍ୟତା ପ୍ରମାଣପତ୍ର ଓ ଟ୍ରଫି ପୁରସ୍କାର ଭାବେ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଦେଷ୍ଟା ଜିତେନ୍ଦ୍ର ମହାନ୍ତି, କୁନାଲ ବେହେରା, ବିରଞ୍ଚି କୁମାର ପ୍ରଧାନ,ଅଜୟ ନାୟକ , ପ୍ରମୋଦ ସାହୁ,ହର୍ଷ ଖଣ୍ଡେଲୱାଲ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ଯଶରାଜ ଜେନା, ଦିଶା ଅପର୍ଣ୍ଣା,ରାଶି ହଲଦାର, ଏସ.କେ ଆରିଫଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତାରେ ବିଚାରକ ଭାବେ କଳା ଶିକ୍ଷକ ବିଭୁତି ପ୍ରସାଦ ଦାସ ଓ ଦୀପକ ମଲ୍ଲିକ ଦାୟିତ୍ୱ ନିର୍ବାହ କରିଥିଲେ ।

# ମଧୁପୁରା ଗ୍ରାମପଞ୍ଚାୟତ ପୋଖରୀ ବୁଜିବା ଘଟଣା: ଉଚ୍ଚନ୍ୟାୟାଳୟର ଛାଟ ପରେ ପ୍ରଶାସନର ଚେତା ଫେରିଲା

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସରଜମୀନ ତଦନ୍ତ

ବାଲିଆପାଳ , ୨୮/୭ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ଗ୍ରାମପଞ୍ଚାୟତ ସମ୍ମୁଖ ତଥା ସିମୁଳିଆ ବଜାରରେ ଥିବା ଜଳାଶୟକୁ ପୋତି ବ୍ୟବସାୟ ଉଦ୍ଦେଶ୍ୟରେ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରାଯାଉଥିବା ଘଟଣାଏବେ ଉଚ୍ଚନ୍ୟ୍ୟାଳୟରେ ପହଂଚିଛି ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ତାଗିଦ ପରେ ମଙ୍ଗଳବାର ବାଲେଶ୍ୱର ଜିଲ୍ଲପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପଞ୍ଚାୟତ ରାଜ ବିଭାଗ ଅଧିକାରୀ ଦେବାନନ୍ଦ ବେହେରା ବାଲିଆପାଳ ବ୍ଲକମଧୁପୁରା ପଞ୍ଚାୟତ କାର ?ୟ୍ୟାଳୟ ସମ୍ମୁଖରେ ଥିବା ୩୬୩ଖାତା ଏବଂ ୯୨୯ ନମ୍ବର ଖସଡ଼ାରେ ଥିବା ୭୪ ଡିସିମିଲର ଜଳାଶୟଜାଗାକୁ ଅନୁଧ୍ୟାନ କରିଛନ୍ତି। ଜଳାଶୟଟିକୁ ମାଟି ପକାଇ ପୋତା ଯାଇ ସେଥିରେ କିଛି କେବିନ ପଡ଼ିଥିବାର ଦେଖିବାକୁ ମିଳିଛି। ତେବେ ତଦନ୍ତ ସମୟରେ ଶ୍ରୀ ବେହେରାଙ୍କ ସମେତ ବାଲିଆପାଳ ବ୍ଲକର ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରିୟବ୍ରତ ଗିରି, ତତ୍କାଳୀନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜୟ କୁମାର ସୀ, ସରପଞ୍ଚ ଗୀତାରାଣୀ ମାହାନା, ସମିତି ସଦସ୍ୟ ସୁଶାନ୍ତ ସେଠୀ ନାଇବ ସରପଞ୍ଚ ବାବାଜୀ ବେହେରା ତଥା ପଞ୍ଚାୟତର ବହୁ ୱାର୍ଡ ସଦସ୍ୟ ଉପସ୍ଥିତ ଥିଲେ। ତେବେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ଅଧିକାରୀଙ୍କ ସମ୍ମୁଖରେ ପଞ୍ଚାୟତର ସରପଞ୍ଚ ଗୀତାରାଣୀ ମାହାନା ଏ ସମ୍ପର୍କରେ କିଛି ଜାଣି ନଥିବା କିମ୍ବା କାହାକୁ ଜଳାଶୟ ଭର୍ତ୍ତି କରିବାକୁ ଅନୁମତି ଦେଇ ନଥିବା କହିଛନ୍ତି । ସରପଞ୍ଚ ଶ୍ରୀମତୀ ମାହାନା ଆହୁରି କହିଛନ୍ତି ଯେ ଜଳାଶୟଟି ପୋତି ହୋଇ ଯାଇଥିଲା ସେଥିରେ ସିମୁଳିଆ ବଜାର କମିଟି ଏବଂ ପରିବା କମିଟି କିଛି ବାଲି ଭର୍ତ୍ତି କରି ସେଠାରେ ପୂଜା କରୁଛନ୍ତି ବୋଲି କହିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଜଳାଶୟଟି ପୋତା ଯିବା ସମୟରେ ସରପଞ୍ଚ କେମିତି ଜାଣିପାରିଲେ ନାହିଁ ଏବଂ ଯଦି ପରିବା କମିଟି ଓ ସାରସ୍ୱତ ପୂଜା କମିଟି ବାଲି ଭର୍ତ୍ତି କରିଛନ୍ତି ବୋଲି ସରପଞ୍ଚ ଜାଣିଛନ୍ତି ତାହେଲେ କାହିଁକି ବାରଣ କଲେ ନାହିଁ। କିମ୍ବା ଜଳାଶୟ ଭର୍ତ୍ତି କରୁଥିବା କମିଟି ବିରୋଦ୍ଧରେ କୌଣସି ଆଇନଗତ କାର ?ୟ୍ୟାନୁଷ୍ଠାନ ନେଲେ ନାହିଁ କାହିଁକି ? ସୂଚନା ଯୋଗ୍ୟ ଗ୍ରାମପଞ୍ଚାୟତର ସମ୍ମୁଖରେ ଥିବା ଏହି ପୋଖରୀକୁ ସର୍ବସାଧାରଣରେ ଦୀର୍ଘ ଏକମାସରୁ ଉର୍ଦ୍ଧ ସମୟ ଧରି ପଞ୍ଚାୟତର ଅନ୍ୟ ଦୁଇଟି ଚନ୍ଦନ ପୋଖରୀ ଏବଂ ବାଘ ପୋଖରୀରୁ ଜେସିବି ସାହାଯ୍ୟରେ ତାଡି ଦିନରାତି ମାଟି ପକାଯାଇଥିଲା ବପୋଖରୀ ଖୋଳିବା ଏବଂ ପଞ୍ଚାୟତ ସମ୍ମୁଖ ପୋଖରୀ ବୁଜିବା ସ୍ଥାନରେ ପଞ୍ଚାୟତର ଜନପ୍ରତିନିଧି ମାନେ ଉପସ୍ଥିତ ରହି କାର୍ଯ୍ୟ କରିଥିଲେ । ସେତେବେଳେ ବାଲିଆପାଳର ସର୍ବ ବୃହତ ବଜାରର ପାର୍କିଙ୍ଗ ସ୍ଥାନ ପାଇଁ ଏହି ସ୍ଥାନ ବ୍ୟବହାର କରାଯିବ କହି ଲୋକଙ୍କୁ ବୁଝାଯାଇଥିଲା । ତେବେ ପୋଖରୀ ବୁଜିବା ପରେ ଏବେ ପଞ୍ଚାୟତ ପ୍ରତିନିଧିଙ୍କ ଲୋଲୁପ ଦୃଷ୍ଟି ଏହି ଜାଗା ଉପରେ ପଡିଥିବା ଅବିଯୋଗ ହୋଇଛି । ଗୁମୁଟି ପକାଇଦେବାକୁ କହି ଗୋଟିଏ ଗୁମୁଟି ପ୍ରତି ଦୁଇରୁ ତିନି ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି । ଏପରିକି ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏକ ନୂତନ ଶୌଚାଳୟକୁ ଭାଙ୍ଗି ସେହି ସ୍ଥାନରେ ଏକ ପରିବା ଗୋଦାମ ବସାଯାଇଛି ।ତେବେ ଏହି ଅନ୍ୟାୟ ବିରୋଧରେ ସ୍ଥାନୀୟ ମଳୟ କୁମାର ମହାନ୍ତି,ଜ୍ଞାନରଞ୍ଜନ ପାତ୍ର, ଅଞ୍ଜନ କୁମାର ସିଂ,ପୁଷ୍ପକ ନକାମିଳା ସୂଚନା ଅଧିକାର ସଂଘର ସଭାପତି ଅନୁଜ କୁମାର ମହାପାତ୍ର ସମେତ ପଞ୍ଚାୟତର ଅନ୍ୟ କିଛି ଜନସାଧାରଣ ମାନ୍ୟ ବର ଉଚ୍ଚ ନ୍ୟାୟାଳୟରେ ଦ୍ୱାରସ୍ଥ ହୋଇଥିଲେ। ମାନ୍ୟବର ଉଚ୍ଚ ନ୍ୟାୟାଳୟ ରାଜ୍ୟ ସରକାରଙ୍କ ଠାରୁ ଜାଣିବାକୁ ଚାହିଁଥିଲେ କି ରାଜ୍ୟ ସରକାର ଜଳାଶୟ ପୋତି ପାରିବେ କି ନାହିଁ। ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଜୁଲାଇ ୨୯ ତାରିଖ ବୁଧବାର ପରବର୍ତ୍ତୀ ଶୁଣାଣି ଥିବା ବେଳେ ମଙ୍ଗଳବାର ଏହି ଘଟଣାର ସରଜମୀନ ତଦନ୍ତ ହୋଇଛି। ତେବେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିବା ଶ୍ରୀ ମହାନ୍ତି ଗଣମାଧ୍ୟମ ଆଗରେ କହିଛନ୍ତି ଯେ ଏହି ଜଳାଶୟଟିକୁ ପୋତା ଯାଇ ସେଠାରେ ବ୍ୟବସାୟ କରିବା ପାଇଁ ଲୋକ ମାନଙ୍କୁ ଗୋଟିଏ ଗୋଟିଏ କେବିନପକାଇବା ପାଇଁ ଦୁଇ ଲକ୍ଷ ଲେଖାଏଁ ଟଙ୍କା ନିଆ ଯାଇଛି ଏବଂ ଏହି ଟଙ୍କା ସରପଞ୍ଚ, ସମିତି ସଦସ୍ୟ ଓ ୱାର୍ଡ ସଦସ୍ୟ ମାନେ ଭାଗ ବାଣ୍ଟି କରି ନେଇଥିବା ଅଭିଯୋଗ କରିଛନ୍ତି ।ଜଳାଶ୍ୟ ପୋତାଯିବା ପାଇଁ ସରକାରୀ ନିୟମ ନଥିବା ବେଳେ ପୋଖ୍ରୀ ପୁନଃରୁଦ୍ଧାର ପରିର୍ତ୍ତେ ସରପଞ୍ଚ କଭଳୀ ଜଳାଶୟ ପୋତିବା ପାଇଁ ପ୍ରସହନ ଯୋଗଇଲେ ତାହା ତଦନ୍ତ ହେବା ସହ ଅନ୍ୟ ଦୁଇଟି ପୋଖରୀ ଖୋଳିବା ଘଟଣାର ତଦନ୍ତ, ଶୌଚାଳୟ ଭଙ୍ଗାଯିବା ଘଟଣା ର ତଦନ୍ତ ପାଇଁ ଦାବି କରିଛନ୍ତି । ତେବେ ଏ ସମ୍ପର୍କରେ ସରପଞ୍ଚ ଗୀତାରାଣୀ ମାହାନାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଏ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମନଗଢା ଏବଂ ସମିତି ସଦସ୍ୟ ସୁଶାନ୍ତ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ବଜାରର ଆବଶ୍ୟକତା ଦୃଷ୍ଟିରୁ ଯାହାକିଛି କରାଯାଇଛି ତେବେ ଜଳାଶୟ ପୋତିବା ପାଇଁ ପଞ୍ଚାୟତର କୌଣସି ଟଙ୍କା ଖର୍ଚ୍ଚ ହୋଇ ନାହିଁ କିମ୍ବା ମୁଁ କାହା ଠାରୁ ଟଙ୍କା ନେଇ କେବିନ ପକାଇବା ପାଇଁ ଅନୁମତି ଦେଇ ନାହିଁ।

# ପୁରାତନ ଛାତ୍ରଙ୍କ ବିୟୋଗରେ ନିଆରା ସ୍ମୃତି ଚାରଣ




ଉଦଳା , ୨୮/୭ (ନି.ପ୍ର): ବହୁ ଗୌରବ ଓ ଆଦର୍ଶରେ ବିମଣ୍ଡିତ ଐତିହ୍ୟ ସମ୍ପନ୍ନ କୁଶଳଦା ହାଇସ୍କୁଲର ପୁରାତନ ଛାତ୍ର ସଂଘର ଆହ୍ୱାନ କ୍ରମେ ୧୯୭୧ ମେଟ୍ରିକ ବ୍ୟାଚର ଛାତ୍ର ତଥା ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ୰ ହାଡ଼ିବନ୍ଧୁ ସିଂହଙ୍କର ଏକାଦଶାହ ଅବସରରେ ତାଙ୍କର ଉଦଳା ଏନ୍.ଏ.ସି.ର ୱାର୍ଡ଼ ନଂ- ୪ ସ୍ଥିତ ବାସଭବନରେ ଏକ ନିଆରା ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ପୁରାତନ ଛାତ୍ର ସଂଘର ବରିଷ୍ଠ ସଭ୍ୟ ତଥା ବିଶିଷ୍ଟ ପ୍ରବଚକ ପଣ୍ଡିତ ଲକ୍ଷ୍ମୀଧର ପୁଥାଳଙ୍କ ସଭାପତିତ୍ୱ ଓ ସଂଗଠନର ସଂପାଦକ ଶିକ୍ଷାବିତ ରବିକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ବିଦ୍ୟାଳୟର ବହୁସ୍ଥାନୀୟ ପୁରାତନ ଛାତ୍ରଙ୍କ ସହ ବିଶେଷ କରି ବାରିପଦା, ବଡ଼ସାହି, କୁଶଳଦା ଓ କଇଁସାରୀ ଅଂଚଳରୁ ଯେଉଁ ପୁରାତନ ଛାତ୍ର ମାନେ ଯୋଗାଦାନ ପୂର୍ବକ ଦିବଂଗତ ୰ ହାଡ଼ିବନ୍ଧୁ ସିଂହଙ୍କ ସରଳ, ଅନାବିଳ ଓ ନିର୍ମଳ ବ୍ୟକ୍ତିତ୍ୱ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ ସେମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଈଶ୍ୱର ଚନ୍ଦ୍ର ପରିଛା, ଅବସରପ୍ରାପ୍ତ ରାଜସ୍ୱ ବିଭାଗର ଅଧିକାରୀ ରବୀନ୍ଦ୍ର କୁମାର ଆଚାର୍ଯ୍ୟ, ଅବସରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ ପ୍ରତାପ ଚନ୍ଦ୍ର ବାରିକ୍, ଅବସରପ୍ରାପ୍ତ ଜଙ୍ଗଲ ବିଭାଗର ଅଧିକାରୀ କପିଳେନ୍ଦ୍ର ବାରିକ, ବାଲ୍ୟବନ୍ଧୁ ଜ୍ଞାନରଂଜନ ସାହୁ, ସଚ୍ଚୀନ୍ଦ୍ରନାଥ ସାହୁ, ପ୍ରତାପ ଚନ୍ଦ୍ର ବେହେରା, ଅମୁଜ କୁମାର ପରିଛା, ପ୍ରଧାନ ଶିକ୍ଷକ ଦେବବ୍ରତ ବାରିକ୍, ଶିକ୍ଷକ କମଳାକାନ୍ତ ବେହେରା ଓ ସମାଜସେବୀ ବେଣୁଧର ପରିଡ଼ା ପ୍ରମୁଖ ସ୍ୱର୍ଗୀୟ ହାଡ଼ିବନ୍ଧୁ ସିଂହଙ୍କର ସାଧୁ, ସରଳ ଓ ନିଷ୍କଳଙ୍କ ବ୍ୟକ୍ତିତ୍ୱର ସ୍ମୃତି ଚାରଣ କରି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ । ସ୍ୱର୍ଗୀୟ ସିଂହଙ୍କର ବାଲ୍ୟବନ୍ଧୁ କାନାଡ଼ା ଓ ରାଉରକେଲାରେ ପ୍ରତିଷ୍ଠିତ ହୋଇଥିବା ଇଂ. ପତିତପାବନ ମହାପାତ୍ର ଓ ସୁଧାଂଶୁ ଶେଖର ସଦୁଆଳ ଆଭାସୀରେ ସେମାନଙ୍କର ସ୍ମୃତି ଚାରଣ ପୂର୍ବକ ବନ୍ଧୁଙ୍କର ଅମରଆତ୍ମାର ସଦ୍‌ଗତି କାମନା କରିଥିଲେ। ସଭାଶେଷରେ ପରିବାର ତରଫରୁ ପୁତ୍ରବଧୂ ଶ୍ରୀମତୀ ପ୍ରିୟଙ୍କା ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ୰ ହାଡ଼ିବନ୍ଧୁ ସିଂହଙ୍କର ଧର୍ମପତ୍ନୀ ଶ୍ରୀମତୀ ମନୋରମା ସିଂହ, ଜ୍ୟେଷ୍ଠ ପୁତ୍ର ଇଂ. ସୌମ୍ୟରଂଜନ ସିଂ ଓ କନିଷ୍ଠ ପୁତ୍ର ବିଶ୍ୱରଂଜନ ସିଂହ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

## ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନବାଡି ଛୁଟି

ସମ୍ବଲପୁର, ୨୮/୭ (ନି.ପ୍ର): ଜିଲ୍ଲାରେ କ୍ରମାଗତ ଲଗାଣ ବର୍ଷା ହେଉଥିବା ବେଳେ ଜନ ଜୀବନ ଏକରକମର ଅସ୍ତବ୍ୟସ୍ତ ହୋଇପଡିଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଦିନ ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ଜିଲ୍ଲାପାଳ ଛୁଟି ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ସମ୍ବଲପୁର ସହରରେ କ୍ରମାଗତ ଲଗାଣ ବର୍ଷା ଜାରି ରହିବା ଫଳରେ ଦୀର୍ଘ ବର୍ଷ ଧରି ଅଳିଆ ଆବର୍ଜନାରେ ପୋତି ହୋଇପଡିଥିବା ନଳା ନର୍ଦ୍ଦମା ଗୁଡ଼ିକରୁ ସଠିକ୍ ଭାବେ ପାଣି ନିଷ୍କାସନ ହୋଇନପାରି ଅଚଳାବସ୍ଥା ସୃଷ୍ଟି କରିଛି । ଗତ ସପ୍ତାହକ ମଧ୍ୟରେ ସୋମବାର ଠାରୁ ମଙ୍ଗଳବାର ତଥା ଦୁଇ ଦିନ ପର୍ଯ୍ୟନ୍ତ ଲଗାଣ ବର୍ଷା ଓ ରାସ୍ତାଘାଟରେ ପାଣି ଜମିବା ସମ୍ଭବତଃ ପ୍ରଶାସନ ପାଇଁ ଚିନ୍ତାର ବିଷୟ ପାଲଟି ପାରେ।

# ଲଗାଣ ବର୍ଷାରେ ବେହାଲ ଜଳେଶ୍ୱର ଅଞ୍ଚଳ: ୬ରୁ ଉର୍ଦ୍ଧ୍ୱ ପଞ୍ଚାୟତ ଜଳମଗ୍ନ, ଜଳବନ୍ଦୀ ଜୀବନ ବିତାଉଛନ୍ତି ହଜାର ହଜାର ଲୋକ



ଜଳେଶ୍ୱର, ୨୮/୭ (ନି.ପ୍ର): ଗତ ଚାରି ଦିନ ଧରି ଲଘୁଚାପ ଜନିତ ଅବିଶ୍ରାନ୍ତ ଲଗାଣ ବର୍ଷା ଯୋଗୁଁ ଜଳେଶ୍ୱର ବ୍ଲକ୍ ଅଞ୍ଚଳରେ ସୃଷ୍ଟି ହୋଇଛି ଭୟାବହ କୃତ୍ରିମ ବନ୍ୟା ପରିସ୍ଥିତି ।ପ୍ରବଳ ବର୍ଷା ହେତୁ ଆରୁହା, ବର୍ତ୍ତନା, ସମ୍ପତ୍ତିଆ, ସୁଗୋ, ଓଲମାରା,ଏବଂ ନେତୁଆ ଭଳି ୬ ରୁ ଉର୍ଦ୍ଧ ପଞ୍ଚାୟତର ଅନେକ ଗ୍ରାମ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇପଡ଼ିଛି। ଫଳରେ ହଜାର ହଜାର ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସରପଞ୍ଚଙ୍କ ଅଭିଯୋଗ ଯେ ସମ୍ପତ୍ତିଆ ପଞ୍ଚାୟତର ୭ଟି ଗ୍ରାମର ପ୍ରାୟ ସାଢ଼େ ୪ ହଜାର ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ପଶ୍ଚିମବଙ୍ଗରୁ ବହି ଆସୁଥିବା ବଡ଼ଖାଳ,ସମ୍ପତ୍ତିଆ ଖାଳ, ବାଘପୁଞ୍ଜି ଖାଳ ଓ ଜଳକା ପଡ଼ିଆ ଖାଳରେ ପ୍ରଚୁର ଦଳ ଏବଂ ନଟା ଜମି ରହିବା ଯୋଗୁଁ ବର୍ଷା ଜଳ ନିଷ୍କାସିତ ହୋଇପାରୁ ନାହିଁ। ବାରମ୍ବାର ନିବେଦନ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ସଫେଇ କାର୍ଯ୍ୟ କରାଯାଇ ନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସରପଞ୍ଚ ସୁଶାନ୍ତ ପ୍ରଧାନ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ଭାବେ ଜଳକା ପଡ଼ିଆ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଉଛି ।ଜଳେଶ୍ୱର ପୌରପାଳିକା ଅଞ୍ଚଳରୁ ଯେଉଁ ସବୁ ପାଣି ଆସୁଛି ତାହା ଜଳେଶ୍ୱର-ପଶ୍ଚିମବାଡ ରାସ୍ତା କଡେ କଡେ ଯେଉଁ ଖାଳ ରହିଛି, ସେହି ଖାଲ ଦେଇ ପାଣି ନିଷ୍କାସନ ହୋଇଯାଇ ଥାଏ ।କିନ୍ତୁ କିଛି ଲୋକମାନେ ସେହି ସବୁ ଖାଲ କୁ ବନ୍ଦ କରିଦେଇ ଥିବାରୁ ଆରୁହା ପଞ୍ଚାୟତର ଚକରଜୁନି, ନିମପୁର, ଆରୁହା ଗ୍ରାମରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ଶତାଧିକ ଲୋକ ମାନେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ସେହିପରି ସୁଗୋ ପଞ୍ଚାୟତର ୧୧ ଓ ୧୪ ନମ୍ବର ୱାର୍ଡର ତିନୋଟି ସ୍ଥାନରେ ରାସ୍ତା ଘାଇ ଭାଙ୍ଗି ଜଳ ନିଷ୍କାସନ ହେଉଛି ।ରାସ୍ତା ଉପରେ ଛାତିଏ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ମୁଖ୍ୟ ରାସ୍ତା ସହ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। କ୍ଷେତରେ ଛାତିଏ ଉଚ୍ଚର ପାଣି ପଶିଯିବା ଯୋଗୁଁ ଚାଷୀଙ୍କ ତଳା ଗାଡ଼ି ସମ୍ପୂର୍ଣ୍ଣ ବୁଡ଼ି ଯାଇ ବ୍ୟାପକ ଫସଲ କ୍ଷତିର ଆଶଙ୍କା ଦେଖାଦେଇଛି। ଓଲମାରା ପଞ୍ଚାୟତ ମହଲସାହି ଗ୍ରାମର ୭୦ଟି ପରିବାର ଏବଂ ନେତୁଆ ପଞ୍ଚାୟତର ପ୍ରାୟ ୨ ହଜାର ଲୋକ ପାଣି ଘେରରେ ରହିଛନ୍ତି ।ବିଶେଷ କରି ନେତୁଆ ଆଦିବାସୀ ସାହି ଓ ପିରବାଗ ଆଦିବାସୀ ସାହି ଜଳବନ୍ଦୀ ହୋଇ ରହିବାରୁ ସାଧାରଣ ଜୀବନଯାତ୍ରା ଅସ୍ତବ୍ୟସ୍ତ ହୋଇପଡ଼ିଛି। ପରିସ୍ଥିତିର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ତହସିଲଦାର ସତ୍ୟଜିତ୍ ମହାନ୍ତି ବନ୍ୟାପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଶାସନ ତୁରନ୍ତ ରିଲିଫ୍ ବଣ୍ଟନ କରିବା ସହ ବନ୍ୟାଜଳ ନିଷ୍କାସନ ପାଇଁ ଆବଶ୍ୟକୀୟ କଦମ ଉଠାଉ ବୋଲି ସମସ୍ତ ପଞ୍ଚାୟତ ବାସି ଦାବି କରିଛନ୍ତି।

# ବନ୍ୟା ପରିସ୍ଥିତି ଓ ଲଗାଣ ବର୍ଷା ଯୋଗୁଁ ଆଜି ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡି ବନ୍ଦ

ଭଦ୍ରକ, ୨୮/୭ (ନି.ପ୍ର): ଭଦ୍ରକ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଏବଂ ଲଗାତାର ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ଭଦ୍ରକଙ୍କ ନିର୍ଦ୍ଦେଶକ୍ରମେ ତା. ୨୯ ଜୁଲାଇ ୨୦୨୬ (ବୁଧବାର) ଦିନ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ବିଦ୍ୟାଳୟ ସହ ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ପାଠପଢ଼ା ସ୍ଥଗିତ ରଖାଯାଇଛି ।ତେବେ, ସମସ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଣଶିକ୍ଷକ କର୍ମଚାରୀମାନେ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବେ ଏବଂ ପ୍ରଶାସନର ଆବଶ୍ୟକତା ଅନୁଯାୟୀ ସେମାନେ ତୁରନ୍ତ ଦାୟିତ୍ୱ ପାଳନ କରିବେ। ଜନସାଧାରଣଙ୍କ ସୁରକ୍ଷା ଓ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି ।ଲଗାଣ ବର୍ଷା ଯୋଗୁଁ ନଇକୂଳିଆ ଘର ମାନଙ୍କ ରେ ପାଣିପସିଛି ଲୋକଙ୍କ ଅବସ୍ଥା ନାହିଁ ନଥିବା ପରିସ୍ଥିତି ହୋଇଅଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଯାଞ୍ଚ୍ କରାଯାଉ, କାର୍ଯ୍ୟାନୁଷ୍ଠାନ ...

ଦିଲ୍ଲୀରେ ପୁଲିସ ଦ୍ୱାରା ଅତ୍ୟଧିକ ବଳ ପ୍ରୟୋଗ କରାଯାଇଥିବା ରିପୋର୍ଟ କରାଯାଇଛି। କୋର୍ଟ ଏହା ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ, ପୁଲିସ ତଦନ୍ତ କରିବ, କିନ୍ତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ନାହିଁ। ସିଜେଆଇ କହିଛନ୍ତି, ଲାଠିଚାର୍ଜ, ପେଲେଟ୍ ଗନ୍ ଏବଂ ଲୁହ ବୁହା ଗ୍ୟାସ୍ ପ୍ରୟୋଗ କରାଯାଇଥିବା ରିପୋର୍ଟ ହୋଇଛି। କିଛି ଲୋକଙ୍କ ଆଖିରେ ଆଘାତ ଲାଗିଥିବା ମଧ୍ୟ ରିପୋର୍ଟ ହୋଇଛି। ଗଣମାଧ୍ୟମ ସଦସ୍ୟମାନେ ମଧ୍ୟ ଆହତ ହୋଇଛନ୍ତି। ଲାଠିଚାର୍ଜ ସମ୍ପର୍କରେ ଆବେଦନକାରୀଙ୍କ ଆଇନଜୀବୀ କହିଛନ୍ତି, ଯଦି ପୁଲିସ ଚାହେଁ, ତେବେ ସେମାନେ ଆନ୍ଦୋଳନକାରୀଙ୍କ ବିରୋଧରେ ଏଫଆଇଆର ରୁଜୁ କରିପାରିବେ। କିନ୍ତୁ ଯଥାସମ୍ଭବ ବଳ ପ୍ରୟୋଗକୁ ଏଡାଇବା ଉଚିତ୍। ପ୍ରଦର୍ଶନ ସମୟରେ, କେତେକ ପୁଲିସ କର୍ମଚାରୀ ଥିଲେ ଯେଉଁମାନେ ୟୁନିଫର୍ମ ପିନ୍ଧି ନଥିଲେ ଏବଂ ଲାଠି ଧରିଥିଲେ। ସେମାନେ ମଧ୍ୟ ବଳ ପ୍ରୟୋଗ କରିଥିଲେ। ପୂର୍ବତନ ମୁଖ୍ୟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏକ ଏସଆଇଟି ଗଠନ କରାଯିବା ଉଚିତ୍। କୋର୍ଟ ଭବିଷ୍ୟତର ପଦକ୍ଷେପ ବିଷୟରେ ଆଲୋଚନା କରୁଛନ୍ତି। ଆମେ ଏହାକୁ ସ୍ୱାଗତ କରୁଛୁ। ତେବେ ଏହି ଘଟଣାଗୁଡ଼ିକର ଏକ ନିରପେକ୍ଷ ତଦନ୍ତ ମଧ୍ୟ ଆବଶ୍ୟକ। ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ପ୍ରତିବାଦକାରୀଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ସାର୍ବଜନୀନ କରିବା ମଧ୍ୟ ନିଷେଧ କରାଯିବା ଉଚିତ୍। ଏଥିରେ ଛାତ୍ରଛାତ୍ରୀ ଏବଂ ଅନେକ ନାବାଳକ ସାମିଲ ଅଛନ୍ତି।

### ଉତ୍ତରପ୍ରଦେଶ ରାଜନୀତି: ଓଏସିଙ୍କ ...

ସପା ଶିବିରକୁ ଚିନ୍ତାରେ ପକାଇଛି । ସାଧାରଣତଃ ସମାଜବାଦୀ ପାର୍ଟିକୁ 'ଯାଦବ ଓ ମୁସଲିମ' ଭୋଟ୍ ବ୍ୟାଙ୍କର ଦଳ ଭାବେ ବିବେଚନା କରାଯାଏ । ଗତ ଲୋକସଭା ନିର୍ବାଚନରେ ଚଉଇ (ପଛୁଆ, ଦଳିତ ଓ ଅଳ୍ପସଂଖ୍ୟକ) ଫର୍ମୁଲା ଆପଣାଇ ସପା ଆଶାତୀତ ସଫଳତା ପାଇଥିଲା । ଏହି ସଫଳତା ପରେ ଅଖିଳେଶ ଯାଦବ କଂଗ୍ରେସକୁ ସାଙ୍ଗରେ ଧରି ଆଗାମୀ ବିଧାନସଭା ନିର୍ବାଚନରେ କ୍ଷମତାକୁ ଫେରିବା ପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି । ତେବେ ରାଜ୍ୟର ୪୦୩ଟି ବିଧାନସଭା ଆସନ ମଧ୍ୟରୁ ପ୍ରାୟ ୧୪୩ଟି ଆସନର ଫଳାଫଳ ସିଧାସଳଖ ମୁସଲିମ ଭୋଟ୍ ଉପରେ ନିର୍ଭର କରେ । ମହାରାଷ୍ଟ୍ର ଓ ବିହାର ପରି ରାଜ୍ୟରେ ଇଓଗଓଗର ବଢୁଥିବା ପ୍ରଭାବକୁ ଦୃଷ୍ଟିରେ ରଖି, ଯଦି ଦଳ ୟୁପିରେ ମଇଦାନକୁ ଓହ୍ଲାଏ, ତେବେ ଏହା ମୁସଲିମ ଭୋଟ୍ ବ୍ୟାଙ୍କରେ ବଡ଼ଧରଣର ବିଭାଜନ ଘଟାଇପାରେ ବୋଲି ଦଳର ଏକ ବଡ଼ ଗୋଷ୍ଠୀ ଆଶଙ୍କା କରୁଛନ୍ତି । ଅନ୍ୟପକ୍ଷରେ, ଇଓଗଓଗ ସହ ମେଣ୍ଟ କଲେ ମୁସଲିମ ଭୋଟରଙ୍କ ପାଇଁ ସପା ବ୍ୟତୀତ ଆଉ ଏକ ପ୍ରମୁଖ ବିକଳ୍ପ ସୃଷ୍ଟି ହେବ, ଯାହା ଭବିଷ୍ୟତରେ ସପାର ଆଧିପତ୍ୟକୁ ଦୁର୍ବଳ କରିଦେଇପାରେ । ତେଣୁ, ଏହି ଦୁଇଟି କଠିନ ବିକଳ୍ପ ମଧ୍ୟରୁ ଅଖିଳେଶ ଯାଦବ କେଉଁ ପନ୍ଥା ଆପଣାଉଛନ୍ତି, ତାହା ଉପରେ ହିଁ ସପାର ନିର୍ବାଚନୀ ଭାଗ୍ୟ ସମ୍ପୂର୍ଣ୍ଣ ଭାବେ ନିର୍ଭର କରୁଛି ।

### ଲଗାଣ ବର୍ଷାରେ...

ଲଗାଣ ବର୍ଷାରେ ଘସିପୁରାରେ ସ୍ଥିତି ବେହାଲ। ଶାଳପଡ଼ାରୁ ସରେଇଁ ଯାଇଥିବା ରାସ୍ତାରେ ୩ ଫୁଟ୍ ଉଚ୍ଚରେ ପାଣି। ଦୀର୍ଘ ବର୍ଷ ହେବ ପୋଲ ନିର୍ମାଣ ଚାଲିଛି। ହେଲେ କାମ ସରିନଥିବାରୁ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ତେଲକୋଇ ଡାକବଙ୍ଗଳା ସମାକୋଇ ନଦୀର ପୋଲ ଉପରେ ବି ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ତେଲକୋଇ-ଭୁବନେଶ୍ୱର-କଟକ-ଢେଙ୍କାନାଳ-ତାଳଚେର-କାଳିଆହତା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକର ଚିତ୍ର। ପୋଲ ଉପରେ ଯାଉଥିବା ବେଳେ ହଠାତ୍ ମାଡ଼ିଆସିଥିଲା ବନ୍ୟାଜଳ। ଦେଖୁଦେଖୁ ପ୍ରଖର ସ୍ରୋତରେ ଭାସିଯାଇଥିଲେ ଜଣେ ଯୁବକ। ଉପସ୍ଥିତ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚାଇଛନ୍ତି। ସେହିପରି ଘଷିପୁରା କେଶଦୁରାପାଳ ଗାଁରେ ଜଣେ ଯୁବତୀ ହଠାତ୍ ପାଣିର ସୁଅରେ ଭାସିଯାଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଉଦଳାରେ ବି ସ୍ଥିତି ସଂଗୀନ। ବର୍ଷା ଯୋଗୁଁ ଉଦଳା-ବାଲେଶ୍ୱର ରାସ୍ତା ବାଉଁଶପାଳ ଗ୍ରାମରେ ପାଣି ପଶିବା ସହ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ପ୍ରଭାବିତ ହୋଇଛି। କେବଳ ସେତିକି ନୁହେଁ, ଚାଷ ଜମି ବି ଏ ପ୍ରକାର ନଦୀର ଭ୍ରମ ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଂଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ଶହ ଶହ ହେକ୍ଟର ଜମିର ଫସି ରହିଛି। ସମ୍ବଲପୁର ସହରରେ ଗତକାଲି ବିଳମ୍ବିତ ରାତିରୁ ବର୍ଷା ଲାଗି ରହିଛି । ପ୍ରବଳ ବର୍ଷା ଯୋଗୁଁ ସହରର ପଟ୍ଟନାୟକପଡ଼ାର ଏକ ପୁରୁଣା ଘର ଭାଙ୍ଗି ଯାଇଥିଲା । ଉପର ମହଲାରେ ରହୁଥିବା ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରିଛନ୍ତି ଅଗ୍ନିଶମ ବାହିନୀର କର୍ମଚାରୀ। ବନ୍ୟା ଜଳରେ ମନ୍ଦିର ବି ପ୍ରଭାବିତ। ବାଲେଶ୍ୱରର ପ୍ରସିଦ୍ଧ ବାବା ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠରେ ୬ରୁ ୮ ଫୁଟ୍ ଉଚ୍ଚର ପାଣି। ପର୍ଯ୍ୟଟକଙ୍କ ସୁରକ୍ଷାକୁ ଆଖି ଆଗରେ ରଖାଯାଇ ପୀଠରେ ସ୍ପର୍ଶ ଦର୍ଶନ ବନ୍ଦ ରହିଛି। ସେପଟେ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଅନ୍ତର୍ଗତ ମାଣତ୍ରୀସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା କଖାରୁଆ ବୈଦ୍ୟନାଥ ମନ୍ଦିରର ଗର୍ଭଗୃହରେ ବି ପଶିଛି ବନ୍ୟା ଜଳ। କୋରାପୁଟରେ ଲଗାଣ ବର୍ଷା ଯୋଗୁଁ କୋରାପୁଟ ଜୟପୁରରେ ଭୁଷୁଡି ପଡିଛି ପାଚେରୀ।

### ରାଜ୍ୟରେ ବନ୍ୟାସ୍ଥିତିର...

ଏହା ବ୍ୟତୀତ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ ନିରୀକ୍ଷଣ କକ୍ଷ ସ୍ଥାପନ କରାଯାଇଛି। ଆଜି (ମଙ୍ଗଳବାର) ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ସମସ୍ତ ଜିଲ୍ଲାପ୍ରଶାସନ ଏବଂ ଅନ୍ୟାନ୍ୟ ବିଭାଗମାନଙ୍କୁ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ସମନ୍ୱିତ ହୋଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରୁ ମିଳିଥିବା ସୂଚନାନୁସାରେ, ଆନନ୍ଦପୁର ଏବଂ ଆଖୁଆପଦାଠାରେ ବୈତରଣୀ ଏବଂ ଜଳକା ନଦୀରେ ଜଳପତ୍ତନସ୍ତର ବୃଦ୍ଧି ପାଇ ବିପଦସ୍ତରଠାରୁ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। କେତେକ ସ୍ଥାନରେ ବ୍ରାହ୍ମଣୀ ଏବଂ ସୁବର୍ଣ୍ଣରେଖା ନଦୀର ଜଳପତ୍ତନସ୍ତର ଚିନ୍ତାଜନକ ରହିଛି । ଆସନ୍ତା ୧୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏହି ସବୁ ଜିଲ୍ଲାରେ ଜଳସ୍ତର ବୃଦ୍ଧି ଉପରେ ନଜର ରଖିବା ପାଇଁ ରାତିସାରା ଏସଆରସି କାର୍ଯ୍ୟାଳୟ ଖୋଲା ରଖିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ତଳିଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ଏନଡିଆରଏଫ୍ ଏବଂ ଓଡ୍ରାଫ୍ ଟିମ୍ ମୁତୟନ ଥିବାବେଳେ ସମସ୍ତ ଜିଲ୍ଲାପାଳ ଓ ବିଡିଓଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୁଲିସ୍ ବିଭାଗ ପକ୍ଷରୁ ରାତ୍ରିକାଳୀନ ପେଟ୍ରୋଲିଂ ସହ ଶିଶୁ ଏବଂ ମହିଳାମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ମହିଳା ପୁଲିସ୍ ମଧ୍ୟ ନିୟୋଜିତ ହୋଇଛନ୍ତି। ଆଶ୍ରୟସ୍ଥଳୀ ମାନଙ୍କରେ ସାଧରଣଲୋକଙ୍କୁ ରନ୍ଧାଖାଦ୍ୟ ସହ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଯୋଗାଇ ଦିଆଯାଉଛି । ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ ହେଲେ ସେମାନଙ୍କ ବାସଗୃହ ଏବଂ ଧନସମ୍ପତ୍ତିର ସୁରକ୍ଷା ନିମନ୍ତେ ପୁଲିସ୍ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ, ପଶୁସମ୍ପଦ ବିଭାଗ ଓ ଅନ୍ୟ ସମସ୍ତ ବିଭାଗକୁ ପ୍ରସ୍ତୁତ ରଖାଯାଇଥିବାବେଳେ ଗୃହପାଳିତ ପଶୁମାନଙ୍କ ସୁରକ୍ଷା ବ୍ୟବସ୍ଥା ସହ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ମହଜୁଦ ରଖାଯାଇଛି । ସର୍ପାଘାତକୁ ଦୃଷ୍ଟିରେ ରଖି ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ଔଷଧ ଏବଂ ଇଞ୍ଜେକସନ୍ ମହଜୁଦ ରହିଛି। ଏହି ପରିପ୍ରେକ୍ଷୀରେ ବନ୍ୟା ପରିସ୍ଥିତିର ମୁକାବିଲା ଲାଗି ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସହ ଲୋକମାନେ ଭୟଭୀତ ନହୋଇ ସତର୍କ ଓ ସୁରକ୍ଷିତ ରହିବାକୁ ନିବେଦନ କରାଯାଇଛି। ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ବାସଗୃହ ଅଥବା ଚାଷଜମି ନିମନ୍ତେ ଜନସାଧାରଣଙ୍କୁ ତ୍ୱରିତ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଜରୁରିକାଳୀନ ନିୟନ୍ତ୍ରଣ କକ୍ଷ ୨୪ x ୭ ପରିସ୍ଥିତି ଉପରେ ନଜର ରଖିଥିବା ବେଳେ ନିୟମିତ ଜିଲ୍ଲା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ସହ ଯୋଗାଯୋଗରେ ରହିଛି । ବନ୍ୟା ମୁକାବିଲା, ପ୍ରସ୍ତୁତି, ସ୍ଥାନାନ୍ତରଣ, ଜନସାଧାରଣଙ୍କ ସୁରକ୍ଷା ଏବଂ ସାମଗ୍ରିକ ସୁବ୍ୟବସ୍ଥିତ ପରିଚାଳନା ସୁନିଶ୍ଚିତ କରିବା ନିମନ୍ତେ ତିନି ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ।

### ଫାଇଲ ଚୋରି ମାମଲାରେ ...

ତେଣୁ ତଦନ୍ତକାରୀ ଟିମ ତାଙ୍କ ପାଖକୁ ଯାଇ ତଥ୍ୟ ସଂଗ୍ରହ କରିପାରେ । ସିଏମଓରୁ ଫାଇଲ୍ ହଜିବା ଓ କ୍ରାଇମବ୍ରାଞ୍ଚ ତଦନ୍ତକୁ ନେଇ ରାଜନୈତିକ ବୟାନବାଜି ତେଜିଛି । ରାଜସ୍ୱମନ୍ତ୍ରୀ ସୁରଶ ପୂଜାରୀ କହିଛନ୍ତି, ଦସ୍ତଖତ କରି ଫାଇଲ୍ ନେଇଥିବା ଅଧିକାରୀଙ୍କୁ ଚିହ୍ନଟ କରାଗଲାଣି। ଖୁବ୍‌ଶୀଘ୍ର ଏହାର ପର୍ଦ୍ଦାଫାସ ହେବ। ଦରକାର ହେଲେ ତଦନ୍ତକାରୀ ସଂସ୍ଥା ବିଦେଶକୁ ଯିବ। ସେପଟେ କଂଗ୍ରେସ ଦାବି କରିଛି, ହାଇକୋର୍ଟ ସିଟିଂ ଜଜ୍ ?ଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯାଉ। ଅନ୍ୟପଟେ ବିଜେଡି କହିଛି ତଦନ୍ତ ଆଳରେ ପ୍ରହସନ କରାଯାଉଛି । ଗତ ଜୁନ ୧୦ ତାରିଖରେ ସିଏମଓରୁ ଫାଇଲ ହଜିବା ଘଟଣାରେ ଗୃହବିଭାଗ ପକ୍ଷରୁ କ୍ୟାପିଟାଲ ଥାନାରେ ଏତଲା ହୋଇଥିଲା। ଦେଢ଼ ମାସ ପରେ ବି ଫାଇଲ ଗାୟବ ଘଟଣାର ପର୍ଦ୍ଦାଫାସ ହୋଇପାରିନି। ଅନ୍ୟପଟେ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲାର ସିବିଆଇ ତଦନ୍ତ ପାଇଁ ଦାବି କରିଛି ବିଶ୍ୱହିନ୍ଦୁ ପରିଷଦ। ନିଖୋଜ ଥିବା କମିଶନ ରିପୋର୍ଟ ସାର୍ବଜନୀନ କରିବାକୁ ଆହ୍ୱାନ ଦେଇଛି।

### ବାପାକୁ ପଥରରେ ଛେଚି ହତ୍ୟା...

ଗଞ୍ଜାମରୁ ଆସି ମଞ୍ଚେଶ୍ୱର ଥାନା ଅଧୀନ ମଞ୍ଚନାଥ ବିହାରରେ ଘର କରି ରହୁଥିଲେ। ନିଶାରେ ବୁଡ଼ି ରହୁଥିବା ଏହି ଜହ୍ଲାଦ, କିଛି ଦିନ ତଳେ ନିଶା ନିବାରଣ କେନ୍ଦ୍ରରୁ ଘରକୁ ଫେରିଥିଲା। ତେଣୁ ସବୁଦିନ ସକାଳୁ ବିଡ଼ିରେ କିଛି ଔଷଧ ମିଶାଇ ଖାଇବା ପାଇଁ ପରାମର୍ଶ ଦେଇଥିଲେ ଡାକ୍ତର। ଆଜି ସକାଳ ପ୍ରାୟ ୬ଟା ବେଳେ, ବାପା ଏସ. ଦୁର୍ଯ୍ୟୋଧନ ଉକ୍ତ ବିଡ଼ି ଟାଣିବାକୁ ବାଧ କରିଥିଲେ। ଯାହାକୁ ନେଇ ପୁଅର ମୁଣ୍ଡକୁ ପିତ୍ତ ଚଢ଼ିଯାଥିଲା। ଆଉ ବାପା ଦୁର୍ଯ୍ୟୋଧନଙ୍କୁ ପଥରରେ ଛେଚି ଛେଚି ହତ୍ୟା କରିଛି। ଘରର ଚଟାଣରେ ଟଳି ପଡ଼ିଥିଲେ ବାପା ଦୁର୍ଯ୍ୟୋଧନ। ସେପଟେ ଗତକାଲି ସନ୍ଦେହ ପାଇଁ ସ୍ତ୍ରୀକୁ ମାରି, ନିଜେ ବିଷ ପିଇ ଆଇସିୟୁରେ ପଡ଼ିଛି ସ୍ୱାମୀ। ଏହି ଦୁଇଟି ଘଟଣାର ପରିସ୍ଥିତି ଅଲଗା ହୋଇଥିଲେ ମଧ୍ୟ ଗୋଟିଏ କଥା ସମସ୍ତଙ୍କ ମନରେ ପ୍ରଶ୍ନ ସୃଷ୍ଟି କରୁଛି। ଯେଉଁ ଘରକୁ ଆମେ ସବୁଠାରୁ ସୁରକ୍ଷିତ ସ୍ଥାନ ବୋଲି ଭାବୁ, ସେହି ଘର ଯଦି ହିଂସାର କେନ୍ଦ୍ର ପାଲଟିଯାଏ, ତେବେ ସୁରକ୍ଷା କେଉଁଠି ? ବାପା ନିଜ ପୁଅଠାରୁ ଏବଂ ସ୍ତ୍ରୀ ନିଜ ସ୍ୱାମୀଠାରୁ ସୁରକ୍ଷିତ ନ ରହିବା ଭଳି ଘଟଣା ସମାଜକୁ ଗଭୀର ଚିନ୍ତାରେ ପକାଇଛି। ପରିବାରରେ ମତଭେଦ ଥାଇପାରେ, କିନ୍ତୁ ହିଂସା କେବେ ବି ସମାଧାନ ନୁହେଁ। କଥାବାର୍ତ୍ତା, ବୁଝାମଣା ଏବଂ ସମୟୋପଯୋଗୀ ସହାୟତା ହିଁ ଏଭଳି ଦୁର୍ଘଟଣାକୁ ରୋକିପାରେ।

ବୁଧବାର, ଜୁଲାଇ ୨୯, ୨୦୨୬

# ଧ୍ୱନି ପ୍ରତିଧ୍ୱନି

## ପ୍ରବଳ ବର୍ଷାରେ ଧୋଇଗଲା ଗ୍ରାମବାସୀଙ୍କ ନିର୍ମିତ ରାସ୍ତା: ସ୍ଥାୟୀ ପକ୍କା ସଡ଼କ ନିର୍ମାଣ ଦାବି

ବାଲେଶ୍ୱର, ୨୮/୭ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ଗେଙ୍ଗୁଟି ପଞ୍ଚାୟତର ଜମ୍ଭେଶ୍ୱରପୁର ଗ୍ରାମର ପୂର୍ବପାର୍ଶ୍ୱରେ ଥିବା ବଡଖୁଆଆଡି ଉପଜାତି ବସ୍ତିର ଲୋକମାନଙ୍କ ଦୀର୍ଘଦିନର ସମସ୍ୟା ପୁଣିଥରେ ପ୍ରକଟ ହୋଇଛି। ସ୍ଥାନୀୟ ଲୋକପ୍ରତିନିଧି ଓ ପ୍ରଶାସନର ଦୀର୍ଘଦିନର ଉଦାସୀନତା ଯୋଗୁଁ ବସ୍ତିବାସୀ ନିଜସ୍ୱ ଉଦ୍ୟମରେ ନିର୍ମାଣ କରିଥିବା ରାସ୍ତାଟି ଗତକାଲି ମଧରାତ୍ରିରୁ ଲାଗି ରହିଥିବା ପ୍ରବଳ ବର୍ଷାରେ ସମ୍ପୂର୍ଣ୍ଣ ଧୋଇଯାଇଛି। ଫଳରେ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଯାତାୟାତ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡାକ୍ତର ପରମାନନ୍ଦ ସେଠୀଙ୍କ ଘରଠାରୁ ଲାଇବ୍ରେରୀ ଖାଲ ପର୍ଯ୍ୟନ୍ତ ଥିବା ଏହି ରାସ୍ତା ଉପରେ ଦୀର୍ଘ ସମୟ ଧରି ବର୍ଷା ଓ ବନ୍ୟାଜଳ ପ୍ରବାହିତ ହେବାରୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବର୍ତ୍ତମାନ ରାସ୍ତାଟି ଚାଲିବା ଅବସ୍ଥାରେ ନଥିବାରୁ ସାଧାରଣ ଲୋକଙ୍କ ସହ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଓ ରୋଗୀମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଜରୁରୀକାଳୀନ ସେବା ଯଥା ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀର ଯାତାୟାତ ବାଧାପ୍ରାପ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ରାସ୍ତା ନିର୍ମାଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନାହିଁ। ତେଣୁ ବର୍ତ୍ତମାନ ତୁରନ୍ତ ରାସ୍ତାର ମରାମତି ସହ ବନ୍ୟାଜଳର ସ୍ଥାୟୀ ନିଷ୍କାସନ ବ୍ୟବସ୍ଥା କରି ଏକ ପକ୍କା ସଡ଼କ ନିର୍ମାଣ କରିବାକୁ ବସ୍ତିବାସୀମାନେ ଦୃଢ଼ ଦାବି ଜଣାଇଛନ୍ତି। ଏନେଇ ସାମାଜିକ କର୍ମୀ ମନାଲିସା ସେଠୀ, ଜୟନ୍ତୀ ସେଠୀ, ଶାନ୍ତିଲତା ସେଠୀ, ହରେନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ବନପ୍ରଭା ଜେନା, ବାସନ୍ତୀ ପ୍ରଧାନ, ଲାଇସୁ ପ୍ରଧାନ ପ୍ରମୁଖ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ଅବିଳମ୍ବ ହସ୍ତକ୍ଷେପ କରି ସ୍ଥାୟୀ ପକ୍କା ସଡ଼କ ନିର୍ମାଣ କରିବାକୁ ଦାବି କରିଛନ୍ତି।



## ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ: ନୟନ ଯୋଡିକୁ ଜବରଦଖଲ ମୁକ୍ତକରି ଜଳନିଷ୍କାସନ କଲା ପ୍ରଶାସନ



ବାଲିଆପାଳ, ୨୮/୭ (ନି.ପ୍ର): ଗତ ତିନିଦିନ ଧରି ଲଘୁଚାପ ଜନିତ ଲଗାଣବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ବହୁ ସ୍ଥାନରେ ଜଳ ନିଷ୍କାସନ ହୋଇନପାରି ଲୋକେ ଜଳବନ୍ଦୀ ଜୀବନ ବିତାଉଛନ୍ତି । ଏହିପରି ଭାବେ ବାଲିଆପାଳ ବ୍ଲକ ଅନ୍ତର୍ଗତ ସିମୁଳିଆ ଛକ ଠାରୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପର ରାସ୍ତାର ପାଶ୍ୱର୍ରେ କିଛି ମୁଷ୍ଟିମେୟ ଲୋକ ନୟନ ଯୋ୍ େକୁ ପୋତି ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ ନକରିବା ଫଳରେ ନୟନ ଯୋଡି ନାଳ ମଧ ଦେଇ ପାଣି ନିଷ୍କାସନ ନହୋଇ ହେକ୍ଟର ହେକ୍ଟର ଜମିରେ ପାଣି ଜମା ହୋଇ ରହିବା ସହ ବଡ଼ ସିମୁଳିଆ ଗାଁରେ ବହୁ ଲୋକଙ୍କ ଘରେ ପାଣି ପଶିଯାଇଥିଲା। ଏନେଇ ଗ୍ରାମବାସୀ ଦୀର୍ଘ ଦିନରୁ ବାଲିଆପାଳ ତହସିଲଦାର, ବାଲେଶ୍ୱର ଜିଲ୍ଲାପାଳ ଏବଂ ପିଡବ୍ଲୁ ବିଭାଗକୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ । ତେବେ ଲଘୁଚାପ ଜନିତ ବର୍ଷା ହେବା ଫଳରେ ମଙ୍ଗଳବାର ଦିନ ଗ୍ରାମବାସୀ ପାଣି ଅବରୋଧ ହୋଇଥିବା ସ୍ଥାନରେ ପାଟି ତୁଣ୍ଡ କରବା ସହିତ କିଛି ସମୟ ପାଇଁ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା ତେବେ ଖବର ପାଇ ବାଲିଆପାଳ ତହସିଲଦାର ସସ୍ମିତା ମୁର୍ମୁଙ୍କ ହସ୍ତକ୍ଷେପ ପରେ ଜେସିପି ଦ୍ୱାରା ନୟନ ଯୋଡି ନାଳକୁ ତାଡି ପାଣିକୁ ନିଷ୍କାସନ କରାଯାଇଛି । ତେବେ ପାଘ ଶୁଖିଲା ପରେ ନୟନ ଯୋରୀ ଜାଗାକୁ ଚିହ୍ନଟ କରାଯାଇ ସମ୍ପୂର୍ଣ୍ଣ ଜବରଦଖଲ ମୁକ୍ତ କରାଯିବ ବୋଲି ତହସିଲଦାର ଶ୍ରିମତୀ ମୁର୍ମୁ କହିଛନ୍ତି ।

## ଲଘୁଚାପ ଓ ଲଗାଣ ବର୍ଷା ପ୍ରଭାବରେ ବେହାଲ ନୀଳଗିରି: ନଦୀ ପାର୍ଶ୍ୱ ଗାଁରେ ଲୋକମାନେ ଭୟଭୀତ

ନୀଳଗିରି, ୨୮/୭ (ନି.ପ୍ର): ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡରେ ଗତ ଦୁଇଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଛି। ଫଳରେ ବିଭିନ୍ନ ଗ୍ରାମର ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଜନଜୀବନ ପ୍ରଭାବିତ ହୋଇଛି। ଏହାସହ ସୋମବାର ରାତ୍ରୀ ୩ଟା ଠାରୁ ମଙ୍ଗଳବାର ଦିବା ୯ ଘଟିକା ପାଖାପଖି ୬ ଘଣ୍ଟା ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାରୁ ମୟୁରଭଞ୍ଜକୁ ସଂଯୋଗ କରୁଥିବା ସେରଗଡ଼ ନୀଳଗିରି ଝରଣଘାଟି ୧୯ନଂ ରାଜ୍ୟ ରାଜପଥ ବିଭିନ୍ନ ସ୍ଥାନର ମୁଖ୍ୟ ରାସ୍ତା ଉପରେ କେଉଁଠି ପ୍ରାୟ ଚାରି ଫୁଟ ତ ଆଉ କେଉଁଠି ପାଞ୍ଚ ଫୁଟ ପର୍ଯ୍ୟନ୍ତ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ରାଜ୍ୟ ରାଜପଥ ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏହି ରାଜ୍ୟ ରାଜପଥ ମୁଖ୍ୟ ରାସ୍ତା ସଂଲଗ୍ନ ନୀଳଗିରି ଭୂମିଜସାହି ଠାରେ ରାସ୍ତା ପାର୍ଶ୍ୱରେ ଥିବା କିଛି ଲୋକଙ୍କ ଘର ଭିତରେ ଆଣ୍ଠୁଏ, ଆଣ୍ଠୁଏ ପାଣି ଥିବା ନେଇ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଫଳରେ ସ୍ଥାନୀୟ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବାପରେ ହଟିଥିଲା ରାସ୍ତାରୋକ। ସେପଟେ ନୀଳଗିରି ଏନ.ଏ.ସି ୱାର୍ଡ ନଂ ୧, ୨, ୫, ୬, ୭ ରେ ମଧ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ଏହି ଲଗାଣ ବର୍ଷାରେ ସୋନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏଥିଯୋଗୁ ନଦୀ ପାର୍ଶ୍ୱ ଗାଁରେ ଲୋକମାନେ ଭୟଭୀତ ଅବସ୍ଥାରେ ଜୀବନ ବିତାଉଛନ୍ତି। ଲଗାଣ ବର୍ଷାରେ ୭ଟି ପଞ୍ଚାୟତ ତଥା ନରଣପୁର ପଞ୍ଚାୟତର ଚାସୁଣିକୋଇଲା, ତେନ୍ତୁଳିଆ ପଞ୍ଚାୟତର ବାଲିସାହି, ରାଧାକିଶୋରପୁର ପଞ୍ଚାୟତର ପୁନ୍ଦାଳ, କୁଳାହାଟ ବରହମପୁର, ନରସିଂହପୁର ପଞ୍ଚାୟତର ଦୁର୍ଗାପୁର, ଅମ୍ବିକାପୁର, ପୁରୁଣାଗାଁ, ତିନଦେଶ, ପଳାଶବଣି, କାଂଶ ପଞ୍ଚାୟତର କରଞ୍ଜିଆ, କୁଲାପାଳ, ସଂଗ୍ରାମପୁର, କାଂଶ, ନଡିପାଳ, ବେଗୁନିଆ ପଞ୍ଚାୟତର ଡୁମଗଣ୍ଡିରା, ଦୁବାଟି, ସଂସାପାଳ, ତୋଟାପଡା, ଅଯୋଧା ପଞ୍ଚାୟତର ବାଡିଆ, ଜୁଣକୋଇଲି, ପ୍ରତାପପୁର, ମଛୁଆ ପଞ୍ଚାୟତର କାଠପାଳ, ସିଗିଂରି ଆଦି ଗ୍ରାମର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାସହ ସୋନ ନଦୀ ପାଣିର ପ୍ରଖର ସ୍ରୋତରେ କାଂଶ ପଞ୍ଚାୟତର କୁଲାପାଳ ଗାଁର ଜୈନିକ ଜଣେ ଲୋକ ଭାସିଯାଇଥିବା ବେଳେ ସ୍ଥାନୀୟ ଲୋକେ ଦଉଡି ସାହାଯ୍ୟରେ ଉଦ୍ଧାର କରିଥିଲେ। ପ୍ରଶାସନ ପକ୍ଷରୁ ବନ୍ୟା ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରହିଥିବାର ସୂଚନା ରହିଛି।



## ଭଦ୍ରକରେ ୧୪୮ ମି.ମି. ଓ ଧାମନଗରରେ ସର୍ବାଧିକ ୧୫୫ ମି.ମି. ବର୍ଷା

ଭଦ୍ରକ, ୨୮/୭ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ହାରାହାରି ୧୦୪.୬୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।ସର୍ବାଧିକ ବର୍ଷା ଧାମନଗର ବ୍ଲକରେ ୧୫୫ ମି.ମି. ରେକର୍ଡ ହୋଇଥିବା ବେଳେ ଭଦ୍ରକରେ ୧୪୮ ମି.ମି., ତିହିଡ଼ିରେ ୧୧୩ ମି.ମି., ଭଣ୍ଡାରିପୋଖରୀରେ ୧୦୮ ମି.ମି., ବନ୍ତରେ ୧୦୫ ମି.ମି., ଚାନ୍ଦବାଲିରେ ୬୨.୪ ମି.ମି. ଏବଂ ବାସୁଦେବପୁରରେ ୪୧ ମି.ମି. ବର୍ଷା ରେକର୍ଡ କରାଯାଇଛି ।ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ସତର୍କ ନଜର ରଖାଯାଇଛି । ନିମ୍ନାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସତର୍କ ରହିବା ସହ ଅନାବଶ୍ୟକ ବାହାରକୁ ନଯିବା ପାଇଁ ଆଜି ଏକ ପ୍ରେସ ବିବୃତିରେ ପରାମର୍ଶ ଦେଇଛନ୍ତି ଜିଲ୍ଲାପାଳ ଦିଲୀପ ରାଉତରାଏ । ସମସ୍ତ ବିଭାଗକୁ ସମ୍ଭାବ୍ୟ ବର୍ଷାଜନିତ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବଜ୍ରପାତ ଘଟି ଦୁଇ ଆହତ: ମନ୍ଦିର ଦଧିନଉତି ଓ କାନ୍ଥ ଫାଟିଲା

ଖୋର୍ଦ୍ଧା, ୨୮/୭ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମ ସ୍ଥିତ ରାଧା ମୋହନ ଦେବଙ୍କ ମନ୍ଦିରରେ ରବିବାର ଦିନ ସକାଳ ସମୟରେ ବଜ୍ରପାତ ଘଟିଛି। ଏଥିରେ ମନ୍ଦିରର ଦଧି ନଉତି ଭାଙ୍ଗି ଯିବା ସହ ଦୁଇ ମହିଳା ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ନିମିତ୍ତ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ସ୍ଥାନାନ୍ତରିତ କରା ଯାଇଛି। ପ୍ରକାଶ ଥାଉକି ଗତ କିଛଦିନ ହେଲା ଖୋର୍ଦ୍ଧା ଅଞ୍ଚଳରେ ବରଷା ଲାଗି ରହିଥିବା ବେଳେ ଗତ ତା ୨୬.୭.୨୦୨୬ ରବିବାର ଦିନ ଅପରାହ୍ନରେ ମୂଷଳ ଧାରରେ ବର୍ଷା ସହ ଗଡଗଡି ଓ ବିଜୁଳି ପ୍ରହାର ଯୋଗୁ ଉକ୍ତ ଗୋଡା ରାଧା ମୋହନ ଦେବଙ୍କ ମନ୍ଦିର କ୍ଷତି ହେବା ସହ ପାଖରେ ଥିବା ଘର ଗୁଡିକ କ୍ଷତି ହେବା ସହ କିଛି ଲୋକ ଆହତ ହୋଇ ଥିଲେ। ଦୁଇ ଜଣ ମହିଳା ଗୁରୁତର ଅବସ୍ଥାରେ ତଳେ ପଡ଼ିବା ଅଚେତ ହୋଇ ଯାଇଥିଲେ। ସେମାନଙ୍କୁ ଖୋର୍ଦ୍ଧା ମୁଖ୍ୟ ଡାକ୍ତରଖାନା କୁ ସ୍ଥାନୀୟ ଲୋକ ଆଣିଥିଲେ। ଏ ଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗ ଭୁବନେଶ୍ୱର, ରାଜଧାନୀ ଡାକ୍ତରଖାନା ନିଆ ଯାଇ ଥିଲା ସେଠାରେ ତାଙ୍କୁ ଚିକିତ୍ସା ଚାଲିଛି ଅବସ୍ଥା ସ୍ଥିର ଅଛି।

## ରାସ୍ତା ଉପରେ ଗଛପଡି ରାସ୍ତା ଅବରୋଧ

ବାଲିଆପାଳ , ୨୮/୭ (ନି.ପ୍ର): ବାଲିଆପାଳ ବସ୍ତା ପୂ ର୍ ବିଭାଗ ରାସ୍ତାର ଖାଳମୁହାଂଣି ଛକ ନିକଟରେ ଆଜି ଏକ ଇଙ୍ଗ ଗଛ ଉପାଡି ହୋଇ ରାସ୍ତା ଉପରେ ପଡିଯିବା ଫଳରେ ଦୀର୍ଘସମୟଧରି ଯାତାୟତ ବାଧାପ୍ରାପ୍ତ ହୋଇଥିଲା । ରାସ୍ତା ଉଭୟ ପାଶ୍ୱରେ ଶହ ଶହ ଗାଡି ଦୀର୍ଘ ସମୟ ଧରି ଅଟକି ରହିଥିଲା। ଖବର ପାଇ ବାଲିଆପାଳ ଅଗ୍ନି ବାହିନୀ ସମେତ ବାଲିଆପାଳ ପୋଲିସ ଘଟଣା ସ୍ଥଳରେ ପହଂଚି ରାସ୍ତାରୁ ଗଛ କାଟି ଉଠାଇବା ପରେ ଯାତାୟତ ସ୍ୱଭାବିକ ହୋଇଥିଲା ।

## ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆଶଙ୍କା: ଜିଲ୍ଲା ପ୍ରଶାସନର ସ୍ଥିତି ଅନୁଧାନ

ବୈଶିଙ୍ଗା , ୨୮/୭ (ନି.ପ୍ର): ମୟୂରଭଞ୍ଜର ଶିମିଳିପାଳ ଅଭୟାରଣ୍ୟ ଏବଂ ଏହାର ପାଦଦେଶରେ ପ୍ରବଳ ବର୍ଷା ଯୋଗୁଁ ପ୍ରବାହିତ ହେଉଥିବା ବୁଢ଼ାବଳଙ୍ଗ ନଦୀର ଜଳସ୍ତର କ୍ରମାଗତ ବୃଦ୍ଧି ପାଉଥିବାରୁ ଚଳିତ ବର୍ଷର ପ୍ରଥମ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଗତ ଚାରିଦିନ ହେଲା ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ଯୋଗୁଁ ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇଛି। ଫଳରେ ବୁଢ଼ାବଳଙ୍ଗ ସହିତ ଏହାର ଉପନଦୀ ଜରାଳି ଓ ସରାଳି ନଦୀର ଜଳସ୍ତର କ୍ରମାଗତ ବୃଦ୍ଧି ପାଇଚାଲିଛି। ମଙ୍ଗଳବାର ଅପରାହ୍ନରେ ବୈଶିଙ୍ଗା ବଡ଼ସାହି ମୂଖ୍ୟ ରାସ୍ତାର ବୁଢ଼ାବଳଙ୍ଗ ନଦୀର ନାଖରା ସେତୁ ନିକଟରେ ସେତୁ ଲଂଘିବାକୁ ଆଉ ମାତ୍ର ଏକ ଫୁଟ ବାକି ରହିଥିବା ଦେଖିବାକୁ ମିଳିଛି। ତେବେ ବନ୍ୟା ଆଶଙ୍କାରେ ରହିଛନ୍ତି ନାଖରା, ପାଟଳି ପୁରା, ଦାରିହା, କାଠପାଳ, ସିଙ୍ଗଲା ମୁଣ୍ଡଳି, ଶାଳଗାଁ ପ୍ରଭୃତି ତଳିଆ ଅଞ୍ଚଳର ଗ୍ରାମବାସୀ ଭୟାତୁର ସ୍ଥିତିରେ ରହିଛନ୍ତି । ଏଭଳି ସ୍ଥିତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗର ଅଧିକାରୀମାନଙ୍କୁ ସତର୍କ ରହିବାକୁ ସୂଚନା ଦିଆଯାଇଛି। ଆଜି ମଙ୍ଗଳବାର ଅପରାହ୍ନରେ ଜିଲ୍ଲାପାଳ ହେମକାନ୍ତ ସଏ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର , ବେତନଟୀ ବ୍ଲକ ଏବିଡିଓ ଗଗନ ବିହାରୀ ବେହେରା , ବିଡିଓ ମୁନ୍ନା ସେଠୀ, ତହସିଲଦାର ଚନ୍ଦ୍ରଜିତ୍ ବେହେରା, ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା , ବଡ଼ସାହି ତହସିଲଦାର ବିଶ୍ୱନାଥ ବିଶ୍ୱାଳ , ବଡ଼ ସାହି ତହସିଲଦାର ବନଜା ଦାସ ପ୍ରମୁଖ ନାଖରା ସେତୁ ନିକଟରେ ପହଞ୍ଚି ସ୍ଥିତି ଅନୁଧାନ କରି ଫେରିଯାଇଛନ୍ତି। ତେବେ ସର୍ବଶେଷ ସୂଚନା ମୁତାବକ ସନ୍ଧ୍ୟା ଠାରୁ ଉପରମୁଣ୍ଡରେ ବର୍ଷାର ପ୍ରକୋପ ପାଇଁ ରାତ୍ରୀ ସୁଦ୍ଧା ପ୍ରବଳ କନ୍ୟାର ଆଶଙ୍କା ଥିବାର ଜଣାଯାଇଛି ଏନେଇ ପ୍ରଶାସନ ତରଫରୁ ତଳିଆ ଅଞ୍ଚଳର ଲୋକ ଙ୍କୁ ଆଣି ବେଲାଣପୁରା ବାତ୍ୟା ଆଶ୍ରୟ ସ୍ଥଳୀରେ ରଖାଯାଇ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି । ପାଟଳିପୁରା ସରପଞ୍ଚ ମମତା ନାଏକ, ସମାଜସେବୀ ଗଣେଶ୍ୱର ସାମଲ (ମିଟୁ ଭାଇ) ଅଶୋକ ପ୍ରଧାନ, ଈଶ୍ୱର ମହାପାତ୍ର, ଦେବାଶିଷ ସାମଲ, ଦିବାକର ଦାଶ ଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ବନ୍ୟା ପ୍ରପୀଡିତ ଙ୍କୁ ସହଯୋଗ କରୁଥିବାର ଦେଖାଯାଇଥିଲା ଓ ତେବେ ବୁଢ଼ାବଳଙ୍ଗ ର ତଳ ସ୍ତର ସହିତ ଗଙ୍ଗାହାର ଓ ସୋନ ନଦୀ ତେମୁହାଣି ଠାରେ ମିଶି ବାଲେଶ୍ୱର ଅଞ୍ଚଳରେ ଭୟ ସୃଷ୍ଟି କରିଥିବା ଜଣାଯାଇଛି ।






## ଜିଲ୍ଲାସ୍ତରୀୟ ହେପାଟାଇଟିସ ଦିବସ-୨୦୨୬ ପାଳିତ

ବାରିପଦା, ୨୮/୭ (ନି.ପ୍ର): ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଥିବା ସମ୍ମିଳନୀ କକ୍ଷରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱନାଥ ଦାସଙ୍କ ଅଧକ୍ଷତା ରେ ହେପାଟାଇଟିସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡା. ସୌମ୍ୟରଞ୍ଜନ ନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଅନିଲ କୁମାର ମହାନ୍ତି,ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ, ଡାକ୍ତର ବିଭୁଦତ୍ତ ଦାସ, ଏପିଡେମିଲଜିଷ୍ଟ, ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ରର ଅଧକ୍ଷା ଭାରତୀ ଆରୁଖ ଏବଂ ପ୍ରଶିକ୍ଷିକା ତଥା ସମସ୍ତ ତାଲିମ କେନ୍ଦ୍ରର ଛାତ୍ରୀ ଏବଂ ଆଇସି ଟି ସି କେନ୍ଦ୍ରର ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଡାକ୍ତର ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏବର୍ଷ ର ବାର୍ତା 'ହେପାଟାଇଟିସ ରୁ ସୁରକ୍ଷିତ ରହିବା ନିମନ୍ତେ ସମସ୍ତ ଭେଦଭାବ ଓ ପ୍ରତିବନ୍ଧକକୁ ଦୂର କରିବା ' ଉପରେ ବୁଝାଇଥିଲେ। ହେପାଟାଇଟିସ ରୋଗ ହେଲେ ରୋଗୀର ଯକୃତ କିପରି କାର୍ଯ୍ୟ ନକରି ଅଚଳ ହୋଇଯାଏ ଏବଂ ରୋଗୀ ମୃତ୍ୟୁ ମୁଖରେ ପଡେ ସେ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାଷ ଚନ୍ଦ୍ର ନାୟକ ହେପାଟାଇଟିସ ରୋଗର ଭୟବାହାତା ସମ୍ପର୍କରେ ଆଲୋକପାତ କରିବା ସହ ମାରାତ୍ମକ ରୋଗରୁ ରକ୍ଷା ପାଇବାପାଇଁ ସମସ୍ତ ସତର୍କତା ଅବଲମ୍ବନ କାରିବାପାଇଁ ପରାମର୍ଶ ଦେଇଥିଲେ ।ଉକ୍ତ ସଭାରେ ମୁଖ୍ୟ ବକ୍ତା ଡା. ସୋମ୍ୟରଞ୍ଜନ ନାୟକ କହିଥିଲେ ଯେ ହେପାଟାଇଟିସ ବି, ସି ଏବଂ ଡି ରକ୍ତ ଓ ରକ୍ତ ଜାତ ଉପାଦାନ ଏବଂ ବ୍ୟବହୃତ ହେଉଥିବା ସାମଗ୍ରୀ ଦ୍ୱାରା ବ୍ୟାପି ଥାଏ ଓ ହେପାଟାଇଟିସ ଏ ଓ ଇ ଦୂଷିତ ଜଳ ଓ ଖାଦ୍ୟ ଦ୍ୱାରା ବ୍ୟାପି ଥାଏ। ଏହି ରୋଗର ନିୟନ୍ତ୍ରଣ ନିମନ୍ତେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ମାଗଣା ପରୀକ୍ଷା ଓ ଚିକିତ୍ସା ବିଷୟରେ ଅବଗତ କରାଇଥିଲେ। ସମସ୍ତ ଗର୍ଭବତୀ ମହିଳା ମାନଙ୍କ ର ପରୀକ୍ଷା କରି ଚିକିତ୍ସା କରିବା ନିତ୍ୟାନ୍ତ ଜରୁରୀ ଅଟେ ଯଦ୍ୱାରା ଏହା ଚିରକାଳୀନ ରୋଗ ରେ ପରିଣତ ନହୁଏ ସେଥି ପ୍ରତି ସତର୍କ ହେବା। ଶିଶୁ ଜନ୍ମ ହେବାର ୨୪ ଘଣ୍ଟା ମଧରେ ହେପାଟାଇଟିସ ବି ଟୀକା କରଣ କରାଇବା ଜରୁରୀ ବୋଲି କହିଥିଲେ। ଏହାକୁ ପ୍ରତିହତ କରିବା ପାଇଁ ବ୍ୟାପକ ଜନ ସଚେତନ ଆବଶ୍ୟକ ରହିଛି ଏବଂ ସମୟଚିତ ପଦକ୍ଷେପ ନେବା ନିମନ୍ତେ କିଛି ଉପଦେଶାତ୍ମକ ଡାକ୍ତରୀ ପରାମର୍ଶ ଦେଇଥିଲେ। ଜିଲ୍ଲା ଏପିଡେମିଓଲୋଜିଷ୍ଟ ଡା. ବିଭୁଦତ୍ତ ଦାସ ମୟୁରଭଞ୍ଜ ଜିଲ୍ଲା ର ହେପାଟାଟିସ ରୋଗର ସବିଶେଷ ତଥ୍ୟ ପ୍ରଦାନ କରିବା ସହ କିଭଳି ବିଭିନ୍ନ କାର୍ଯକ୍ରମ ଚାଲୁଅଛି ସେ ବିଷୟରେ କହିଥିଲେ । ଏହି ଅବସରରେ ୨୫ ଜଣଙ୍କର ହେପାଟାଇଟିସ ପରୀକ୍ଷା କରାଯାଇଥିଲା। ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଗଣେଶ୍ୱର ମହାନ୍ତି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଏବଂ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୂର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।



## ରାଜ୍ୟରେ ସ୍ଥିତି ନିୟନ୍ତ୍ରଣାଧୀନ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨୮/୭ (ନି.ପ୍ର): ରାଜ୍ୟରେ ବର୍ଷା ସ୍ଥିତି ଓ ମୁକାବିଲା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖି କହିଛନ୍ତି ଯେ ରାଜ୍ୟରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଗତ ୨୪ ଘଂଟାରେ ରାଜ୍ୟରେ ହାରାହାରି ୪୭.୨ ମିମି ବର୍ଷା ହୋଇଛି। ଯାହାକି ସ୍ୱାଭାବିକ ଠାରୁ ଅଧିକ। ୮ଟି ବ୍ଲକରେ ୨୦୦ ମିମିରୁ ଅଧିକ ବର୍ଷା ରେକର୍ଡ ହୋଇଛି। ହୀରାକୁଦ ଡ୍ୟାମ୍ ର ମାତ୍ର ୨ଟି ଗେଟ୍ ଖୋଲା ଅଛି। ନରାଜରେ ୭ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ ଯାହାଦ୍ୱାରା ଚିନ୍ତାର କାରଣ ନାହିଁ। ଜଳକା ଛାଡ଼ିଦେଲେ ମହାନଦୀ, ବୈତରଣୀ, ସାଳନ୍ଦୀ ବିପଦ ସଙ୍କେତ ତଳେ ରହିଛି। ସୁନ୍ଦରଗଡ଼, ବାଲେଶ୍ୱର ଓ ଭଦ୍ରକରେ ଓଡ୍ରାଫ୍ ଓ ଅଗ୍ନିଶମ ଟିମ୍ ମୁତୟନ ଅଛନ୍ତି। ପ୍ରଭାବିତ ଅଂଚଳରୁ ସ୍ଥାନାନ୍ତର ମଧ ଆରମ୍ଭ ହୋଇଗଲାଣି, ରନ୍ଧା ଖାଦ୍ୟ ବଂଟନ ହେଉଛି ବୋଲି କହିଛନ୍ତି ମନ୍ତ୍ରୀ।

❒ ସମ୍ପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida